# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୭/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 7/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 222 | ମୂଲ୍ୟ ₹୭/-




## ଆକାଶ ଦୀପ୍‌ଙ୍କ ପ୍ରଭାବୀ ବୋଲିଂ

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ଭାରତୀୟ ବୋଲର ଆକାଶ ଦୀପ୍।

୧୪

୦୨

## ଏଲନ୍ ମସ୍କ ଗଢ଼ିଲେ ‘ଆମେରିକା ପାର୍ଟି’

ଆମେରିକୀୟ ଟେକ୍ ବିଲିୟନେୟାର ଏଲନ୍ ମସ୍କ ‘ଆମେରିକା ପାର୍ଟି’ ନାମରେ ଏକ ନୂତନ ରାଜନୈତିକ ଦଳ ଗଠନ କରିଥିବା ରବିବାର ଏକ୍ସ’ରେ ଘୋଷଣା କରିଛନ୍ତି।









ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ରବିବାର ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥରେ ସୁନାବେଶରେ ଝଲସୁଛନ୍ତି ବଡ଼ ଠାକୁର ଶ୍ରୀବଳଭଦ୍ର, ମା’ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥ।

## ରଥ ତଳେ ଚାପି ହୋଇ ୪ ନାବାଳକ ଗୁରୁତର

ବିନିକା, ୬।୭ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ରବିବାର ଅପରାହ୍ନରେ ବାହୁଡ଼ାଯାତ୍ରାବେଳେ ରଥତଳେ ଚାପିହୋଇ ୪ ନାବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିନିକା କଂସାରୀପଡ଼ାର ପ୍ରତ୍ୟୁଷ ମାହାଣା (୧୧), ସରୋଜ ଦାସ(୯), ଆଦର୍ଶ ଦାସ (୯) ଏବଂ ନୂଆପଡ଼ାର ପିଙ୍କୁ ମେହେର (୧୨)। ସମସ୍ତଙ୍କୁ ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପିଙ୍କୁଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

ଶନିବାର ଏଠାରେ ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା। ରବିବାର ଅପରାହ୍ନରେ ରଥଟଣା ହୋଇଥିଲା। ପ୍ରତିବର୍ଷ ପରି ଏଠାରେ ୨ଟି ରଥ ହୋଇଥିଲା। ଗୋଟିଏରେ ପ୍ରଭୁ ଜଗନ୍ନାଥ ଓ ଅନ୍ୟ ଗୋଟିଏରେ ବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ। ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଦେଖିବା ପାଇଁ ପ୍ରତ୍ୟୁଷ, ସରୋଜ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

‘ସରକାରୀ’, ‘ବେସରକାରୀ’ ତଥ୍ୟ

## ମୀନାକ୍ଷୀ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ



ମୀନାକ୍ଷୀ ବାହିନୀପତି

ଭୁବନେଶ୍ୱର,୬।୭ (ରବିନାରାୟଣ ଜେନା)

ବରିଷ୍ଠ କଂଗ୍ରେସ ନେତ୍ରୀ ମୀନାକ୍ଷୀ ବାହିନୀପତି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ପୁନର୍ବାର ନିଯୁକ୍ତ ହୋଇଛନ୍ତି। ରବିବାର ଅଖିଳ ଭାରତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ମୀନାକ୍ଷୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳ ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ☞ପୃଷ୍ଠା-୪

# ସୁନାବେଶରେ ଝଲସିଲେ ଦାରୁଦିଅଁ

ପୁରୀ,୬।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶନିବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ଏକାଦଶୀ ତିଥିରେ ରବିବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଶ୍ରୀବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହୋଇ ଝଟକିଥିଲେ। ବିଶ୍ୱନିୟନ୍ତାଙ୍କ ଏହି ଅନନ୍ୟ ବେଶକୁ ସୁନାବେଶ, ରାଜରାଜେଶ୍ୱର ଓ ବଡ଼ତଡ଼ାଉ ବେଶ ବୋଲି କୁହାଯାଏ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଅପରାହ୍ନ ୧ଟା ୪୫ରୁ ୨ଟା ୪୫ ମଧ୍ୟରେ ମଧ୍ୟାହ୍ନ

### ବଡ଼ଦାଣ୍ଡ ପାଲଟିଲା ଜନସମୁଦ୍ର

ଧୂପ ସମ୍ପନ୍ନ ହୋଇଥିଲା। ପରେ ମଇଲମ ଓ ଶାଢ଼ି ଖଣ୍ଡୁଆ ଲାଗି ଶେଷହୋଇ ୪ଟା ୧୫ରେ ସନ୍ଧ୍ୟା ଆଳତି ସରିଥିଲା। ସର୍ବାଙ୍ଗ ନୀତି ସରିବା ପରେ ୪ଟା ୪୫ରୁ ଠାକୁରଙ୍କ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ଭଣ୍ଡାରଘରୁ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ସୁନା ଅଳଙ୍କାରଗୁଡ଼ିକୁ ରଥ ଉପରକୁ ଅଣାଯାଇଥିଲା। ସୁନାବେଶ ସନ୍ଧ୍ୟା ୫ଟା ୫୫ରେ ସରିଥିଲା। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନ କିରୀଟ, କଣ୍ଠମାଳ, ବଳା, ବାହୁଟି, କାନ୍ତ, କଟିମେଖଳା, ଓଡ଼ିଆଣୀ, ହଳମୂଷଳ, ରୌପ୍ୟ ଶଙ୍ଖ, ଚକ୍ର, ବାଘନଖ, ବାହାଡ଼ା ମାଳି, କୁଣ୍ଡଳ, ସେବତୀ ମାଳି, ଚନ୍ଦ୍ର, ସୂର୍ଯ୍ୟ, କମରପଟି, ତିଳକ, ଘାଗଡ଼ା ମାଳି, କଦମ୍ବ ମାଳି, ତ୍ରିଖଣ୍ଡିକା, ଆଡକାନି ସହ ରତ୍ନଖଚିତ ୧୩୮ ପ୍ରକାର ବହୁବିଧ ରତ୍ନଅଳଙ୍କାରରେ ସଜେଇ ହୋଇଥିଲେ। ଭକ୍ତମାନେ ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଧାଡ଼ିରେ ଆସି ନନ୍ଦିଘୋଷ ରଥ ବାମପାର୍ଶ୍ୱ ଦେଇ ତିନିରଥ ସମ୍ମୁଖକୁ ଆସି ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନ କରିବା ପରେ ତାଳଧ୍ୱଜ ରଥର ଡାହାଣ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିଥିଲେ। ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଡ୍ରୋନ ଏବଂ ଏଆଇ କ୍ୟାମେରା ମାଧ୍ୟମରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଇଥିଲା।

### ଆଜି ଅଧରପଣା ନୀତି

ପୁରୀ, ୬।୭ (ଅଜିତ୍ କୁମାର ମହାନ୍ତି)

ସରି ଆସୁଛି ଚଳିତ ବର୍ଷର ରଥଯାତ୍ରା। ରବିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଅଧରପଣା ନୀତି ଅନୁଷ୍ଠିତ ହେବ। ରଥାରୂଢ଼ ଠାକୁରମାନଙ୍କୁ ଲାଗିହେବ ପଣା। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟିହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ତିନି ବାଡ଼ରେ ତିନି ରଥ ଉପରେ ତିନୋଟି ଲେଖାଏ ହିସାବରେ ମୋଟ ୯ଟି ହାଣ୍ଡିରେ ପଣାଭୋଗ କରାଯିବ। ପୂର୍ବରୁ ୧୨ ହାଣ୍ଡିରେ ଏବଂ ୩ଦିନ ଧରି ଅଧରପଣା ନୀତି ☞ପୃଷ୍ଠା-୪

# କିଛି ସମର୍ଥନ, କିଛି ବିରୋଧ

### ଏକକାଳୀନ ନିର୍ବାଚନ

ନୂଆଦିଲ୍ଲୀ,୬।୭

ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ ଏକସଙ୍ଗେ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ଭାରତର ୩ ଜଣ ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) କିଛି ସମର୍ଥନ କରିଥିବାବେଳେ ଏଥିରେ ଥିବା କେତେକ ପ୍ରସଙ୍ଗକୁ ବିରୋଧ ମଧ୍ୟ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବ ସିଜେଆଇମାନେ ‘ଏକ ଦେଶ ଏକ ନିର୍ବାଚନ’ ସମ୍ପର୍କିତ ବିଲ୍ ଉପରେ ଅନୁଧ୍ୟାନ ପାଇଁ ଗଢ଼ାଯାଇଥିବା ସଂସଦୀୟ କମିଟିକୁ ନିଜ ନିଜର ମତ ଜଣାଇଦେଇଛନ୍ତି। ତେବେ ଏଥିରେ ନିର୍ବାଚନ କମିଶନ(ଇସି)ଙ୍କୁ ପ୍ରଦତ୍ତ କ୍ଷମତା ସମେତ ବିଭିନ୍ନ ଦିଗକୁ ନେଇ ଚିନ୍ତା ପ୍ରକଟ କରିବା ସହ ଏକାଧିକ ପ୍ରସ୍ତାବ ଦେଇଛନ୍ତି। ପୂର୍ବତନ ସିଜେଆଇ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଯୁଗ୍ମ ସଂସଦୀୟ କମିଟିରେ ମତାମତ ଦାଖଲ କରିଛନ୍ତି। ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ କରାଗଲେ ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତର ଉଲ୍ଲଂଘନ ହେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ କରାଯାଇଥିବା ସମାଲୋଚନାକୁ ସେ ଖଣ୍ଡନ କରିଦେଇଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ପୃଥକ୍ ଭାବେ କରାଯିବ ବୋଲି ସମ୍ବିଧାନରେ ବାଧ୍ୟତାମୂଳକ କରାଯାଇ ନ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ତେବେ ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ଆଇନରେ ଇସିଙ୍କୁ ଯେଉଁ କ୍ଷମତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ତାକୁ ନେଇ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ଉଠାଇଥିବା ପ୍ରଶ୍ନ ସହ ଚନ୍ଦ୍ରଚୂଡ଼ ସହମତି ପ୍ରକାଶ କରିଛନ୍ତି। ଇସିଙ୍କୁ ଏଭଳି ନିରଙ୍କୁଶ କ୍ଷମତା ପ୍ରଦାନ ଫଳରେ କମିଶନ ଏକକାଳୀନ ନିର୍ବାଚନ କରାଇବା ଆଳରେ କୌଣସି ବିଧାନସଭାର କାର୍ଯ୍ୟକାଳ ହ୍ରାସ କିମ୍ବା ବୃଦ୍ଧି କରାଇବା ବ୍ୟବହାରିକ ନୁହେଁ। ଇସିଆଇ କେଉଁ ☞ପୃଷ୍ଠା-୪

# କୁକୁଡ଼ା ଫାର୍ମ କାନ୍ଥ ପଡ଼ି ୨ ମହିଳାଙ୍କ ମୃତ୍ୟୁ

ନୂଆପଡ଼ା,୬।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଲଖନା ଥାନା ସିଲ୍‌ଭା ପଞ୍ଚାୟତ ପଟପରପାଲି ଗାଁରେ ରବିବାର ଏକ ଅଘଟଣ ଘଟିଛି। ନିର୍ମାଣାଧୀନ କୁକୁଡ଼ା ଫାର୍ମ କାନ୍ଥ ପଡି ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ରୂପେ ଶବର (୭୦) ଓ ବାଳମତି ଶବର (୨୮)। ସୂଚନା ମୁତାବକ ପଟପରପାଲି ଗାଁର ଦିବାକର ଶବର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ କୋମନା ତରଫରୁ ୧ ଲକ୍ଷ ୮୦ ହଜାର ଟଙ୍କାର ସହାୟତା ପାଇ ୫୦୦ ବଏଲର କୁକୁଡ଼ା ପାଳନ ପାଇଁ ଗୃହ ନିର୍ମାଣ କରୁଥିଲେ। କୁକୁଡ଼ା ଫାର୍ମ ଗୃହ କାର୍ଯ୍ୟ ଛାତ ଲେବୁଲ ପର୍ଯ୍ୟନ୍ତ ଯାଇ ପ୍ଲାଷ୍ଟର କାମ ଚାଲିଥିଲା। ଫାର୍ମ ଚାରିପଟେ ପଡିଥିବା ଇଟାକୁ ଦିବାକରଙ୍କ ସ୍ତ୍ରୀ ବାଳମତି ଓ ଆଇ ରୂପେ ସଂଗ୍ରହ କରୁଥିବା ବେଳେ ପୂର୍ବାହ୍ନ ୧୧ଟା ସମୟରେ ହଠାତ୍ କାନ୍ଥ ଭୁଶୁଡି ସେମାନଙ୍କ ଉପରେ ପଡିଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିବା ବେଳେ ନିକଟରେ ଥିବା ବାଳମତିଙ୍କ ୫ବର୍ଷର ଝିଅ ସିଦ୍ଧି ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଲଖନା ପୋଲିସ ଓ ନୂଆପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କୋମନା ତହସିଲର ରାଜସ୍ୱ ☞ପୃଷ୍ଠା-୪

# ୧୨ ବର୍ଷରେ ଘରେ ବସି ୨୮ ଲକ୍ଷ ଦରମା

ଭୋପାଳ, ୬।୭

ମଧ୍ୟପ୍ରଦେଶ ପୋଲିସରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଜଣେ କନ୍‌ଷ୍ଟେବଲ ୧୨ ବର୍ଷ ପର୍ଯ୍ୟନ୍ତ ବିନା ଡ୍ୟୁଟି କରି ୨୮ ଲକ୍ଷ ଟଙ୍କା ଦରମା ନେଇଛନ୍ତି। ଉକ୍ତ କନ୍‌ଷ୍ଟେବଲ ଜଣକ ମଧ୍ୟପ୍ରଦେଶର ବିଦିଶା ଜିଲା ନିବାସୀ ହୋଇଥିବା ବେଳେ ସେ ୨୦୧୧ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ନିଯୁକ୍ତି ପରେ ତାଙ୍କୁ ଭୋପାଳ ପୋଲିସ ଲାଇନ୍‌ରେ ପୋଷ୍ଟିଂ ମିଳିଥିଲା। ପ୍ରଥମେ ତାଙ୍କୁ ତାଲିମ ପାଇଁ ସାଗର ଟ୍ରେନିଂ ସେଣ୍ଟରକୁ ପଠାଯାଇଥିଲା। ତେବେ କନ୍‌ଷ୍ଟେବଲ ଜଣଙ୍କ ଟ୍ରେନିଂରେ ପହଞ୍ଚିବା ବଦଳରେ ବିଦିଶାସ୍ଥିତ ନିଜ ଘରକୁ ଫେରିଆସିଥିଲେ। ସେ କୌଣସି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ନ ଥିଲେ କି ଛୁଟି ପାଇଁ ମଧ୍ୟ ଆବେଦନ ମଧ୍ୟ କରି ନ ଥିଲେ। ବରଂ ସେ ତାଙ୍କ ସର୍ଭିସ୍ ଫାଇଲକୁ ସ୍ପିଡ୍‌ପୋଷ୍ଟ ଯୋଗେ ଭୋପାଳ ପଠାଇଦେଇଥିଲେ। ସେଠାରେ ତାଙ୍କ ସର୍ଭିସ୍ ଫାଇଲକୁ ବିନା କୌଣସି ଯାଞ୍ଚରେ ଗ୍ରହଣ କରାଯାଇଥିଲା। ଏହାପରେ ଟ୍ରେନିଂ ସେଣ୍ଟର କିମ୍ବା ଭୋପାଳ ପୋଲିସ ଲାଇନରେ ଉକ୍ତ କନ୍‌ଷ୍ଟେବଲଙ୍କ ଅନୁପସ୍ଥିତି ସମ୍ପର୍କରେ କେହି ବିଶେଷ ଧ୍ୟାନ ଦେଇ ନ ଥିଲେ। ଏହିପରି ଭାବେ ବର୍ଷ ପରେ ବର୍ଷ ଧରି କନ୍‌ଷ୍ଟେବଲ ଜଣକ ବିନା ଡ୍ୟୁଟିରେ ଦରମା ପାଇଚାଲିଥିଲେ। ୧୨ ବର୍ଷ ଧରି କୌଣସି ଅଧିକାରୀ ଏହି ଅନିୟମିତତାକୁ ଚିହ୍ନଟ କରିପାରି ନ ଥିଲେ। ୨୦୨୩ରେ ୨୦୧୧ ବ୍ୟାଚ୍‌ର ପୋଲିସ କର୍ମୀଙ୍କ ☞ପୃଷ୍ଠା-୪

# ହୀରାକୁଦ ଛାଡ଼ିଲା ପ୍ରଥମ ବନ୍ୟାଜଳ

- ୨୦ଟି ସ୍ଲୁଇସ୍ ଗେଟ୍‌ରେ ଜଳ ନିଷ୍କାସିତ
- ତଳମୁଣ୍ଡ ପ୍ରତି ବିପଦ ଆଶଙ୍କା ନାହିଁ
- ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନିଷ୍ପତ୍ତି ନିଆଯିବ



ସମ୍ବଲପୁର, ୬।୭(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ହୀରାକୁଦ ଜଳଭଣ୍ଡାରରୁ ରବିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ବର୍ତ୍ତମାନ ବାମପାର୍ଶ୍ୱରେ ୧୩ ଓ ଦକ୍ଷିଣପାର୍ଶ୍ୱରେ ୭ ମିଶି ମୋଟ ୨୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ଜଳଭଣ୍ଡାରରୁ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରବିବାର ସକାଳେ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କ ଫାଟକ ପରିଚାଳନା କକ୍ଷରେ ପାରମ୍ପରିକ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ ପରେ ଅତିଥିମାନେ ସୁଇଚ୍ ଟିପି ସ୍ଲୁଇସ୍ ଗେଟ୍‌ଗୁଡ଼ିକୁ ଖୋଲିଥିଲେ। ଅତିଥିଭାବେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ସୁଭଦ୍ରା ପଣ୍ଡା ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟା ୨୦ରେ ସର୍ବପ୍ରଥମେ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୭ନଂ.ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ପର୍ଯ୍ୟାୟକ୍ରମେ ବାମପାର୍ଶ୍ୱର ୮ ଓ ଦକ୍ଷିଣପାର୍ଶ୍ୱର ୪ ମିଶି ପ୍ରଥମ ଦଫାରେ ୧୨ଟି ଗେଟ୍ ଖୋଲାଯାଇଥିଲା। ଅପରାହ୍ନରେ ଜଳଭଣ୍ଡାର ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଜଳଭଣ୍ଡାରର ବାମପାର୍ଶ୍ୱର ୫ ଓ ଦକ୍ଷିଣ ପାର୍ଶ୍ୱର ୩ ମିଶି ଅଧିକ ୮ ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏନେଇ ମୁଖ୍ୟଯନ୍ତ୍ରୀ ତଥା ପ୍ରବନ୍ଧକ ମହାନଦୀ ବେସିନ, ବୁର୍ଲାର ସୁଶୀଲ କୁମାର ବେହେରା କହିଛନ୍ତି, ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ବର୍ତ୍ତମାନ ଛତିଶଗଡ଼ର କଲମା ବ୍ୟାରେଜ୍‌ର ୫୬ଟି ଗେଟ୍ ଖୋଲାଯାଇଥିଲେ ହେଁ ହୀରାକୁଦ ଜଳଭଣ୍ଡାର ଉପରେ ବର୍ତ୍ତମାନ କୌଣସି ପ୍ରଭାବ ନାହିଁ। ସୁନ୍ଦରଗଡ଼, ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଯୋଗୁ ଏଅଞ୍ଚଳ ଦେଇ ପ୍ରବାହିତ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ସେହି ନଦୀଗୁଡ଼ିକ ମହାନଦୀରେ ମିଶିଥିବାରୁ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ଅଧିକ ରହିଛି। ତେବେ ଆଗକୁ ଅଧିକ ସ୍ଲୁଇସ୍ ଗେଟ୍ ଖୋଲାଯିବା ସମ୍ପୂର୍ଣ୍ଣ ଭାବେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ସ୍ଥିତି ଉପରେ ନିର୍ଭର କରେ ବୋଲି ମୁଖ୍ୟଯନ୍ତ୍ରୀ ବେହେରା କହିଛନ୍ତି। ରବିବାର ଅପରାହ୍ନ ୫ଟାର ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୧୦ ଫୁଟ ରହିଛି। ଏହି ସମୟରେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୫ ହଜାର ୯୬୩ ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି।

# ଚାଇନାରେ କ୍ଷମତା ବିକେନ୍ଦ୍ରୀକରଣ ଆରମ୍ଭ

**ଚାଇନାର ଆଜୀବନ ନେତା ବିବେଚିତ ହେଉଥିବା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଶାସକ କମ୍ୟୁନିଷ୍ଟ ପାର୍ଟିର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ କ୍ଷମତା ପ୍ରଦାନ କରିବା ଆରମ୍ଭ କରିଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ୧୨ ବର୍ଷ ଶାସନ କାଳରେ ପ୍ରଥମ ଥର ଏଭଳି ହେଉଥିବାରୁ ତାଙ୍କ କ୍ଷମତା ଅପସାରଣ ଓ ଅବସର ପ୍ରସ୍ତୁତି ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି।**

## ଜିନ୍‌ପିଙ୍ଗ୍‌ଙ୍କ ଅବସର ପ୍ରସ୍ତୁତିର ସଙ୍କେତ: ବିଶ୍ଳେଷକ

ବେଜିଂ,୬।୭(ପି.ଟି./ଏଜେନ୍ସି)


ଶି ଜିନ୍‌ପିଙ୍ଗ୍

ଚାଇନାର ସରକାରୀ ଗଣମାଧ୍ୟମ ଶିନ୍‌ହୁଆରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ୨୪ ସଦସ୍ୟ ବିଶିଷ୍ଟ ପ୍ରଭାବଶାଳୀ ପଲିଟିକାଲ ବ୍ୟୁରୋ ବୈଠକ ଜୁନ୍ ୩୦ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଦଳର ସଂସ୍ଥାଗତ କାର୍ଯ୍ୟର ନୂଆ ନିୟାମକ ଉପରେ ସମୀକ୍ଷା କରାଯାଇଥିଲା। ଜିନ୍‌ପିଙ୍ଗ ନିଜେ ଏହି ବୈଠକରେ ଅଧ୍ୟକ୍ଷତା କରି ସିପିସି ସେଣ୍ଟ୍ରାଲ କମିଟିର ନିଷ୍ପତ୍ତି ଗ୍ରହଣକାରୀ, ସଂସ୍ଥାଗୁଡ଼ିକର ସମନ୍ୱୟ ଆଦିକୁ ନେଇ ବିଭିନ୍ନ କାର୍ଯ୍ୟକୁ ଉନ୍ନତ କରିବା ଏବଂ ଉତ୍ତରଦାୟିତ୍ୱକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଭଳି ସଂସ୍ଥାଗୁଡ଼ିକ ଅଧିକ ପ୍ରଭାବଶାଳୀ ହେବା ଉଚିତ ବୋଲି ସେ ମତ ଦେଇଥିଲେ। ଏହା ଉପରେ ଚାଇନାର ଜଣେ ରାଜନୈତିକ ବିଶ୍ଳେଷକ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି, ଦଳର ବିଭିନ୍ନ ବିଭାଗର ନିୟାମକରେ ଏପରି ପରିବର୍ତ୍ତନରୁ ଜିନ୍‌ପିଙ୍ଗ୍‌ଙ୍କ ଅବସର ପ୍ରସ୍ତୁତିର ସଙ୍କେତ ମିଳୁଛି। ବର୍ତ୍ତମାନ କ୍ଷମତା ହସ୍ତାନ୍ତର ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ଏପରି କରାଯାଉଛି ବୋଲି ହଂକଂରୁ ପ୍ରକାଶିତ ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ରବିବାର ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଅନ୍ୟ କେତେଜଣ ବିଶେଷଜ୍ଞ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ସିପିସି ପ୍ରତିଷ୍ଠାତା ମାଓ ଜେଡୋଙ୍ଗ୍‌ଙ୍କ ପରେ ସବୁଠୁ ଶକ୍ତିଶାଳୀ ନେତା ମନେକରାଯାଉଥିବା ଜିନ୍‌ପିଙ୍ଗ୍ ବୃହତ୍ ପ୍ରସଙ୍ଗଗୁଡ଼ିକରେ କ୍ଷମତା ବିକେନ୍ଦ୍ରୀକରଣ କରୁଛନ୍ତି।

ଜୁଲାଇ ୬ ଓ ୭ରେ ବ୍ରାଜିଲ ଅଧ୍ୟକ୍ଷତାରେ ରିଓ ଡି. ଜେନେରିଓରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରବିବାର ଏହି ସମିଟ୍‌ରେ ଜିନ୍‌ପିଙ୍ଗ୍ ଯୋଗ ଦେଇନାହାନ୍ତି। ଜିନ୍‌ପିଙ୍ଗ୍ ରାଷ୍ଟ୍ରପତି ହେବା ପରେ ବ୍ରିକ୍ସ ସମ୍ମିଳନୀରେ ଯୋଗ ନ ଦେବା ଏହା ପ୍ରଥମ ଘଟଣା। ତାଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ ଉକ୍ତ ସମିଟ୍‌ରେ ଚାଇନା ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି।

୨୦୧୨ରେ ଜିନ୍‌ପିଙ୍ଗ୍ ସିପିସି ଜେନେରାଲ ସେକ୍ରେଟାରି ପଦ ମଣ୍ଡନ ସହ କ୍ଷମତାସୀନ ଅଛନ୍ତି। ପୂର୍ବରୁ ଦେଶର ଉପରାଷ୍ଟ୍ରପତି ଥିବା ଜିନ୍‌ପିଙ୍ଗ୍ ପରବର୍ତ୍ତୀ ସମୟରେ ଦଳ, ରାଷ୍ଟ୍ରପତିତ୍ୱ, ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି) ଅଧ୍ୟକ୍ଷ ତଥା ଚାଇନା ସଶସ୍ତ୍ର ବଳର ହାଇକମାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷମତାକେନ୍ଦ୍ରଗୁଡ଼ିକୁ ଅକ୍ତିଆର କରିଥିଲେ। ୨୦୨୭ରେ ସିପିସି ଅଧୀନରେ କଂଗ୍ରେସର ପରବର୍ତ୍ତୀ ୫ ବର୍ଷିଆ ଅବଧି ଶେଷ ହୋଇଯିବ। ଏଥିସହ ଜିନ୍‌ପିଙ୍ଗ୍‌ଙ୍କ ତୃତୀୟ ପାଳି ମଧ୍ୟ ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ଦେଶ ବାହାରେ ରାଷ୍ଟ୍ରପତିଙ୍କ ବିରୋଧରେ ଚାଇନିଜ୍‌ମାନଙ୍କ ଅସନ୍ତୋଷ ବୃଦ୍ଧି କ୍ଷମତା ସଂଘର୍ଷକୁ ପଦାକୁ ଆଣିଛି।

# ଏଲନ୍ ମସ୍କ ଗଢ଼ିଲେ 'ଆମେରିକା ପାର୍ଟି'

## ଦେଶର ଦ୍ୱିଦଳୀୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ

ନ୍ୟୁୟର୍କ,୬।୭



ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ମୁହାଁମୁହିଁ ଅବସ୍ଥାରେ ଥିବା ଟେକ୍ ବିଲିୟନେୟାର ଏଲନ୍ ମସ୍କ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇବା ପାଇଁ ଏକ ନୂତନ ରାଜନୈତିକ ଦଳ ଗଠନ କରିଥିବା ରବିବାର ଘୋଷଣା କରିଛନ୍ତି। ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ମସ୍କ ଉଲ୍ଲେଖ କରିଛନ୍ତି, 'ଆମେରିକା ପାର୍ଟି' ଆମେରିକାର ଦ୍ୱିଦଳୀୟ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଚ୍ୟାଲେଞ୍ଜ କରିବ। ଏହା ଦେଶବାସୀଙ୍କୁ ସେମାନଙ୍କ ସ୍ୱାଧୀନତା ଫେରାଇ ଆଣିବାରେ ସହାୟକ ହେବ। ଅପଚୟ ଓ ଲାଞ୍ଚ ସହ ଦେଶ ଦେବାଳିଆ ହୋଇଯିବା ଆଶଙ୍କା ଉପୁଜିଛି। ଆମେ ଏକ-ଦଳୀୟ ବ୍ୟବସ୍ଥା ଭିତରେ ବଞ୍ଚୁଛେ, ଯାହାକି ଏକ ଗଣତନ୍ତ୍ର ନୁହେଁ ବୋଲି ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ସିଇଓ ମସ୍କ କହିଛନ୍ତି। ତେବେ ତାଙ୍କ ନୂଆ ଦଳ କେବେ ପଞ୍ଜୀକୃତ ହେବ ସେନେଇ ସେ କିଛି ଉଲ୍ଲେଖ କରିନାହାନ୍ତି। ଆମେରିକାରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆଇନତଃ ଏକ ରାଜନୈତିକ ଦଳ ଗଠନ ପାଇଁ ଫେଡେରାଲ ଇଲେକ୍ସନ କମିଶନ (ଏଫ୍‌ଇସି)ରେ ତାହା ପଞ୍ଜୀକୃତ ହେବା ଅନିବାର୍ଯ୍ୟ। ଉଲ୍ଲେଖଯୋଗ୍ୟ, ପୂର୍ବତନ ଡେମୋକ୍ରାଟ୍ ପ୍ରେସିଡେଣ୍ଟ ଜୋ ବାଇଡେନ୍‌ଙ୍କୁ ହରାଇବା ପାଇଁ ୨୦୨୪ରେ ରିପବ୍ଲିକାନ୍ ଟ୍ରମ୍ପଙ୍କୁ ତାଙ୍କ ତତ୍କାଳୀନ ଘନିଷ୍ଠ ସହଯୋଗୀ ମସ୍କ ସର୍ବାଧିକ ଚାନ୍ଦା ଦେଇଥିଲେ। ତେବେ ଟ୍ରମ୍ପଙ୍କ ବିଗ୍ ବ୍ୟୁଟିଫୁଲ୍ ଟ୍ୟାକ୍ସ ବିଲ୍‌କୁ ନେଇ ଉଭୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବାରୁ ଉଭୟେ ପରସ୍ପରର ରାଜନୈତିକ ଶତ୍ରୁ ପାଲଟିଯାଇଛନ୍ତି।

ଅନ୍ୟପକ୍ଷେ ଆମେରିକା ସମ୍ବିଧାନର ଆର୍ଟିକିଲ୍ ଦ୍ୱିତୀୟ ଧାରା ୧ ଅନୁସାରେ ଦେଶରେ ଜନ୍ମିତ ବ୍ୟକ୍ତି ହିଁ ରାଷ୍ଟ୍ରପତି ହୋଇପାରିବେ। ମସ୍କ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ରାଷ୍ଟ୍ରପତି ପଦ ମଣ୍ଡନ କରିବାକୁ ଅଯୋଗ୍ୟ।


ଟେକ୍ସାସ୍‌ର ସାନ୍ ଆଞ୍ଜୋଲୋ ସହରରେ ରବିବାର ବନ୍ୟା ପାଣିରେ ଅନେକ ଘର ଏବଂ କାର୍ ବୁଡ଼ି ରହିଛି।

# ଟେକ୍ସାସ୍ ବନ୍ୟାରେ ୫୧ ମୃତ

ଟେକ୍ସାସ୍, ୬।୭

ଆମେରିକାର ଟେକ୍ସାସ୍‌ରେ ଦେଖାଦେଇଥିବା ବନ୍ୟା ସ୍ଥିତିରେ ମୃତ୍ୟୁସଂଖ୍ୟା ବଢ଼ି ରବିବାର ୫୧ରେ ପହଞ୍ଚିଛି। କେବଳ କେର୍ କାଉଣ୍ଟିରେ ୪୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୫ ଜଣ ଶିଶୁ ରହିଛନ୍ତି। ସେହିପରି ନିକଟସ୍ଥ କାଉଣ୍ଟିଗୁଡ଼ିକରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଗ୍ୱାଡାଲୁପ ନଦୀରେ ଜଳସ୍ତର ବୃଦ୍ଧି ଘଟି ଏହି ବନ୍ୟା ସ୍ଥିତି ଦେଖାଦେଇଛି। କେର୍‌ଭିଲ ସହରରେ ଏକ ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିରକୁ ଯାଇଥିବା ୨୭ ଜଣ ଛାତ୍ରୀ ଏହି ବନ୍ୟାରେ ଏବେ ମଧ୍ୟ ନିଖୋଜ ରହିଛନ୍ତି। ହେଲିକପ୍ଟର, ବୋଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ଉଦ୍ଧାରକାରୀ ଦଳ ସେମାନଙ୍କୁ ଖୋଜିବା ପାଇଁ ପ୍ରୟାସ ଚଳାଇଛି।

# ନିମ୍ନମାନର ହେଲ୍‌ମେଟ୍ ବିକିଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୬।୭



ନିମ୍ନମାନର ହେଲ୍‌ମେଟ୍ ଉତ୍ପାଦନକାରୀ ଓ ଖୁଚୁରା ବିକ୍ରେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଦୁଇଚକିଆ ଯାନ ଆରୋହୀଙ୍କ ସୁରକ୍ଷା ପାଇଁ ବିଆଇଏସ୍ ସାର୍ଟିଫିକେଟଯୁକ୍ତ ହେଲ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତରେ ୨୧ କୋଟିରୁ ଊର୍ଦ୍ଧ୍ୱ ୨ ଚକିଆ ଯାନ ଚଳାଚଳ କରୁଥିବାବେଳେ ନିମ୍ନମାନର ହେଲ୍‌ମେଟ୍ ବିକ୍ରି ଯୋଗୁ ବିପଦ ସୃଷ୍ଟି ହେବା ସହ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢୁଛି। ଗ୍ରାହକମାନେ କେବଳ ବିଆଇଏସ୍ ମାର୍କ ଥିବା ହେଲ୍‌ମେଟ୍ ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର କହିଛନ୍ତି।

# ସରକାରୀ ବଙ୍ଗଳାରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼

## ଖାଲି କରାଇବାକୁ କେନ୍ଦ୍ରକୁ ଅନୁରୋଧ କଲା ସୁପ୍ରିମକୋର୍ଟ ପ୍ରଶାସନ

ନୂଆଦିଲ୍ଲୀ,୬।୭(ପି.ଟି.)


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଭାରତର ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ନୂଆଦିଲ୍ଲୀର କ୍ରିଷ୍ଣା ମେନନ୍ ମାର୍ଗସ୍ଥିତ ସରକାରୀ ବଙ୍ଗଳା ଏପର୍ଯ୍ୟନ୍ତ ଛାଡ଼ିନାହାନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅନୁମତିଯୋଗ୍ୟ ସମୟସୀମା ଅତିକ୍ରମ କରି ସେଠାରେ ଅବସ୍ଥାନ କରୁଥିବାରୁ ସରକାରୀ ବାସଭବନ ଖାଲି କରାଇବା ପାଇଁ ସୁପ୍ରିମକୋର୍ଟ ପ୍ରଶାସନ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛି। ୨୦୨୨ ନଭେମ୍ବରରୁ ୨୦୨୪ ନଭେମ୍ବର ପର୍ଯ୍ୟନ୍ତ ଦେଶର ୫୦ତମ ସିଜେଆଇ ଭାବେ କାର୍ଯ୍ୟ କରିଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବସରର ୮ ମାସ ପରେ ମଧ୍ୟ ପ୍ରଧାନ ବିଚାରପତିଙ୍କ ସରକାରୀ ବାସଭବନରେ ରହିଛନ୍ତି। ତାଙ୍କ ଉତ୍ତରାଧିକାରୀ ତଥା ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଅବଧି ୬ ମାସ ଥିବାରୁ ସେ ଉକ୍ତ ବାସଭବନକୁ ନ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହିପରି ବର୍ତ୍ତମାନର ସିଜେଆଇ ବି.ଆର. ଗବଇ ମଧ୍ୟ ପୂର୍ବରୁ ଆବଣ୍ଟିତ ବଙ୍ଗଳାରେ ରହୁଛନ୍ତି। ସୁପ୍ରିମକୋର୍ଟ ବିଚାରପତି (ସଂଶୋଧନ) ନିୟମ, ୨୦୨୨ ରୁଲ୍ ୩ବି ଅନୁସାରେ ଜଣେ ଅବସରପ୍ରାପ୍ତ ସିଜେଆଇ ଚାକିରି ଅବଧି ଶେଷ ହେବାର ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ୫ କ୍ରିଷ୍ଣା ମେନନ୍ ମାର୍ଗ ବଙ୍ଗଳାରେ ରହିପାରିବେ। ତେଣୁ ସୁପ୍ରିମକୋର୍ଟ ପ୍ରଶାସନ ଜୁଲାଇ ୧ରେ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟକୁ ଏନେଇ ପତ୍ର ଲେଖିଛି। ଉକ୍ତ ବଙ୍ଗଳା ଖାଲି କରାଇ କୋର୍ଟକୁ ହସ୍ତାନ୍ତର କରାଇବା ସକାଶେ ଏଥିରେ ଅନୁରୋଧ କରାଯାଇଛି।

# କୁପୋଲା ମଡ୍ୟୁଲରେ ଶୁଭାଂଶୁ

ନୂଆଦିଲ୍ଲୀ, ୬।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ର ୭ ଝରକାବିଶିଷ୍ଟ କୁପୋଲା ମଡ୍ୟୁଲରୁ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କର କିଛି ଫଟୋକୁ ରବିବାର ଭାରତ ସରକାରଙ୍କ ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ଏହି ଫଟୋଗୁଡ଼ିକରେ ଶୁଭାଂଶୁ କୁପୋଲା ମଡ୍ୟୁଲରୁ ପୃଥିବୀର ସୁନ୍ଦର ଦୃଶ୍ୟକୁ ଉପଭୋଗ କରୁଥିବାର ନଜରକୁ ଆସିଛନ୍ତି। ଅନ୍ୟ କିଛି ଫଟୋରେ ଶୁଭାଂଶୁ ଆଇଏସ୍‌ଏସ୍ ମଧ୍ୟରୁ ବାହାର ମହାକାଶ ଦୃଶ୍ୟର ଫଟୋ ନେଉଥିବାର ଦେଖାଯାଉଛନ୍ତି। ଉକ୍ତ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, ମହାକାଶରୁ ପୃଥିବୀର ଅଦ୍ଭୁତ ଦୃଶ୍ୟ। ଶୁଭାଂଶୁ ଆଇଏସ୍‌ଏସ୍‌ର କୁପୋଲା ମଡ୍ୟୁଲରୁ ପୃଥିବୀର ଚମତ୍କାର ଏବଂ ମନୋରମ ଦୃଶ୍ୟକୁ ଉପଭୋଗ କରୁଛନ୍ତି। ପ୍ରକାଶ ଯେ, ପୃଥିବୀର ପରୀକ୍ଷଣ, ଡକିଂ ଏବଂ ପର୍ଯ୍ୟବେକ୍ଷଣ ପାଇଁ ମହାକାଶଚାରୀମାନେ ଆଇଏସ୍‌ଏସ୍‌ରେ ଥିବା କୁପୋଲା ମଡ୍ୟୁଲକୁ ବ୍ୟବହାର କରିଥାନ୍ତି।


ଆଇଏସ୍‌ଏସ୍‌ର କୁପୋଲା ମଡ୍ୟୁଲରେ ଶୁଭାଂଶୁ ଶୁକ୍ଲା।

# ଭାରତ ସହଯୋଗ କଲେ ହାଫିଜ୍, ଆଝାରଙ୍କୁ ପ୍ରତ୍ୟର୍ପଣ କରିବାରେ ବାଧା ନାହିଁ: ବିଲାୱଲ

ଇସ୍‌ଲାମାବାଦ,୬।୭

ଭାରତ ସହଯୋଗ କଲେ ଲସ୍କର-ଇ-ତୋଇବା ମୁଖ୍ୟ ହାଫିଜ ସୟିଦ ଏବଂ ଜୈଶ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରଙ୍କ ସମେତ ଅନ୍ୟ ଆତଙ୍କବାଦୀଙ୍କୁ ପ୍ରତ୍ୟର୍ପଣ କରିବାରେ ପାକିସ୍ତାନ ବିରୋଧ କରିବ ନାହିଁ ବୋଲି ଏହାର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱଲ୍ ଭୁଟ୍ଟୋ ଜର୍ଦ୍ଦାରୀ କହିଛନ୍ତି। ୨ ଦେଶ ମଧ୍ୟରେ ବ୍ୟାପକ ଆଲୋଚନା ଜରିଆରେ ଏହା ହୋଇପାରିବ ବୋଲି ଅଲ୍ ଜଜିରାକୁ ସେ କହିଛନ୍ତି। ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଭଳି ଘରୋଇ ଅପରାଧରେ ଏବେ ମୋକଦ୍ଦମା ଚାଲିଛି। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ପ୍ରମାଣ ଭାବେ ଆବଶ୍ୟକ ନିର୍ଦ୍ଦିଷ୍ଟ ମୌଳିକ ତଥ୍ୟ ଦେବାକୁ ନୂଆଦିଲ୍ଲୀ ମନା କରୁଛି। ଏଥିପାଇଁ ଭାରତୀୟ ସାକ୍ଷୀ ପାକିସ୍ତାନୀ କୋର୍ଟରେ ହାଜର ହୋଇ ବୟାନ ଦେବା ଆବଶ୍ୟକ। ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଭାରତ ଯଦି ସହମତ ହୁଏ, ତେବେ ଚିନ୍ତାର ବିଷୟ ଥିବା ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବିଲାୱଲ ଦୃଢ଼ତାର ସହ କହିଛନ୍ତି।

# ବାଣିଜ୍ୟ ସହଯୋଗ ବଢ଼ାଇବା ପାଇଁ ଭାରତ-ମାଳଦ୍ୱୀପ ଆଲୋଚନା

ମାଲେ, ୬।୭ (ପି.ଟି.)

ଅର୍ଥନୈତିକ ସହଯୋଗ ଏବଂ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଶନିବାର ଭାରତର ବାଣିଜ୍ୟ ସଚିବ ସୁନୀଲ ବାର୍ଥୱାଲ ଏବଂ ମାଳଦ୍ୱୀପର ଅର୍ଥନୈତିକ ବିକାଶ ଏବଂ ବାଣିଜ୍ୟ ମନ୍ତ୍ରୀ ମହମ୍ମଦ ସଇଦଙ୍କ ମଧ୍ୟରେ ମାଲେସ୍ଥିତ ମାଳଦ୍ୱୀପର ଅର୍ଥନୀତି ମନ୍ତ୍ରଣାଳୟରେ ଆଲୋଚନା ହୋଇଯାଇଛି। ଏହି ବୈଠକରେ ୨ ଦେଶ ମଧ୍ୟରେ ବ୍ୟାପାର ସହଯୋଗକୁ ମଜଭୁତ କରିବା ପାଇଁ ବିଭିନ୍ନ ନୂତନ ସମ୍ଭାବନା ଉପରେ ଜୋର୍ ଦିଆଯାଇଥିଲା। ବୈଠକ ପରେ ମାଳଦ୍ୱୀପ ମନ୍ତ୍ରୀ ସଇଦ ଏକ୍ସ'ରେ ଲେଖିଛନ୍ତି, ଭାରତର ବାଣିଜ୍ୟ ସଚିବଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସହଭାଗିତାକୁ ସୁଦୃଢ଼ କରିବା ଦିଗରେ ବିଭିନ୍ନ ନୂତନ ସମ୍ଭାବନା ବିଷୟରେ ଆଲୋଚନା କରାଯାଇଛି।

C. V. Raman Global University
ODISHA BHUBANESWAR INDIA
CGU ODISHA
Home Grown World Class



ADMISSION OPEN
www.cgu-odisha.ac.in
admission@cgu-odisha.ac.in

Ranked among Top 100 Engineering Institution in India since last 09 years by NIRF (National Institutional Ranking Framework), MHRD, Govt. of India

Engineering & Technology
B.TECH. IN :
- Computer Science (CSE, CS &IT, CS (AI & ML), CSE (Data Sc.), IoT & Cyber Security, Robotics & AI, AI & Data Sc.
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA (Bachelor of Computer Applications)

M TECH IN :
- Compuer Science & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Electronics & Commun. Engg. (Signal Processing & Commun.)
- Heat Power Engg.
- M.Sc in Computer Science
- MCA (Master of Computer Applications)

Ph.D. (DOCTORAL) PROGRAMS
- CSE
- Civil Engg.
- ECE
- Chemical Engg.
- Electrical Engg.
- Mechanical

MARINE ENGINEERING
- B. Tech
- GP Rating
- STCW
- GME
- High Voltage
- CCMC

DIPLOMA ENGINEERING
- Comp. Sc.
- Electrical
- Electronics & Telecom.
- Civil
- Mechanical

Pharmacy
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

Forensic Sciences
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics
  - Forensic DNA

Agriculture and Allied Sc
- B.Sc. in Agriculture
- M.Sc in - Zoology, Botany, Bio-tech

Physical & Mathematical Sc
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

Humanities and Social Sc.
- M.A. in English
- Ph.D. in English

Tourism and Hospitality
- B.Sc in Hotel & Hospitality Admin.
- Bachelor of Hotel Management & Catering Technology
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

Management and Law
- BBA (Bachelor in Business Administration)
- MBA (Master in Business Administration)
- Ph.D. in Business Management

For Admission Process & WEB-BASED Counselling, JEE(MAIN) / CGET Rank Holders are advised to register through www.cgu-odisha.ac.in

For detail, contact :
0674-6636555 9040021102
+91-9040021100/101/103

Campus : C. V. Raman Global University
Bidyanagar, Mahura, Janla, Bhubaneswar, Odisha

# ମୁଖାର୍ଜୀଙ୍କ ପାଇଁ ଦେଶ ଗର୍ବିତ: ମୁଖ୍ୟମନ୍ତ୍ରୀ

**ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ**

**ଭିଜନ ଡକ୍ୟୁମେଣ୍ଟକୁ ସଫଳ କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ**

ଭୁବନେଶ୍ୱର,୬।୭(ରବିନାରାୟଣ ଜେନା)

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦେଇଥାଏ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ କେତେଜଣ ମହାମନୀଷୀ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବାଦର ଉତ୍ଥାନ କରି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଡ. ମୁଖାର୍ଜୀ ଥିଲେ ଅଗ୍ରଗଣ୍ୟ। ସେ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ବରଂ ଏକ ସମର୍ପିତ ରାଷ୍ଟ୍ର ନେତା, ଦୂରଦୃଷ୍ଟିସମ୍ପନ୍ନ ଚିନ୍ତକ ଓ ଦେଶପ୍ରେମୀ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର ଜୟଦେବ ଭବନଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ, ଡ. ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଜନସଂଘ ଭାଜପାରେ ପରିଣତ ହେଲା। ତାଙ୍କ ବିଚାରଧାରା ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ୍ ହିଁ ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର। ତାଙ୍କର ଦୃଢ଼ମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ ହୋଇଥିଲା। ମୋଦିଙ୍କ ଏହି ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ, ରାଜ୍ୟ ଓ ଦେଶରେ ବିକାଶ ହେଉଛି ଏବଂ ଏହି ବିକାଶରେ ପ୍ରତ୍ୟେକ ବର୍ଗଙ୍କୁ ସାମିଲ କରାଯାଇ, ଗ୍ରୋଥ ଇଞ୍ଜିନକୁ ଆହୁରି ସଶକ୍ତ କରାଯାଉଛି। ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡ. ମୁଖାର୍ଜୀଙ୍କର ସ୍ମୃତି ଦିବସକୁ କେବେ ପାଳନ କରୁ ନ ଥିଲେ। ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ। ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ଆଜି ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି। ଏଣୁ ନୈତିକତା ବିନା ରାଜନୀତି, ଆଦର୍ଶ ବିନା ଶାସନ ଓ ଦେଶପ୍ରେମ ବିନା ସ୍ୱାଧୀନତା କେବଳ ଏକ ଭ୍ରମ। ଆଜି ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଓ ଏକ ଶକ୍ତିଶାଳୀ ଭାରତ ଗଢୁଛୁ, ଡ. ମୁଖାର୍ଜୀଙ୍କ ନୀତି ଓ ଦୃଷ୍ଟିକୋଣ ଆମକୁ ଠିକ୍ ମାର୍ଗ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଡ. ମୁଖାର୍ଜୀଙ୍କୁ ଇତିହାସର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ସମ୍ବୋଧିତ କରିଥିବା ବେଳେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ, ଡ. ମୁଖାର୍ଜୀ ଭାରତର ଅଖଣ୍ଡତାର ପ୍ରତୀକ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଅନିର୍ବାଣ ଗାଙ୍ଗୁଲି ଡ. ମୁଖାର୍ଜୀଙ୍କୁ ପରାଧୀନ ଭାରତରେ ମଧ୍ୟ ଭାରତୀୟ ଭାଷାରେ ଶିକ୍ଷାର ଆଦି ପ୍ରବର୍ତ୍ତକ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଗ୍ୟାଲେରିକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ଭୁବନେଶ୍ୱର ସତ୍‌ସଙ୍ଗ ବିହାରଠାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ସ୍ୱର୍ଗତ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଭୁବନେଶ୍ୱର ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ଆୟୋଜିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ବର୍ଷାପାଣି ସ୍ରୋତରେ ଭାସିଗଲା ଟ୍ରକ୍


ଝାରସୁଗୁଡ଼ା ବେଲପାହାଡ଼ରୁ ହେମଗିରିକୁ ସଂଯୋଗ କରୁଥିବା ଚାଉଁରୀମହୁଲ ପୋଲ ଉପରେ ବର୍ଷାପାଣି ସ୍ରୋତରେ ଓଲଟି ପଡିଥିବା ଟ୍ରକ୍।

ଝାରସୁଗୁଡ଼ା,୬।୭
(ଆଶିଷ ରଞ୍ଜନ ଦାଶ)

- ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ
- ଅନେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

ଲଗାଣ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାର ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାପାଣିରେ ରାସ୍ତା ଧୋଇଯିବାରୁ କେତେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଜିଲାର ଅଇଁଟାପାଲିରୁ ମୁଦ୍ରାଯୋରକୁ ସଂଯୋଗ କରୁଥିବା ବ୍ରିଜ୍ ଦବି ଯାଇଥିବାବେଳେ ପାଣିସ୍ରୋତରେ ଏକ ଟ୍ରକ୍ ଭାସିଯାଇ ଓଲଟି ପଡିଛି। ସେହିପରି ବର୍ଷା ଯୋଗୁ କେତେକ ସ୍ଥାନରେ ଘର ଭାଙ୍ଗିଯାଇଥିବାବେଳେ ଆଉ କେତେକ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲାପାଳ ଆବୋଲୀ ସୁନୀଲ ନରୱାଣେ ବିଭିନ୍ନ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ୫ ଦିନ ହେବ ବର୍ଷା ଜାରି ରହିଛି। ଶନିବାର ରାତିରେ ପ୍ରବଳ ବର୍ଷା ହେବାରୁ ଝାରସୁଗୁଡ଼ା ସହର ସମେତ ଲଇକେରା ଓ ବ୍ରଜରାଜନଗରର ବ୍ଲକ ଅଞ୍ଚଳର ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଝାରସୁଗୁଡ଼ା ବେଲପାହାଡ଼ରୁ ହେମଗିରିକୁ ସଂଯୋଗ କରୁଥିବା ଚାଉଁରୀମହୁଲ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଥିଲା। ସକାଳ ପ୍ରାୟ ସାଢେ ୮ଟାରେ ମାଲ ବୋଝେଇ ଏକ ଟ୍ରକ ରାସ୍ତା ଅତିକ୍ରମ କରୁଥିବାବେଳେ ପ୍ରବଳ ସ୍ରୋତରେ ଭାସିଯାଇ ପୋଲ ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଚାଳକ କୌଶଳକ୍ରମେ ଟ୍ରକ୍ ଭିତରୁ ବାହାରି ଜୀବନ ବଞ୍ଚାଇଥିଲେ। ବର୍ଷା ଯୋଗୁ ଲଇକେରା ବ୍ଲକର ତେଲେନ ନଦୀ ଓ ବାଗଡିହି ନଦୀରେ ବନ୍ୟା ଆସିବାରୁ ଅନେକ କଲଭର୍ଟ ଭାଙ୍ଗିଯାଇଥିବାବେଳେ ଚାଷଜମି ଜଳମଗ୍ନ ହୋଇଛି। ଝାରସୁଗୁଡ଼ା ସହରର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେବାରୁ ରବିବାର ସକାଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ଲୋକମାନେ ରଶି ଟାଣି ରାସ୍ତାରୋକୋ କରିଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ ଓ ଟାଉନ୍ ଥାନା ଆଇଆଇସି ରଞ୍ଜନ ବରିହା ପହଞ୍ଚି ଜେସିବି ସାହାଯ୍ୟରେ ପାଣି ଡାଇଭର୍ଟ ବ୍ୟବସ୍ଥା କରାଇବାରୁ ଯାତାୟାତ ସମ୍ଭବ ହୋଇଥିଲା। ବ୍ରଜରାଜନଗର ଅଞ୍ଚଳର ଅଧିକାଂଶ ଘରେ ପାଣି ପଶିଥିବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।

# ଜଗନ୍ନାଥଙ୍କ ପାଇଁ ଅଣ୍ଟା ଭିଡ଼ିଲେ ଜୟନାରାୟଣ

**ବିଜେଡି ନେତାଙ୍କ ହ୍ୟାଣ୍ଡଓଭର ଯାଇନି**

ଭୁବନେଶ୍ୱର,୬।୭(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ପୁରୁଣା ହୋଇ ଆସୁଥିବାବେଳେ ରବିବାର ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ସେଥିରେ ରାଜନୈତିକ ଉତ୍ତାପ ଭରି ଦେଇଛି। ବିଧାୟକ କହିଛନ୍ତି, ଜଗନ୍ନାଥ ପ୍ରଧାନ କ'ଣ ଏମିତି ଦୋଷ କରିଥିଲେ କି? ସେ ଘଟଣାସ୍ଥଳରେ ଅନୁପସ୍ଥିତ ଥିବାବେଳେ କୌଣସି ଷଡ଼ଯନ୍ତ୍ର କରିନାହାନ୍ତି। ବରଂ ଅତିରିକ୍ତ କମିଶନରଙ୍କ ଚରିତ୍ର ସମ୍ପର୍କରେ ମହିଳା ଓଏଏସ୍ ଅଫିସର ଯାହା କହୁଛନ୍ତି ତାହା ତଦନ୍ତ ସାପେକ୍ଷ। ଗୋଟିଏ ପଟେ ରାଜ୍ୟରେ ବନ୍ୟା ଓ ମହାପ୍ରଭୁଙ୍କ ରଥଯାତ୍ରା ଚାଲିଥିବାବେଳେ ଓଏଏସ୍ ଅଧିକାରୀମାନେ ଯେଉଁ ନାଟକ କଲେ ତାହା ନିୟମ ବିରୋଧୀ। ବହୁତ ଅଫିସରଙ୍କର ଏଯାବତ ବିଜେଡି ହ୍ୟାଣ୍ଡଓଭର ଯାଇନାହିଁ। ଆଉ ଅଫିସରଙ୍କୁ ଯେଉଁ ମାଡ଼ କଥା କୁହାଯାଉଛି, ଏହା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କହିଥିଲେ। ବିଜୁ ପଟ୍ଟନାୟକ କହିଥିଲେ, ଯେଉଁ ଅଫିସର କଥା ଶୁଣୁନାହାନ୍ତି କିମ୍ବା କାମ କରୁନାହାନ୍ତି ତାଙ୍କୁ ମାଡ଼ ଦିଅ। ସେ ତାଙ୍କର ଗୁରୁ, ଆମେ ତାଙ୍କ ଗୁରୁଙ୍କ ଅନୁକରଣ କଲୁ। ତେଣୁ ଜଗନ୍ନାଥଙ୍କୁ ଗିରଫ କରିବାର କ'ଣ ଆବଶ୍ୟକତା ଥିଲା। ଜଗନ୍ନାଥ ସେ ଜାଗାରେ ସମ୍ପୃକ୍ତ ନ ଥିଲେ, ତେଣୁ ତାଙ୍କୁ ଗିରଫ କରିବା ସମୀଚୀନ ନୁହେଁ। ବ୍ୟାସନଗର ପ୍ରସଙ୍ଗରେ ଜୟନାରାୟଣ କହିଛନ୍ତି, ଅଫିସରମାନେ ଲୋକାଦୃତ ହେବା କଥା। ଲୋକଙ୍କ ସମସ୍ୟା ସହ ରହିବା କଥା। ଯେଉଁ ଅଫିସର ଲୋକଙ୍କ ସମସ୍ୟା ସହ ରହିବେ ନାହିଁ, ଲୋକେ ତାଙ୍କ ଉପରେ ରାଗିବାଟା ସ୍ୱାଭାବିକ। ଆମେ ଜନ ପ୍ରତିନିଧି ଭାବେ ଅନେକ ଜାଗା ବୁଲୁଛୁ କିନ୍ତୁ ଆମକୁ ତ ଲୋକମାନେ ଖରାପ ବ୍ୟବହାର କରୁନାହାନ୍ତି। ବିଜେଡିର ଅରୁଣ ସାହୁ, ପ୍ରତାପ ଜେନା ଏବଂ ଦିବ୍ୟଶଙ୍କର ମିଶ୍ର ହତ୍ୟା ମକଦ୍ଦମାରେ ସମ୍ପୃକ୍ତ ଥିଲେ। ସେମାନଙ୍କୁ ତ ଗିରଫ କରାଯାଇ ନ ଥିଲା। ତେବେ ଏହି ପରିପ୍ରେକ୍ଷୀରେ ଜଗନ୍ନାଥଙ୍କୁ ଗିରଫ ମୋଟେ ଠିକ୍ ଲାଗୁ ନାହିଁ ବୋଲି ସେ କହିଛନ୍ତି।

# ଡ୍ରେନ୍ କାମ ବେଳେ ସ୍କୁଲ ପାଚେରି ଭୁଶୁଡ଼ି ୨ ମୃତ

ବାଲିପାଟଣା,୬।୭(ଅଭିମନ୍ୟୁ ନାୟକ)

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ବେଙ୍ଗଦପି ଗ୍ରାମଠାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାକଡ଼ ଡ୍ରେନ୍ କାମ ଚାଲିଥିବା ବେଳେ ଏକ ସ୍କୁଲ ପାଚେରି ଭୁଶୁଡ଼ିପଡ଼ିବାରୁ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ମିଣ୍ଟି ଭୂଇଲା ଜୋ ଏବଂ ଦୀପକ ହୋ। ତେବେ ଗୁରୁତର ଜଦା ହୋଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅଠାରତ ଛକଠାରୁ ମୁଆସାହି ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନ୍ କାମ ଚାଲିଛି। ରବିବାର ବେଙ୍ଗଦପି ପ୍ରାଥମିକ ବିଦ୍ୟାଳୟ ପାଚେରି ନିକଟରେ ଡ୍ରେନ୍ କାମ ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା।

# ଦୋଷୀଙ୍କୁ ମିଳିବ ଉଚିତ ଦଣ୍ଡ: ଆଇନମନ୍ତ୍ରୀ

**ରାଜସ୍ୱ ଅଧିକାରୀଙ୍କୁ ଅଟକ ପ୍ରସଙ୍ଗ**

ଭୁବନେଶ୍ୱର,୬।୭
(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ ଆୟୁକ୍ତଙ୍କୁ ମାଡ଼ ଘଟଣା ପରେ ଏବେ ବ୍ୟାସନଗର ପୌରପାଳିକାରେ ନିର୍ବାହୀ ଅଧିକାରୀ (ଓଆର୍‌ଏସ୍)ଙ୍କୁ କାର୍ଯ୍ୟାଳୟରେ ୮ ଘଣ୍ଟା ଧରି ଅଟକ ରଖିବା ପ୍ରସଙ୍ଗ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଏହି ଘଟଣାକୁ ନେଇ ରବିବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଭାଜପା ସରକାରରେ ଯିଏ ଦୋଷ କରିବ ଦଣ୍ଡ ନିଶ୍ଚିତ ପାଇବ। ସରକାରଙ୍କ ତରଫରୁ ରାଜ୍ୟବାସୀଙ୍କୁ ଏହି ଆଶ୍ୱାସନା ଆମେ ଦେଉଛୁ ବୋଲି ସେ କହିଥିଲେ।

ଅନ୍ୟପକ୍ଷେ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ସଂଘ ସଭାପତି କନିଷ୍କ ବୋଧିସତ୍ତ୍ୱ ଦାସ କହିଛନ୍ତି, ବ୍ୟାସନଗର ଘଟଣାକୁ ମୁଁ ନିନ୍ଦା କରୁଛି। ଏ ଘଟଣା ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ କଥା ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ଆଶ୍ୱାସନା ଦେଇଛି। ଉଲ୍ଲେଖଯୋଗ୍ୟ, ଯାଜପୁର ବ୍ୟାସନଗର ପୌରପାଳିକାରେ ସପ୍ତାହକ ତଳେ ଜଣେ ନିର୍ବାହୀ ଅଧିକାରୀ (ଓଆର୍‌ଏସ୍)ଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜଣେ ବିଜେଡି ନେତା ୮ ଘଣ୍ଟା ଧରି ଅଟକ ରଖିଥିଲେ। ଏ ନେଇ ଅଧିକାରୀ ଜଣକ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

KALINGA WARRIORS SECURITY SERVICES
Applications are invited from eligible candidates for engagement in Sub Divisional Level FR Cell under DA-JGUA at DWO, Kendrapara. Eligible candidates may submit their Cvs through Email-kwssad2010@gmail.com within 3 Days.
1. District Co-ordinator : Graduation with Master's Degree, Minimum 2-3 years of experience in NGO Social sector project.
2. MIS Assistant : Graduation and PGDCA Master's Degree, Minimum 2 years of experience in Data Entry.
For any query, please contact Mobile no. 8144300795, 6371149837

# ଦିଗପହଣ୍ଡିରେ ବ୍ୟାପିଲା ଖାଡ଼ାବାନ୍ତି, ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଦୋଳାରେ ୨ କି.ମି. ବୁହାହେଲେ ରୋଗୀ**

ଦିଗପହଣ୍ଡି,୬।୭(ଅଶେଷ ନାଥ ମିଶ୍ର)


ଦୋଳାରେ ରୋଗୀଙ୍କୁ ବୋହି ନିଆଯାଉଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ କିଆରପଡ଼ା ପଞ୍ଚାୟତ ଜନବିଚ୍ଛିନ୍ନ ଦୁର୍ଗମ ଉପପଲ୍ଲୀ ଗାଁରେ ଖାଡ଼ାବାନ୍ତିରେ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ରବିବାର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଦୁଇ ଆକ୍ରାନ୍ତ ଦମୟନ୍ତୀ ଶବର ଏବଂ ଅନିତା ଶବରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଗତ ୪ ଦିନ ହେଲା ଅଞ୍ଚଳରେ ବର୍ଷା ଲାଗିରହିଛି। ଦୂଷିତ ପାଣି ଯୋଗୁ ଖାଡ଼ାବାନ୍ତି ବ୍ୟାପୁଥିବା ସୂଚନା ମିଳିବା ପରେ ଆଶାକର୍ମୀ ସୁଦେଷ୍ଣା ସାହୁ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ଔଷଧ, ଓଆରଏସ, ହାଲୋଜେନ ବଟିକା ବଣ୍ଟନ କରିଥିଲେ। ରବିବାର ଆକ୍ରାନ୍ତ ସଂଖ୍ୟା ବଢ଼ିବାରୁ ସେମାନଙ୍କୁ ପ୍ରାୟ ୨ କି.ମି. ଗ୍ରାମବାସୀ ଦୋଳାରେ ବୁହାଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁବାର ଗ୍ରାମର ଦାସ ଶବର ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି କିଛିଦିନ ପୂର୍ବେ ସାନଖେମୁଣ୍ଡି ବ୍ଲକ ତାଳପୁର ଗ୍ରାମର ଗଙ୍ଗା ନାଇକ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ତେବେ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶାସନ ଏହାକୁ ଅସ୍ୱୀକାର କରିଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶିବାନନ୍ଦ ଚୌଧୁରୀ କହିଛନ୍ତି, ରବିବାର କେତେଜଣ ମହିଳା ଓ ପୁରୁଷ ଖାଡ଼ାବାନ୍ତିରେ ସଂକ୍ରମିତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏବେ ସେ ଜିଲା ସ୍ୱାସ୍ଥ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିବା କହିଥିଲେ। ଏହାପରେ ସ୍ୱାସ୍ଥ୍ୟ ଟିମ୍ ଏବଂ ବ୍ଲକ ପାନୀୟଜଳ ବିଭାଗ କର୍ତ୍ତୃପକ୍ଷ ଉପପଲ୍ଲୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପରୀକ୍ଷା ପାଇଁ ପାଣି ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି।

# ବିଷାକ୍ତ ଛତୁ ଖାଇ ତିନି ପରିବାରର ୧୧ ଅସୁସ୍ଥ


ଚିକିଟି ଓଷାପଡ଼ାସ୍ଥିତ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ୨ ମହିଳା।

ରାୟଗଡ଼ା/ଚିକିଟି,୬।୭(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ବିଷାକ୍ତ ଜଙ୍ଗଲୀ ଛତୁ ଖାଇ ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଭିରାପଡ଼ା ଗାଁର ତିନି ପରିବାରର ୧୧ଜଣ ଅସୁସ୍ଥ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୬ ଜଣ ରେଙ୍ଗୁ ନାଏକ, କୁମାରୀ ନାଏକ, ଅଞ୍ଜନା ନାଏକ, ଧନମଣି ନାଏକ, ଲାବେକଟା ନାଏକ ଓ ଦୁର୍ଯ୍ୟୋଧନ ନାଏକ ଚିକିଟି ଓଷାପଡ଼ା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଅନ୍ୟ ଦୁଇ ପରିବାରର ୫ ଜଣ ଓଷାପଡ଼ା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ ହେଁ ଅବସ୍ଥାରେ ସୁଧାର ନ ଆସିବାରୁ ଶନିବାର ରାତି ୧୧ଟାରେ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଦାମୁ ଖୋଡ଼ିଆ, ଚମ୍ପା ଖୋଡ଼ିଆ ଓ ତାଙ୍କ ୮ ବର୍ଷର ପୁଅ ପ୍ରଦୀପ ଖୋଡ଼ିଆ, ଧନୁଗୌଡ଼ ଓ ପତ୍ନୀ କବିଲା ଗୌଡ଼। ତେବେ ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗାଁର ୩ଜଣ ମହିଳା ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଯାଇ ଛତୁ ସଂଗ୍ରହ କରି ଆଣିଥିଲେ। ଏହାପରେ ସମସ୍ତେ ଛତୁକୁ ରୋଷେଇ କରି ଖାଇଥିଲେ। ସନ୍ଧ୍ୟାରେ ସମସ୍ତଙ୍କୁ ବାନ୍ତି ହେବା ସହିତ ମୁଣ୍ଡ ବୁଲାଇଥିଲା। ପରେ ସ୍ୱାସ୍ଥ୍ୟସାଥୀ ଭିଡ଼ିଓ ଯୋଗୁ ସେମାନଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗ୍ରାମାଞ୍ଚଳରେ ଉପଯୁକ୍ତ ସଚେତନତା ଅଭାବରୁ ଲୋକେ ଜଙ୍ଗଲୀ ଛତୁ ଖାଇ ବିଭିନ୍ନ ସମୟରେ ଗୁରୁତର ହେଉଥିବା ସୂଚନା ମିଳୁଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାମାଜିକ ନ୍ୟାୟ ସାମୁଖ୍ୟ ପକ୍ଷରୁ ସତ୍ୟାଗ୍ରହ କାର୍ଯ୍ୟକ୍ରମ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ ମହୋତ୍ସବ ପାଳନ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବିଶିଷ୍ଟ ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା, ରକ୍ତଦାନ ଶିବିର ଓ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପାଞ୍ଚଗାଁ ତଳସାହି ଉପ୍ରା ବିଦ୍ୟାଳୟ, ତିଗିରିଆ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଅଭିଯୋଗ ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ, ସ୍ଥାନ: ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ରେମୁଣା, ସମୟ: ମଧ୍ୟାହ୍ନ ୧୨ଟା।
- ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଏଫ୍‌ଏମ୍‌ୟୁରେ ଚାରାରୋପଣ, ସ୍ଥାନ: ନୂଆ କ୍ୟାମ୍ପସ୍ ପରିସର, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୩ଟା।
- ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ୭୬ତମ ବନ ମହୋତ୍ସବ,ସ୍ଥାନ:ପିଆର୍‌ଏମ୍ ମେଡିକାଲ ପରିସର, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ସାମାଜିକ କର୍ମୀଦିଲ୍ଲୀପ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ:ଉଦଳା କର୍ମଚାରୀ ଭବନ ସଭାଗୃହ,ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ:ଅପରାହ୍ନ ୨ଟା।
- ବାହୁଡ଼ା ପର୍ବର ଶେଷ ଦିନ,ସ୍ଥାନ: ଚିତ୍ରଡ଼ା ରଥ ଦାଣ୍ଡ, ମୋରଡ଼ା,ସମୟ: ଅପରାହ୍ନ ୫ଟା।
- ଲକ୍ଷ୍ମୀଙ୍କ ଭେଟ, ସ୍ଥାନ:ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀମନ୍ଦିରକୁ ମହାପ୍ରଭୁମାନଙ୍କର ନୀଳାଦ୍ରି ବିଜେ ଅବସରରେ ପହଣ୍ଡି,ସ୍ଥାନ: ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର, ବାରିପଦା,ସମୟ: ରାତି ୧୧ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ:ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀବଳଦେବଜୀଉଙ୍କ ରଘୁନାଥ ବେଶ ଓ ନିଳାଦ୍ରୀ ବିଜେ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଶ୍ରୀଜଗନ୍ନାଥଜୀଙ୍କ ଅଧରପଣା ଉତ୍ସବ, ସ୍ଥାନ: ବାଲିପାଟଣା, ରାଜନଗର, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ବନମହୋତ୍ସବ, ସ୍ଥାନ: ମହାପୁରୁଷ ଧ୍ୟାନଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଦୀନବନ୍ଧୁ ସାହୁ ଲ କଲେଜ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଠାକୁରଙ୍କ ଅଧରପଣା ଓ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜଗନ୍ନାଥ ଓ ସୁଭଦ୍ରାଙ୍କ ରଥ ଟଣା, ସ୍ଥାନ:ନୟାଗଡ଼ ପୁରୁଣା ସହର, ସମୟ: ପୂର୍ବାହ୍ନ ୯ଟା।
- ଲକ୍ଷ୍ମୀ ନାରାୟଣ ଭେଟ, ସ୍ଥାନ:ନୟାଗଡ଼ ପୁରୁଣା ସହର, ସମୟ: ଅପରାହ୍ନ ୪ଟା।
- ଅଧରପଣା ନୀତି, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ରାତି ୮ଟା।

## ରାୟଗଡ଼ା
- ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟର, ଗୁଣପୁର, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟଶ ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ହାଟଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି
- ଜିଲାସ୍ତରୀୟ ବନ ମହୋତ୍ସବ, ସ୍ଥାନ:ଚାଲାଣଗୁଡା, ସମୟ:ଅପରାହ୍ନ ୩ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା ୩୦।
- ରଥାରୁଢ଼ ବ୍ରହ୍ମପୁରା ଠାକୁରଙ୍କଠାରେ ରସଗୋଲା ଭୋଗ ନିତି, ସ୍ଥାନ: ଝାଡୁଆପଡା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ୩୦।
- ଜଗନ୍ନାଥ ଓ ଲକ୍ଷ୍ମୀଙ୍କ କଳି ନିତି, ସ୍ଥାନ: ମୁଦିପଡା ଜଗନ୍ନାଥ ମନ୍ଦିର ପ୍ରବେଶ ଦ୍ୱାର, ସମୟ: ରାତି ୯ଟା।

## ବଲାଙ୍ଗୀର
- ରାଜ୍ୟସଭା ସଦସ୍ୟଙ୍କ ପାଣ୍ଠିରୁ ଭିନ୍ନକ୍ଷମଙ୍କ ପାଇଁ ୧୨ ସିଟ୍ ବିଶିଷ୍ଟ ଆମ୍ବୁଲାନ୍ସ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଏସଭି ନିରତାର କମ୍ପ୍ଲେକ୍ସ, ଶାସ୍ତ୍ରୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ୩୦ ମିନିଟ।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ମହରାପଦର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ, ସ୍ଥାନ: ମହରାପଦର ଉଚ୍ଚ ବିଦ୍ୟାଳୟ, ମହରାପଦର, ଖପ୍ରାଖୋଲ,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବନ ମହୋତ୍ସବ, ସ୍ଥାନ: ମିର୍ଦ୍ଧାପାଲି–କଅଗାଁ ରାସ୍ତା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ସୁନାବେଶ ଓ ଲକ୍ଷ୍ମୀ ନାରାୟଣ କଳି, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରପାଲି,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବନ ମହୋତ୍ସବ,ସ୍ଥାନ:ଝାଙ୍କରପାଲି(କେନ୍ଦପାଲି ରୋଡ୍), ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବନମହୋତ୍ସବ ପାଳିତ,ସ୍ଥାନ:ବିଘ୍ନରାଜ ସ୍ଥାୟୀ ନର୍ସରୀ ବାମଣ୍ଡା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ଅନ୍ଧାରିବାଞ୍ଜି ଗ୍ରାମପଞ୍ଚାୟତର ମୁସଲମାନ ବସ୍ତିରେ ମହରମ ପର୍ବ, ସ୍ଥାନ: ମସଜିଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବାଗବର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୋନପୁର ଗଡଭିତର ବଡଜଗନ୍ନାଥଙ୍କ ରଥଟଣା, ସ୍ଥାନ: ନୂଆପଡା, ସମୟ: ଅପରାହ୍ନ ୩ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ରଥ ଉପରେ ଅଧରପଣା ନିତି, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ରାତି ୮ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦର ବ୍ଲକ ବୋଇରଭାଡି ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାହା ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହ ଆକସ୍ମିକ ଦୂରଯାତ୍ରା କରିବାର ସୁବିଧା ପାଇପାରନ୍ତି। ସକାଳୁ ସକାଳୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କଲେ ସଫଳତା ପାଇବେ । ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଦ୍ୱାରା ସ୍ଥଗିତ କାମଟିକୁ ଶେଷ କରିବାରେ ସମର୍ଥ ହେବେ। କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହୋଇପାରନ୍ତି। ଆଜିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ପ୍ରତିଯୋଗିତା, ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ବିଜୟୀ ହୋଇପାରନ୍ତି। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ସନ୍ଦେହ କଲେ କ୍ଷତିରେ ପଡ଼ିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଲାଭବାନ୍ ହେବାର ସମ୍ଭାବନା ରହିଛି।

**କର୍କଟ** ମାନସିକ ସ୍ଥିତି ଉତ୍ତେଜନାପ୍ରବଣ ରହିଲେ ମଧ୍ୟ ପରିସ୍ଥିତି ଅନୁସାରେ ଆପଣଙ୍କ ବ୍ୟବହାର ମନକୁ ସୁହାଇଲା ଭଳି ରହିବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଃଶ୍ଚିନ୍ତା ଦୂର ହେବ। ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି ।

**ସିଂହ** ଆତ୍ମୀୟଙ୍କ ସହଯୋଗ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ମନ କଥା ମନରେ ରଖି କେତେକ କାମ କରିବାକୁ ବାଧ୍ୟ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ ପାଇଁ ଫନ୍ଦିଫିକର କରିବାକୁ ପଡିପାରେ। ସାହିତ୍ୟ, ସଙ୍ଗୀତ ସମାରୋହ, ବାଣିଜ୍ୟ, ପରିବହନ, ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ବନ୍ଧୁଙ୍କ ସହ ଦୂରଯାତ୍ରା କରିବାକୁ ପଡିପାରେ। ଆଜିର କାମ ହାସଲ ସକାଶେ କିଛି ଖର୍ଚ୍ଚାନ୍ତ ହେବାକୁ ପଡିବାର ସୂଚନା ରହିଛି। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ତୁଳା** ପାରିବାରିକ ସୁଖ, ବନ୍ଧୁଙ୍କ ସହାନୁଭୂତି ଓ ଆତ୍ମୀୟଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ମୋଟା ଅଙ୍କର ଅର୍ଥ ବ୍ୟୟ କରିପାରନ୍ତି। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବଢ଼ିବ। ପ୍ରିୟଜନଙ୍କ ସହିତ ଦର୍ଶନୀୟସ୍ଥାନ ପରିଦର୍ଶନର ସୌଭାଗ୍ୟ ଲାଭ କରିବେ।

**ବିଛା** ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରି ଆଶ୍ୱସ୍ତି ଲଭିବେ। ବୁଝାମଣା ଅଭାବରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆତ୍ମୀୟଙ୍କ ସହଯୋଗର ପ୍ରତିଶ୍ରୁତି ମାଙ୍ଗଳିକ କାର୍ଯ୍ୟ ସକାଶେ ଅନୁକୂଳ ହେବାର ଆଶା ଉଦ୍ରେକ କରିବ। ଆର୍ଥିକସ୍ଥିତି ମନ୍ଦ ନ ହେଲେ ମଧ୍ୟ ଆବଶ୍ୟକତାକୁ ପୂରଣ କରିବା ସକାଶେ କରଜ କରିବାକୁ ପଡିପାରେ।

**ଧନୁ** ରାଶ୍ୟାଧିପତି ବୃହସ୍ପତି ନିଜ ରାଶିକୁ ଅବଲୋକନ କରୁଥିବାରୁ ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କିନ୍ତୁ ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। ଅଭାବ ରହିଥିଲେ ମଧ୍ୟ ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଗୃହୋପକରଣ କ୍ରୟ କରିବେ।

**ମକର** ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଲାଭକରି ଆଶା ପୂରଣ କରିପାରିବେ। ଯାତ୍ରା କାଳରେ କଥାବାର୍ତ୍ତା ଓ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବନ୍ଧୁବର୍ଗ ଓ ପରିବାର ସହ ଦର୍ଶନୀୟ ସ୍ଥାନ ଭ୍ରମଣର ଯୋଗ ରହିଛି। ସାହିତ୍ୟ, ସଭାସମିତି ଓ ରାଜନୈତିକରେ ସଫଳତା ହାସଲ କରିବେ।

**କୁମ୍ଭ** ସହକର୍ମୀ ସହ ବିରୋଧ ଓ ଶତ୍ରୁତା ରହିଥିଲେ ମଧ୍ୟ କାର୍ଯ୍ୟ ସାଧନ ପାଇଁ କିଛି ଅସୁବିଧା ନାହିଁ। ପ୍ରତ୍ୟେକ ସ୍ତରରେ ସମସ୍ୟା ପ୍ରତିହତ କରି ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ହାତରେ କିଛି ନ ଥିଲେ ମଧ୍ୟ ଠିକଣା ସମୟରେ ବନ୍ଧୁଙ୍କ ଦ୍ୱାରା ଆବଶ୍ୟକତା ପୂରଣ ହୋଇଯିବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସାଙ୍ଗକୁ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସଭାସମିତି, ଆନୁଷ୍ଠାନିକ କାମ ଏବଂ ଧାର୍ମିକ କାର୍ଯ୍ୟର ସଫଳତାରେ ଆନନ୍ଦିତ ହେବେ। ପଡୋଶୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ।

ଆଜି ଜୁଲାଇ ୭ ତାରିଖ, ଆଷାଢ ଶୁକ୍ଳପକ୍ଷର ଗରୁଡଶୟନ ଦ୍ୱାଦଶୀ ସୋମବାର। ରଥ ଉପରେ ଅଧରପଣା ନୀତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ରାଶିନକ୍ଷତ୍ର–ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୭ ଗତେ, ଘ. ୧୦।୩୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୫୫ ଗତେ, ଘ.୦୮।୩୪ ମଧ୍ୟେ ରାହୁକାଳ।

# ଭାଜପା ରାଜ୍ୟ ସଭାପତି ପାଇଁ ଆଜି ନାମାଙ୍କନ ଦାଖଲ

ଭୁବନେଶ୍ୱର, ୬।୭(ରବିନାରାୟଣ ଜେନା)

ଭାଜପା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ମତଦାତାସୂଚୀ ପ୍ରକାଶ ପାଇଛି। ଭାଜପା ରାଜ୍ୟ ନିର୍ବାଚନ ରିଟର୍ନିଂ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ରବିବାର ସନ୍ଧ୍ୟା ସୁଦ୍ଧା ୨୭୩ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ଜାରି କରିଛନ୍ତି। ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ. କେ. ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ସୋମବାର ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବ ଏବଂ ଚିହ୍ନ ଆବଣ୍ଟନ କରାଯିବ । ଆବଶ୍ୟକ ହେଲେ ୮ତାରିଖ ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ । ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ପ୍ରକ୍ରିୟା ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ଭାଜପା ପକ୍ଷରୁ କୁହାଯାଇଛି।

### ୨୭୩ ଜଣଙ୍କ ଭୋଟରତାଲିକା ଜାରି

# ଯୁକ୍ତ୩: ଆଜିଠୁ ୱେଟିଂ ଲିଷ୍ଟ, ସ୍ପଟ୍ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର,୬।୭(ସୁଚିସ୍ମିତା ସାହୁ)

ଚଳିତବର୍ଷ ତିନି ପର୍ଯ୍ୟାୟରେ ଯୁକ୍ତ ୩ ନାମଲେଖା ଶେଷ ହୋଇଛି। ସୋମବାରଠାରୁ ୱେଟିଂ ଲିଷ୍ଟ ଓ ସ୍ପଟ୍ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହୋଇଛନ୍ତି, ସେମାନେ ଏହି ରାଉଣ୍ଡରେ ସୁଯୋଗ ପାଇପାରିବେ। ସେଲ୍ଫ ଫାଇନାନ୍ସ ଏବଂ ସଂସ୍କୃତ କଲେଜର ପିଲାମାନେ ମଧ୍ୟ ଆବେଦନ କରିପାରିବେ। ଆସନ୍ତା ଗୁରୁବାର ୧୦ ତାରିଖ ରାତି ୧୧ଟା ୪୫ ଯାଏ ଆବେଦନ କରିହେବ। ଅତିକମ୍‌ରେ ଗୋଟିଏ କଲେଜ କିମ୍ବା ତା'ଠାରୁ ଅଧିକ କଲେଜକୁ ଚୟନ କରିପାରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ୱେଟିଂ ଲିଷ୍ଟର ମେରିଟ୍ ଲିଷ୍ଟ କଲେଜ ଇ–ସ୍ପେସ୍‌ରେ ପ୍ରକାଶ ପାଇବ। ଏଥିସହ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା ୧୪ ତାରିଖରେ କଲେଜ ନୋଟିସ ବୋର୍ଡ ଏବଂ ୱେବ୍‌ସାଇଟରେ ପ୍ରକାଶ ପାଇବ। ୧୫ ତାରିଖରେ ନାମଲେଖା ସହିତ ଟଙ୍କା ଦାଖଲ ହେବ। ଯେଉଁମାନେ ୱେଟିଂ ଲିଷ୍ଟରେ ଥିବେ, ସେମାନେ ୧୬ ତାରିଖରେ ନାମ ଲେଖାଇବା ସହିତ ଟଙ୍କା ଦାଖଲ କରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଠ ଚାକିରିଆ ହୋଇବ**
**ଭୋକ ଆତୁରିଆ ନୋହିବ**
**ଖଟଟି ଉପରେ ମାଠ ଘୋଡ଼ିହୋଇ**
**କାଠଟି ପରାଏ ଶୋଇବ**
**ଶୋଇଥିବ କାନ ଡେରି**
**ଯେବେ ବାଜିବ ଘଣ୍ଟା ମହୁରୀ**
**ଉଠିବ ପତର ଧରି ।**

ବହୁ ଲୋକଙ୍କ ସମାଗମ ଥିଲେ ଖାଇବା ପିଇବାରେ ନାନା ଅସୁବିଧା ଦେଖାଦିଏ। ଖାଇବା ପିଇବାର ସମୟ ପ୍ରତି ଦୃଷ୍ଟି ନ ଦେଲେ ବେଳେ ବେଳେ ଭୋକ ଉପାସରେ ମଧ୍ୟ ରହିବାକୁ ପଡ଼ିପାରେ। ସଦାବ୍ରତ ମଠମାନଙ୍କରେ ଚାକିରି କରୁଥିବା ବ୍ୟକ୍ତିମାନଙ୍କ ଖାଇବା, ପିଇବା ଓ ଶୋଇବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯାହା ଘରେ ନାହିଁ ବୁଢ଼ୀ**
**ତା'ଘର ଯାଏ ଉଡ଼ି ।**

ବୃଦ୍ଧା ବା ବୟସ୍କା ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ଅଭିଜ୍ଞତା ବଳରେ ଘର ସଂସାରକୁ ଠିକ୍ ଭାବେ ଚଳାଇ ନେବାରେ ନିପୁଣା ବା ସିଦ୍ଧହସ୍ତା ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆଜି ଅଧରପଣା ...

ଅନୁଷ୍ଠିତ ହେଉଥିଲା ବୋଲି ଶୁଣିବାକୁ ମିଳେ। ତେବେ ବର୍ତ୍ତମାନ ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଏ। ନୀତି ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପଣା ପ୍ରସ୍ତୁତ ହୋଇ ଅଧର ଚୁମ୍ବିତ ମାଟି ହାଣ୍ଡିଗୁଡ଼ିକରେ ରଖାଯାଏ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଦାରୁବିଗ୍ରହମାନଙ୍କୁ ଭୋଗ ଲଗାଇଥାନ୍ତି। ଏହାପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥାଏ। ଜନଶ୍ରୁତି ଅନୁଯାୟୀ, ତିନିରଥରେ ଠାକୁରଙ୍କ ସାଥିରେ ୩୩ କୋଟି ଦେବଦେବୀ, ଅସୁର, ଅଶରୀରୀ, କିନ୍ନର, ନାଗ, ଚଣ୍ଡୀ, ଚାମୁଣ୍ଡା, ଭୂତ, ପ୍ରେତ ଯାଇଥାନ୍ତି। ସେଥିପାଇଁ ଠାକୁରମାନଙ୍କୁ ଅର୍ପିତ ହୋଇଥିବା ଅଧରପଣା ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥାଏ, ଯାହାଫଳରେ ଦେବ ଦାନବ ଚଣ୍ଡୀ ଚାମୁଣ୍ଡା ସମସ୍ତେ ମହାପ୍ରଭୁଙ୍କ ପଣାପାଇ ତୃପ୍ତ ହୋଇ ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ଏହି ପଣା କାହାକୁ ଦିଆଯାଇ ନ ଥାଏ। ଏପରିକି ସେବକମାନେ ମଧ୍ୟ ପଣା ପିଇ ନ ଥାନ୍ତି।

### ରଥ ତଳେ ଚାପି ...

ଆଦର୍ଶ, ପିଙ୍କୁ ଆସିଥିଲେ। ସେମାନେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଦଉଡ଼ି ଧରିଥିଲେ। ରଥ ଟଣା ଚାଲିଥିବାବେଳେ ସେମାନେ ପଡ଼ିଯାଇ ରଥତଳେ ଚାପିହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ରଥତଳୁ ସେମାନଙ୍କୁ ବାହାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେମାନେ ସମସ୍ତେ ସାଙ୍ଗହୋଇ ପଡୁଥିଲେ।

### ୧୨ ବର୍ଷରେ ...

ବେତନ ଗ୍ରେଡ୍‌କୁ ସମୀକ୍ଷା କରାଯିବା ସମୟରେ ଏହି ଦୁର୍ନୀତି ସାମ୍ନାକୁ ଆସିଥିଲା। ଅଧିକାରୀଙ୍କୁ ଏହି କନ୍‌ଷ୍ଟେବଲଙ୍କ କୌଣସି ଫାଇଲ କିମ୍ବା ସର୍ଭିସ୍ ରେକର୍ଡ ମିଳି ନ ଥିଲା। ଭୋପାଳ ପୋଲିସ ଲାଇନ୍‌ରେ ମଧ୍ୟ କୌଣସି ଅଧିକାରୀ ଉକ୍ତ କନ୍‌ଷ୍ଟେବଲଙ୍କ ନାମ କିମ୍ବା ଚେହେରାକୁ ଜାଣି ନ ଥିଲେ। ୧୨ ବର୍ଷ ଭିତରେ ସେ ଦିନେ ପାଇଁ ମଧ୍ୟ କାର୍ଯ୍ୟରେ ଯୋଗଦେଇନାହାନ୍ତି ବୋଲି ଜଣାପଡ଼ିଥିଲା। ଫଳରେ ଉକ୍ତ କନ୍‌ଷ୍ଟେବଲଙ୍କୁ ଯାଞ୍ଚ ପାଇଁ ଡକାଯାଇଥିଲା। ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିବାରୁ ଡ୍ୟୁଟିରେ ଯୋଗଦେଇପାରୁ ନ ଥିଲେ ବୋଲି ସେ ଯାଞ୍ଚ କରୁଥିବା ଅଧିକାରୀଙ୍କୁ କହିଥିଲେ। ସେ କିଛି ମେଡିକାଲ ସାର୍ଟିଫିକେଟ ମଧ୍ୟ ଅଧିକାରୀଙ୍କ ସମ୍ମୁଖରେ ଦାଖଲ କରିଥିଲେ। ଘଟଣାର ଯାଞ୍ଚ କରିଥିବା ଏସିପି ଅଙ୍କିତା ଖାଟରକର ରବିବାର କହିଛନ୍ତି, ବ୍ୟକ୍ତିଗତ କାରଣ ଦର୍ଶାଇ କନ୍‌ଷ୍ଟେବଲ ଜଣକ ଏକାକୀ ଟ୍ରେନିଂକୁ ଯିବା ପାଇଁ ଅନୁମତି ନେଇଥିଲେ, ଫଳରେ ତାଙ୍କର ଉପସ୍ଥିତି ରେକର୍ଡ ହୋଇଥିଲା ଏବଂ ୨୦୧୧ ବ୍ୟାଚ୍‌ରେ ଭୋପାଳ ପୋଲିସ ଲାଇନରେ ନିଯୁକ୍ତି ପାଇଥିବା କନ୍‌ଷ୍ଟେବଲ ଭାବେ ତାଙ୍କୁ ଦରମା ମିଳିଚାଲିଥିଲା। ସମ୍ପ୍ରତି ଉକ୍ତ କନ୍‌ଷ୍ଟେବଲ ଭୋପାଳ ପୋଲିସ ଲାଇନରେ ନିୟୋଜିତ ଅଛନ୍ତି ଏବଂ ତାଙ୍କଠାରୁ ବର୍ତ୍ତମାନ ସୁଦ୍ଧା ୧.୫ ଲକ୍ଷ ଟଙ୍କା ଜବତ କରାଯାଇଛି। ଅବଶିଷ୍ଟ ରାଶି ତାଙ୍କ ଆଗାମୀ ଦରମାରୁ କାଟି ଆଦାୟ କରାଯିବ। ପୋଲିସ ବିଭାଗ ପକ୍ଷରୁ କୁହାଯାଇଛି, ଏହି ଘଟଣାକୁ ନେଇ ଏବେ ମଧ୍ୟ ତଦନ୍ତ ଜାରି ରହିଛି ଏବଂ କାର୍ଯ୍ୟରେ ଅବହେଳା ପାଇଁ ଯେଉଁ ଅଧିକାରୀ ଦୋଷୀ ପ୍ରମାଣିତ ହେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### କୁକୁଡ଼ା ଫାର୍ମ କାନ୍ଥ ...

ପରିଦର୍ଶକ ଦିଲୀପ କୁମାର ମାଝି ଓ କୁରୁମପୁରି ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ବାରିକଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖବର ପାଇ ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି, କମଲେସ ଠାକୁର, ଜ୍ଞାନେଶ୍ୱର ମାଝି ପ୍ରମୁଖ ପଟପରପାଲି ଗାଁକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି।

### ମୀନାକ୍ଷୀ ରାଜ୍ୟ ...

ସୂଚନାଯୋଗ୍ୟ, ମୀନାକ୍ଷୀ ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଏତଦ୍‌ଭିନ୍ନ ସେ କୋରାପୁଟ ଜିଲା କଂଗ୍ରେସ କମିଟିର ସଭାପତି ଭାବରେ ୧୦ ବର୍ଷ ଦାୟିତ୍ୱ ନିର୍ବାହ କରିବା ସହିତ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଏପରିକି କୋରାପୁଟ ପୌରାଞ୍ଚଳର ଅଧ୍ୟକ୍ଷା ଭାବରେ ମଧ୍ୟ ସେ ଦୁଇଥର ନିର୍ବାଚିତ ହୋଇଥିଲେ । ଏହାକୁ ନେଇ ମୀନାକ୍ଷୀ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ଅଲକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ, ଦର୍ଶନ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ଓଡ଼ିଶାରେ ମହିଳା ସଂଗଠନକୁ ସୁଦୃଢ଼ କରାଯିବା ସହ ନାରୀନ୍ୟାୟ ସଂଗ୍ରାମକୁ ତ୍ୱରାନ୍ୱିତ କରାଯିବ ବୋଲି ମୀନାକ୍ଷୀ କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ନାରୀ ନିର୍ଯ୍ୟାତନା ସହରରୁ ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଛି । ପ୍ରତ୍ୟେକ ଦିନ ରାଜ୍ୟର କେଉଁଠି ନା କେଉଁଠି ମା'–ଝିଅ ଓ ବୋହୂ ନିର୍ଯ୍ୟାତିତ ହେଉଛନ୍ତି। ଆଗାମୀ ଦିନରେ ରାଜ୍ୟର ମହିଳା ସଙ୍ଗଠନକୁ ସୁସଙ୍ଗଠିତ କରିବା ସହ କଂଗ୍ରେସର ଆଭିମୁଖ୍ୟକୁ ଆଗେଇ ନେଇ ନାରୀମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିବି ବୋଲି ମୀନାକ୍ଷୀ କହିଛନ୍ତି ।

### କିଛି ସମର୍ଥନ ...

ପରିସ୍ଥିତିରେ ଏହି କ୍ଷମତା ପ୍ରୟୋଗ କରିପାରିବେ ତାହା ସମ୍ବିଧାନ ସ୍ପଷ୍ଟ କରିବା ଜରୁରୀ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଜେ.ଏସ୍. ଖେହର ଜୁଲାଇ ୧୧ରେ ଉପସ୍ଥିତ ହୋଇ ବିଲ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ପ୍ୟାନେଲ ସଦସ୍ୟମାନଙ୍କ ପ୍ରଶ୍ନ ଉପରେ ନିଜ ନିଜ ମତାମତ ରଖିବେ। ଏହା ପୂର୍ବରୁ ୨ ପୂର୍ବତନ ସିଜେଆଇ ୟୁ.ୟୁ. ଲଳିତ ଏବଂ ରଞ୍ଜନ ଗୋଗୋଇ ଯଥାକ୍ରମେ ୨୦୨୫ ଫେବୃଆରୀ ଓ ମାର୍ଚ୍ଚରେ ଉକ୍ତ କମିଟି ସମ୍ମୁଖରେ ହାଜର ହୋଇସାରିଛନ୍ତି।

# ଭକ୍ତମୟ ଶ୍ରୀକ୍ଷେତ୍ର



## ସୁନାବେଶରେ ଦାରୁଦିଅଁ







ପୁରୀ ଶ୍ରୀକ୍ଷେତ୍ରରେ ରବିବାର ବଡ଼ ତଡ଼ାଉ ବା ସୁନାବେଶରେ ଦର୍ଶନ ଦେଉଛନ୍ତି ରଥାରୂଢ଼ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ।



ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



ରଥାରୂଢ଼ ଠାକୁରଙ୍କ ସୁନାବେଶ ପାଇଁ ଶ୍ରୀମନ୍ଦିରରୁ ରଥ ଉପରକୁ ଶଙ୍ଖ, ଚକ୍ର, ଶ୍ରୀପୟର, ଶ୍ରୀହସ୍ତ ଓ କିରୀଟ ନିଆଯାଉଛି।

# ୪ ମାସ ପାଇଁ ଶୟନ ଗଲେ ମହାପ୍ରଭୁ

## ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

ପୁରୀ,୬।୭(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥି ଅବସରରେ ରବିବାର ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, ଏହି ଦିନଠାରୁ ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ୪ମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ ହୋଇଥାଏ।

ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀକୁ ହରିଶୟନ ଏକାଦଶୀ ବୋଲି କୁହାଯାଏ। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନି, ସାଧୁସନ୍ଥ, ମହାପୁରୁଷ ଏବଂ ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକେ ଚତୁର୍ମାସ୍ୟା ବ୍ରତ ପାଳନ କରନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ଏକାଦଶୀ ଅବସରରେ ରଥରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ସୁନାବେଶ ମଇଲମ ହୋଇଥିଲା। ପରେ ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ ସିଂହାର ଭୋଗ, ମଇଲମ ପରେ ଶୟନ ଠାକୁର ରଥ ଉପରକୁ ବିଜେ କରିଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନିମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରଥ ଉପରକୁ ଆଣିଥିଲେ। ତିନିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୁବନେଶ୍ୱରୀ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀନାରାୟଣଙ୍କୁ ବିଜେ କରାଯାଇଥିଲା। ଶୟନ ଠାକୁର ରଥାରୂଢ଼ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ହେଲା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବାଙ୍ଗ, ନୂଆ ପତନି ଲୁଗା ଓ ମାଳଫୁଲ ଲାଗି ନୀତି ସମ୍ପନ୍ନ କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ସମ୍ପନ୍ନ ହେବା ପରେ ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସମ୍ପନ୍ନ ପରେ ହରିଶୟନ ନୀତି ହୋଇଥିଲା। ଶୟନ ଠାକୁରମାନଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତ ଭଣ୍ଡାର ଦୁଆର ନିକଟକୁ ନେଇଥିଲେ। ଭଣ୍ଡାର ଦୁଆରେ ବିଧି ମୁତାବକ ଶୟନ ନୀତି ଅନୁଷ୍ଠିତ ହୋଇଥିଲା। କୋଠ ସୁଆଁସିଆ ଦେଇଥିବା ତାଟ ପେଡ଼ି, ଦରଜିଙ୍କ ଶେଯ ଓ ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଇଥିଲା। ମୁଦିରସ୍ତ ପ୍ରସାଦଲାଗି କରିବା ସହ ପୁଷ୍ପାଞ୍ଜଳି, କର୍ପୂର ଆଳତି, ସଞ୍ଜ ଆଳତି ଓ ବନ୍ଦାପନା ଆଦି କରିଥିଲେ। ପରେ ପେଡ଼ିକୁ ବନ୍ଦ କରାଯାଇଥିଲା। ସମସ୍ତେ ଆସିବା ପରେ ଶୟନ ଘରକୁ ବନ୍ଦ କରାଯାଇଥିଲା। ଆଷାଢ଼ ଦ୍ୱାଦଶୀ ତିଥିରେ ଗରୁଡ଼ ଶୟନ ନୀତି ଅନୁଷ୍ଠିତ ହେବ।

# ବଜ୍ରପାତ ରୋକିବାକୁ ତାଳମଞ୍ଜି ରୋପଣ

## ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ପକ୍ଷରୁ ୫ ବର୍ଷରେ ଲାଗିବ ୨୫ହଜାର ମଞ୍ଜି

ପୁରୀ,୬।୭(ଅଜିତ୍ କୁମାର ମହାନ୍ତି)

ବଜ୍ରପାତଜନିତ ମୃତ୍ୟୁ ସମସ୍ୟାରେ ସର୍ବାଧିକ ବିପନ୍ନ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏହି ବିପର୍ଯ୍ୟୟ ରୋକିବାକୁ ତାଳମଞ୍ଜି ଲଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ପକ୍ଷରୁ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ୨୦୨୯ ସୁଦ୍ଧା ବନ୍ୟାଞ୍ଚଳ ଧନୁଆ ନଦୀ ଅବବାହିକାରେ ୨୫ହଜାର ତାଳଗଛ ସୃଷ୍ଟି କରାଯିବା ଲକ୍ଷ୍ୟ ନେଇ ୨୦୨୪ରୁ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ ସମୁଦାୟ, ବୁଦ୍ଧିଜୀବୀ, ମହିଳା ଗୋଷ୍ଠୀ, ଯୁବବର୍ଗଙ୍କ ମିଳିତ ସହଭାଗିତାରେ ପ୍ରଥମବର୍ଷ ୫ହଜାର ତାଳମଞ୍ଜି ରୋପଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବାଲିପୁଟଠାରେ ଆରମ୍ଭ ହୋଇଛି। ବଜ୍ରପାତଜନିତ ସମସ୍ୟା ପ୍ରତିହତ ସାଙ୍ଗକୁ ବନ୍ୟାଞ୍ଚଳର ମୃତ୍ତିକା କ୍ଷୟ ରୋକିବା, ବାଇଚଢ଼େଇ ପରି ବିଲୁପ୍ତ ଜୀବମାନଙ୍କ ବାସସ୍ଥଳୀ ପୁନରୁଦ୍ଧାର ଦ୍ୱାରା ଜୈବ ବିବିଧତା ସମୃଦ୍ଧ କରିବା ଏବଂ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଏହି ପ୍ରୟାସ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଚିନ୍ମୟ ବିବେକ, ସମ୍ମାନିତ ଅତିଥି ଭାବେ ଓଡ଼ିଶାର ତାଳମଣିଷ ଭାବେ ପରିଚିତ ଶିକ୍ଷକ ବିଜୟ କୁମାର ଭଞ୍ଜ, ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ ପରିଷଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ତାଳମଞ୍ଜି ରୋପଣ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଫରକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ସେବା ଅନୁଷ୍ଠାନର ମନୋଜ କୁମାର ଦାସ, ପ୍ରଦୀପ୍ତ କୁମାର ନାୟକ, ବିକ୍ରମଦତ୍ତ ପରିଡା, ଅମ୍ବି କୁମାର ସାହୁ, ୱାର୍ଡସଭ୍ୟା ସତ୍ୟଭାମା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ପକ୍ଷରୁ ବଜ୍ରପାତ ପ୍ରଶମନ ଏବଂ ଜୈବ ବିବିଧତା ସଂରକ୍ଷଣ ପାଇଁ ରବିବାର ପୁରୀ ବାଲିପୁଟ ସିଆରୋ(ନୂଆନଇ)ରେ ଅନୁଷ୍ଠିତ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ।

# ଆଜି ପ୍ରକାଶ ପାଇବ ବି.ଏଡ୍. ପ୍ରବେଶିକା ପରୀକ୍ଷାର ସାମୟିକ ଉତ୍ତର

## ପ୍ରତି ପ୍ରଶ୍ନ ପାଇଁ ୨୦୦ ଟଙ୍କା

ଭୁବନେଶ୍ୱର,୬।୭(ସୁଚିସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍, ଏମ.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା-୨୦୨୫ର ସାମୟିକ ଉତ୍ତର (ଆନ୍‌ସର କି) ସୋମବାର ପ୍ରକାଶ ପାଇବ। ଆବେଦନକାରୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ ପୋର୍ଟାଲ https://ssbodisha.ac.in/ ମାଧ୍ୟମରେ ତାଙ୍କ ଉତ୍ତରଗୁଡିକୁ ଯାଞ୍ଚ କରିପାରିବେ। ୮ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ୧୦ ତାରିଖ ଗୁରୁବାର ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନକାରୀମାନେ ନିଜ ଆପତ୍ତି ସାମ୍ସ ପୋର୍ଟାଲ https://www.samsodisha.gov.in/ ମାଧ୍ୟମରେ ଦାଖଲ କରିପାରିବେ। ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଲେଖାଏ ପଇଠ କରିବାକୁ ପଡିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା ଓ ରିପୋର୍ଟ କାର୍ଡରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ନାମଲେଖାକୁ ସ୍ଥଗିତ ରଖାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଅସମ୍ମତି ସମାଧାନ କରିବା ଓ ପ୍ରକ୍ରିୟାରେ ପ୍ରତିପାଳିତ ହେଉଥିବା ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ସାମୟିକ ଉତ୍ତର ପ୍ରକାଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ରେଳ ଟ୍ରାକ୍‌ରେ ରିଲ୍ ନିଶା ବିପଜ୍ଜନକ

## ସଚେତନ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୬।୭
(ଅନୁରାଧା ମହାରଣା)

ରେଳ ଟ୍ରାକରେ ବିପଜ୍ଜନକ ଷ୍ଟଣ୍ଟ ରିଲ୍ କରିବା ନିଶା ବିପଦ ସୃଷ୍ଟି କରୁଛି। ବିଶେଷକରି ଯୁବପିଢ଼ି ବିପଦପୂର୍ଣ୍ଣ ଭାବେ ରିଲ କରୁଥିବାବେଳେ ଦୁର୍ଘଟଣାର ଶିକାର ହେଉଥିବା ବହୁ ଘଟଣା ସାମ୍ନାକୁ ଆସୁଛି। ରେଳପଥର ହସ୍ତଗତ ହୋଇଥିବା ଏକ ଅଡିଓ-ଭିଡିଓ କ୍ଲିପ୍‌ରେ ଜଣେ ବାଳକ ରେଳ ଟ୍ରାକ୍‌ର କଂକ୍ରିଟ ସ୍ଲିପର ମଧ୍ୟରେ ଶୋଇଥିବା ବେଳେ ଏକ ଟ୍ରେନ ଟ୍ରାକ୍ ଉପରେ ଯାତ୍ରା କରୁଥିବା ଦେଖାଯାଇଥିଲା। ଏହାପରେ ବଲାଙ୍ଗୀର ଆର୍‌ପିଏଫ୍ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ସହାୟତାରେ ସ୍ଥାନୀୟ ପୁରୁଣାପାଣି ନିକଟ ଏକ ଗାଁରୁ ୨ ନାବାଳକଙ୍କୁ ଧରିଥିଲା। ତେବେ ଉକ୍ତ ଭିଡିଓ ଜାନୁଆରୀ ୬ରେ ଶୁଟ୍ କରାଯାଇଥିଲା। ଉକ୍ତଦିନ ୧୨ ବର୍ଷୀୟ ନାବାଳକ ଜଣକ ୧୫ବର୍ଷ ବୟସର ତାଙ୍କ ସାଙ୍ଗଙ୍କ ସହିତ ରେଳ ଟ୍ରାକକୁ ଯାଇଥିଲେ। ସେଠାରେ ସେ ଟ୍ରାକରେ ପଡ଼ି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିଥିଲେ ଏବଂ ସାଙ୍ଗ ଜଣକ ଭିଡିଓ ରେକର୍ଡ କରିଥିଲେ। ଆର୍‌ପିଏଫ୍ ଟିମ୍ ଗ୍ରାମବାସୀ ଓ ପିଲାଙ୍କ ଅଭିଭାବକଙ୍କ ସହିତ ପୁରୁଣାପାଣି ଓ ଖାରମୁଣ୍ଡା ରେଳ ଷ୍ଟେଶନ ମଧ୍ୟରେ ଅବସ୍ଥିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଆବଶ୍ୟକ ଔପଚାରିକତା ପରେ ପିଲାମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗୀର ଆରପିଏଫ୍ ପୋଷ୍ଟକୁ ନିଆଯାଇଥିଲା। ରେଳପଥ ଆଇନ, ୧୯୮୯ର ଧାରା ୧୫୩, ୧୪୫(ବି) ଏବଂ ୧୪୭ ଅନୁଯାୟୀ ଉଭୟ ନାବାଳକଙ୍କ ବିରୋଧରେ ମାମଲା ନଂ. ସିଓସି/୪ଓ୯ରୁଜୁ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ, ରେଳ ଟ୍ରାକରେ ସୋସିଆଲ ମିଡିଆ ରିଲ୍ କିମ୍ବା ଷ୍ଟଣ୍ଟ ଭିଡିଓ ତିଆରି କରିବା ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସ ବିରୋଧରେ ସଚେତନତା ଅଭିଯାନ ଜାରି ରହିଛି। ଏପରି କାର୍ଯ୍ୟ କେବଳ ବେଆଇନ ନୁହେଁ, ଏହା ମାରାତ୍ମକ ଦୁର୍ଘଟଣା ଘଟାଇଥାଏ। ରେଳପଥ ଷ୍ଟଣ୍ଟ କିମ୍ବା ସୋସିଆଲ ମିଡିଆ କଣ୍ଟେଣ୍ଟ ସୃଷ୍ଟି ପାଇଁ ସ୍ଥାନ ନୁହେଁ। ମନୋରଞ୍ଜନ ପାଇଁ ରେଳପଥରେ ଅନଧିକାର ପ୍ରବେଶ ଜୀବନକୁ ବିପଦରେ ପକାଇବା ସହ ରେଳ କାର୍ଯ୍ୟକୁ ବାଧାପ୍ରାପ୍ତ କରିଥାଏ। ତେଣୁ ଷ୍ଟେଶନ, ଶିକ୍ଷାନୁଷ୍ଠାନ, ରେଳ ଲାଇନ୍ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଏହି ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସୁରକ୍ଷା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସୂଚନା ଦିଆଯାଇଛି।



ଆର୍‌ପିଏଫ୍ ପକ୍ଷରୁ ଏକ ଗ୍ରାମରେ ପିଲା ଓ ଅଭିଭାବକଙ୍କୁ ସଚେତନ କରାଯାଉଛି।

# 'ସରକାରୀ', 'ବେସରକାରୀ' ତଥ୍ୟ

ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ୪ର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଗତ ମେ' ୨୪ ତାରିଖରେ ନୀତି ଆୟୋଗର ୧୦ମ ଗଭର୍ଣ୍ଣିଂ କାଉନସିଲ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେବାକୁ ଯାଇ ଏହା କହିଥିଲେ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର. ସୁବ୍ରମଣ୍ୟମ୍। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ର ଅନୁମାନ ଆଧାରରେ ସେ ଏଭଳି କହିବା ପରେ ଦେଶପ୍ରେମୀ ଉତ୍ଫୁଲ୍ଲିତ ହୋଇଥିଲେ। ଦେଖିବାକୁ ଗଲେ ୨୦୨୪ରେ ଆଇଏମ୍ଏଫ୍ ପକ୍ଷରୁ ବିଭିନ୍ନ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ନେଇ ଏକ ଆକଳନ କରାଯାଇଥିଲା। ସେହି ଅନୁଯାୟୀ କୁହାଯାଇଥିଲା ଯେ, ଭାରତର ଜିଡିପି ୨୦୨୫ ସୁଦ୍ଧା ୪,୧୮୭.୦୩ ବିଲିୟନ ଆମେରିକୀୟ ଡଲାର ହୋଇପାରେ, ଯାହା ଜାପାନର ଜିଡିପି ୪,୧୮୬.୪୩ ବିଲିୟନ ଆମେରିକୀୟ ଡଲାରଠାରୁ ସାମାନ୍ୟ ଅଧିକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜାପାନର ଜନସଂଖ୍ୟା ୨୦୨୩ ସୁଦ୍ଧା ୧୨ କୋଟି ୪୫ ଲକ୍ଷ ହୋଇଥିବା ବେଳେ ମୋଟ କ୍ଷେତ୍ର ୩,୭୭,୯୭୩ ବର୍ଗ କିଲୋମିଟର। ତା' ତୁଳନାରେ ଭାରତର ଜନସଂଖ୍ୟା ୧୨ ଗୁଣାରୁ ଅଧିକ ହେଉଥିବା ବେଳେ ସମୁଦାୟ କ୍ଷେତ୍ର ୩୨,୮୭,୨୬୩ ବର୍ଗ କିଲୋମିଟର। ଗୋଟେ ଆକଳନକୁ ସତ ଭାବେ ଧରି ନିଆଯାଇ ଉପରିଲିଖିତ ସରକାରୀ ଅଧିକାରୀ କହିଦେଲେ ଯେ, ଭାରତ ବିଶ୍ୱର ୪ର୍ଥ ବୃହତ୍ ଅର୍ଥନୀତି ହୋଇଗଲା। ପରବର୍ତ୍ତୀ ସମୟରେ ଏହାର ସତ୍ୟାସତ୍ୟ ଜଣାପଡ଼ିଲା। ଅନେକେ କହିବା ଆରମ୍ଭ କଲେ ଯେ, ବିଶ୍ୱର ୪ର୍ଥ ସର୍ବବୃହତ୍ ଅର୍ଥନୀତି ବୋଲି ଭାରତ ସରକାର ଡିଣ୍ଡିମ ପିଟୁଥିବା ବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ ଯୋଜନା ମାଧ୍ୟମରେ ୮୧ କୋଟି ୩୫ ଲକ୍ଷ ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବା ବିରୋଧାଭାସ ସୃଷ୍ଟି କରୁଛି। ଦେଖିବାକୁ ଗଲେ ଯେତେବେଳେ ଗୋଟେ ଦେଶରେ ଅର୍ଦ୍ଧାଧିକ ଲୋକଙ୍କୁ ଗରିବ ଦର୍ଶାଯାଇ ସେମାନଙ୍କୁ ସର୍ବନିମ୍ନ ଖାଦ୍ୟଶସ୍ୟ ଦିଆଯାଉଛି, ସେତେବେଳେ ବିଶ୍ୱସ୍ତରରେ ଏହାର ଅର୍ଥନୀତି ସୁଦୃଢ଼ କହିବା ହାସ୍ୟାସ୍ପଦ। ଏହା କହିଲା ବେଳେ ଆମେ ସଚେତନ ଯେ, ଗଣତନ୍ତ୍ରରେ ଲୋକଙ୍କୁ ଖାଦ୍ୟ ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏହି ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକରେ ମଧ୍ୟ ସ୍ୱଚ୍ଛତା ବଜାୟ ରଖା ହେଉନାହିଁ। ତଥାପି ବି.ଭି.ଆର. ସୁବ୍ରମଣ୍ୟମ୍‌ଙ୍କ ମନ୍ତବ୍ୟ ପରେ ଦେଶବ୍ୟାପୀ ଭାରତୀୟ ଅର୍ଥନୀତିର ପ୍ରକୃତ ସ୍ଥିତି ଉପରେ ଗୋଟେ ଆଲୋଚନା ଓ ଚର୍ଚ୍ଚା ହୋଇଗଲା।

ଏବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ନିଜ ଅଞ୍ଚଳ ନାଗପୁରରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଦେଶରେ ଗରିବଙ୍କ ସଂଖ୍ୟା ବଢୁଥିବା ବେଳେ ହାତଗଣତିଙ୍କ ପାଖରେ ପର୍ଯ୍ୟାପ୍ତ ଧନ ଠୁଳ ହୋଇ ରହିଛି। ଧନ ବିକେନ୍ଦ୍ରୀକରଣ ନ ହେଲେ ଅର୍ଥନୀତିରେ ଉନ୍ନତି ଆସିପାରିବ ନାହିଁ। ନିଯୁକ୍ତି ସୃଷ୍ଟି ସହ ଗ୍ରାମାଞ୍ଚଳର ବିକାଶ ହେଲେ ଯାଇ ଅର୍ଥନୀତି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଏବଂ ମନମୋହନ ସିଂଙ୍କ ମୁକ୍ତ ଅର୍ଥନୀତିକୁ ପ୍ରଶଂସା କରିଥିଲେ। ଭାରତୀୟ ଅର୍ଥନୈତିକ ଢାଞ୍ଚାରେ ଜିଡିପିକୁ କ୍ଷେତ୍ରସ୍ତରୀୟ ଯୋଗଦାନରେ ଅସନ୍ତୁଳନ ବଢୁଥିବା ବିଷୟକୁ ସେ ଦର୍ଶାଇବାକୁ ଯାଇ କିଛି ଉଦାହରଣ ଦେଇଛନ୍ତି। ଜିଡିପି ଅଭିବୃଦ୍ଧିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୨୨ରୁ ୨୪ ପ୍ରତିଶତ, ସେବା କ୍ଷେତ୍ରର ୫୨ରୁ ୫୪ ପ୍ରତିଶତ ରହୁଥିବା ବେଳେ ଗ୍ରାମାଞ୍ଚଳର ପ୍ରାୟ ୬୫ରୁ ୭୦ ପ୍ରତିଶତ କୃଷିରେ ନିୟୋଜିତ ହୋଇଥିଲେ ମଧ୍ୟ ସେମାନଙ୍କ ଅବଦାନ ମାତ୍ର ୧୨ ପ୍ରତିଶତ ରହୁଥିବାରୁ ଗଡକରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

କୃଷିପ୍ରଧାନ ଦେଶ ଭାରତରେ ଏହି କ୍ଷେତ୍ର ଅଣଦେଖା ରହିବା ଓ ସାମଗ୍ରିକ ଭାବେ ନିଯୁକ୍ତି ହାର ବୃଦ୍ଧି ପାଉ ନ ଥିବା ଦେଖାଯାଉଛି। କିନ୍ତୁ ସେହି ଦିଗରେ ବିଧିବଦ୍ଧ ପଦକ୍ଷେପ ନିଆଯାଉନଥିବାରୁ ଭାରତୀୟ ଅର୍ଥନୀତିରେ ଉନ୍ନତି ଆସିପାରୁ ନାହିଁ। ଓଡ଼ିଶାରେ ମଧ୍ୟ ଜଳସେଚନ ଓ ଶୀତଳଭଣ୍ଡାର ଭଳି ଭିତ୍ତିଭୂମି ଅଭାବ ପରିଲକ୍ଷିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଅଧିକ ଲୋକ ନିୟୋଜିତ ହେଉଥିବା କୃଷି କ୍ଷେତ୍ରକୁ ଆକର୍ଷଣୀୟ କରାଯାଇପାରିଲେ ତାହା ଅର୍ଥନୀତି ଅଭିବୃଦ୍ଧିରେ ବିଶେଷ ସହାୟକ ହୋଇପାରନ୍ତା। ଏଥିସହ କୃଷି କ୍ଷେତ୍ର ଯେହେତୁ ବେଶି ଲୋକଙ୍କୁ ନିୟୋଜିତ କରୁଛି, ସେଥିରେ ସବୁଠାରୁ ଅଧିକ ସରକାରୀ ଋଣ, କୌଶଳ ଓ ଅର୍ଥ ବିନିଯୋଗ ହେବା ଆବଶ୍ୟକ। ଭାରତୀୟ ଅର୍ଥନୀତିର ସ୍ଥିତି ଓ ଗରିବଙ୍କ ସଂଖ୍ୟା ବୃଦ୍ଧି ନେଇ ଜଣେ ବରିଷ୍ଠ କେନ୍ଦ୍ରମନ୍ତ୍ରୀ ଭାବେ ଗଡ଼କରୀ ଶଙ୍କା ବ୍ୟକ୍ତ କରିବା ସୂଚାଉଛି ଯେ ଅର୍ଥନୀତି ବ୍ୟବସ୍ଥାରେ କେଉଁଠି ଗଡ଼ବଡ଼ ରହିଯାଉଛି। ମନେହେଉଛି ଯେପରି ଭାରତରେ ଅର୍ଥ ବ୍ୟବସ୍ଥା ସମ୍ପର୍କରେ କୌଣସି ଦୃଢ଼ ନୀତି ସୃଷ୍ଟି କରାଯାଇପାରୁ ନାହିଁ। କାରଣ ରାଜନୈତିକ ସ୍ତରରେ ସେଭଳି ଦିଗ ପ୍ରତି ଧ୍ୟାନ ନାହିଁ ଏବଂ ଭାରତରେ ଥିବା ତଥାକଥିତ ଅର୍ଥନୀତିଜ୍ଞମାନେ ବାସ୍ତବତା ଜାଣିନାହାନ୍ତି। ସେମାନେ କେବଳ ସରକାରୀ ଚାକିରିଆ ଭାବେ ଅର୍ଥନୀତିଜ୍ଞ ହୋଇଛନ୍ତି। ଆଜି ନୁହେଁ, ଅନେକ ବର୍ଷ ହେବ ଭାରତରେ ସରକାରୀ ପରିସଂଖ୍ୟାନକୁ ଲୋକଙ୍କ ଅବିଶ୍ୱାସ ରହିଆସିଛି। କେହି କାରଣରୁ ଅଧିକାଂଶ କ୍ଷେତ୍ରରେ ତଥ୍ୟ ଦର୍ଶାଇବା ବେଳକୁ ବିଶେଷକରି ଲେଖାଯାଏ 'ସରକାରୀ ସୂତ୍ରରୁ' ଓ 'ବେସରକାରୀ ସୂତ୍ରରୁ' ଆକଳନ। ସରକାର ଗରିବଙ୍କ ସଂଖ୍ୟା କମୁଛି ବୋଲି କହିଲା ବେଳକୁ ଗଡକରୀଙ୍କ ବିପରୀତ ଦିଗ ଉପରେ ଚିନ୍ତା ପ୍ରକଟ କରିବା ସେହି ବିରୋଧାଭାସକୁ ସ୍ପଷ୍ଟ କରୁଛି।



# କାବ୍ୟ ଚେତନାରେ ଅରଣ୍ୟ

ଡ. ପ୍ରଫୁଲ୍ଲ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ବିଶ୍ୱାସ ବା ପ୍ରତ୍ୟୟର ପ୍ରାଣକେନ୍ଦ୍ର। ଜଗନ୍ନାଥଙ୍କୁ କେନ୍ଦ୍ରକରି ଏଠି ଗଢ଼ି ଉଠିଛି ନୂତନ ଦର୍ଶନ, ଚିନ୍ତାଧାରା, ସଂସ୍କୃତି ଓ କିମ୍ବଦନ୍ତୀ ଇତ୍ୟାଦି। କେଉଁ ପ୍ରାଚୀନ କାଳରୁ ଜଗନ୍ନାଥ ଚେତନା ଆଧାରରେ ପରିପୁଷ୍ଟ ହୋଇଛି ଉତ୍କଳର ସାହିତ୍ୟ ଓ ସଂସ୍କୃତି। ବିଶେଷକରି ଓଡ଼ିଆ କାବ୍ୟ ସାହିତ୍ୟ ତା'ର ଆଦିସ୍ତର ଚର୍ଯ୍ୟାଗୀତଠାରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥ ଚେତନାରେ ପ୍ଲାବିତ ଓ ଅନୁରକ୍ତ। ସେଥିପାଇଁ କୁହାଯାଏ ଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ - ସଂସ୍କୃତି ଫୁଲ ଓ ତା'ର ପାଖୁଡ଼ା ଭଳି ଓତପ୍ରୋତ ଭାବେ ଜଡ଼ିତ।

ଉତ୍କଳୀୟ ସଂସ୍କୃତି ସାହିତ୍ୟରେ ଜଗନ୍ନାଥଙ୍କ ଅଲୌକିକ ମହିମା ଗାନରେ ନିଜକୁ କୃତାର୍ଥ ମନେକରିଛନ୍ତି ଶ୍ରୀଜୟଦେବଙ୍କ ଭଳି ଅନେକ କବି। ଆଦିକବି ସାରଳା ଦାସ ମା' ଶାରଳାଙ୍କ ଭକ୍ତ ହୋଇ ପୁଣା ଜଗନ୍ନାଥଙ୍କ ନିକଟରେ ପ୍ରକଟ କରିଛନ୍ତି ନିଜର ଆସ୍ଥା ଓ ଆତ୍ମୀୟତା। ଶ୍ରୀକୃଷ୍ଣଙ୍କୁ ନାୟକ ଭାବରେ ଗ୍ରହଣ କରି ସେ ମହାଭାରତ ଲେଖିଛନ୍ତି ସତ, ହେଲେ ଜଗନ୍ନାଥ (ଶବରୀ ନାରାୟଣ)ଙ୍କୁ ଅବତାରୀ ପୁରୁଷ ଭାବେ ଗ୍ରହଣ କରି ଗାଇଛନ୍ତି ବନ୍ଦନା। ସାରଳା ଦାସଙ୍କ ସମୟକୁ ଜଗନ୍ନାଥଙ୍କ ପ୍ରସିଦ୍ଧି ସାରା ଭାରତକୁ ବ୍ୟାପି ସାରିଥିଲା ଏବଂ ମହାପ୍ରଭୁଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଅନେକ କାହାଣୀ ଓ କିମ୍ବଦନ୍ତୀ। ପରବର୍ତ୍ତୀ ସମୟରେ ସେହି କିମ୍ବଦନ୍ତୀ ଓ ଉପାସନା ମହତ୍ତ୍ୱକୁ ଗୀତା, ସଂହିତା ଓ କାବ୍ୟ କବିତାରେ ବର୍ଣ୍ଣନା କଲେ ପଞ୍ଚସଖା। ଏମାନେ ଜଗନ୍ନାଥଙ୍କ ଭକ୍ତିରେ ପ୍ରମତ୍ତ ଜଣେ ଜଣେ ପରମ ସାଧକ ଏବଂ ଏମାନଙ୍କ ରଚନାରେ ଛଳ ଛଳ ହୋଇ ବହିଯାଇଛି ଜଗନ୍ନାଥ ଚେତନାର ଅପୂର୍ବ ଭାବବେଗ। ରୀତିଯୁଗରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ବନମାଳୀ ଓ ଯବନ କବି ସାଲବେଗ ପ୍ରମୁଖ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲେଖି ଯାଇଛନ୍ତି ରାଶିରାଶି ସ୍ତୁତି, ଭଜନ, ଜଣାଣ ଓ କାବ୍ୟ କବିତା। ଭକ୍ତ ସାଲବେଗ 'ଆହେ ନୀଳ ଶଇଳ', ବଳଦେବ ରଥଙ୍କ 'ବାଧିଲା ଜାଣି କ୍ଷମାକର' ଓ ବନମାଳୀଙ୍କର 'କିଛି ମାଗୁ ନାହିଁ ତୋତେ' ଆଦି ଅନେକ ସ୍ମରଣୀୟ ପଦ ପଂକ୍ତି ରହିଛି, ଯାହା ଜଗନ୍ନାଥଙ୍କ ସହ ଏକାତ୍ମ ହେବାର ଏକ ଏକ ଅନ୍ତରଙ୍ଗ ଗାଥିଗାଥା।

କବିତା କେବଳ ଆବେଗର କଥା କହେନି, ସେଥିରେ ଥାଏ ଆତ୍ମାର କଥା। କବିର ଆତ୍ମା ହେଉଛି ଏକ ଶାଶ୍ୱତ ଚେତନା, ଯାହା ତା'ର ଭାବନାକୁ ନେଇଯାଏ ମହାଭାବର ମହାଦିଗନ୍ତ ଆଡ଼େ। କବିଙ୍କୁ ତନ୍ମୟ କରେ ତା'ର ରହସ୍ୟମୟ ଭାବନିଷ୍ଠା। ବିସ୍ମୟର ବିଷୟ ଆଧୁନିକ କାଳରେ ଜନଜୀବନ ବସ୍ତୁତାନ୍ତ୍ରିକତା ଓ ନିରାଶ୍ୱରବାଦ ଆଡ଼କୁ ମୁହାଁଉଥିବା ସତ୍ତ୍ୱେ ପୂର୍ବପରି ଏବେ ବି ଜଗନ୍ନାଥଙ୍କୁ ନେଇ ଲେଖାଯାଉଛି ରାଶିରାଶି କବିତା। ମାତ୍ର ସେଥିରୁ ଅଧିକାଂଶ କବିତାରେ ଭକ୍ତି, ପ୍ରୀତି ଓ ପ୍ରତୀତି ଅପେକ୍ଷା କ୍ରୋଧ, ବିଦ୍ରୋହ ଓ ଜିଜ୍ଞାସାର ସ୍ୱର ଅଧିକ ତୀବ୍ର। କେଉଁଠି ଜଗନ୍ନାଥଙ୍କ ପ୍ରତି ସଂଶୟ ଓ ତାର୍ଯ୍ୟକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଉଛି ତ କେଉଁଠି କବି କଣ୍ଠରେ ବାରିହୋଇ ପଡ଼ୁଛି ଶ୍ଳେଷ ଓ ବ୍ୟଙ୍ଗ। କେବଳ ଆବେଗ ନୁହେଁ, କବିତା ପାଇଁ ସାମାଜିକ ବାସ୍ତବତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେଣୁ ତତ୍ତ୍ୱଭାବନାକୁ ପଛରେ ପକାଇ ଠିଆରି ହୋଇଛି ଜଗନ୍ନାଥ କେନ୍ଦ୍ରିକ କାବ୍ୟ ଚେତନାର ନୂଆ ସ୍ରୋତ।

ରହସ୍ୟମୟ ଠାକୁର ଜଗନ୍ନାଥ ବହୁ ଦାର୍ଶନିକ ମତବାଦ ଓ ଧର୍ମୀୟ ଚିନ୍ତନର ସମନ୍ୱିତ ପ୍ରତିଭୂ। ମୂଳତଃ ସେ ଆଦିବାସୀ (ଶବର) ଦେବତା। ସ୍କନ୍ଦ ପୁରାଣ ଅନୁସାରେ ବିଶ୍ୱାବସୁ ନାମକ ଶବର ରାଜାଙ୍କ ଦ୍ୱାରା ସେ ଗୋପନରେ ଓ ଅରଣ୍ୟ ଭିତରେ ପୂଜା ପାଉଥିଲେ ନୀଳମାଧବ ରୂପରେ। ପରବର୍ତ୍ତୀ ସମୟରେ ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସେ ଅରଣ୍ୟରୁ ଆସି ଶ୍ରୀକ୍ଷେତ୍ରରେ ପୂଜା ପାଇବା ଫଳରେ ଦାରୁ ଉପାସନାରେ ପରିଣତ ହେଲା। ଅରଣ୍ୟ ଚେତନାର ସହଜ ବୃକ୍ଷ ଉପାସନା। ଏହି ଅନ୍ତର୍ଦୃଷ୍ଟି ସମ୍ପନ୍ନ ଆଧ୍ୟାତ୍ମ ଅନୁଭବରୁ ପ୍ରତିଷ୍ଠା ଲାଭକଲା ସାମ୍ୟ ଓ ମୈତ୍ରୀ ଚେତନା। ଶବର ଓ ବ୍ରାହ୍ମଣ ଉଭୟ ପରମ୍ପରାର ସମନ୍ୱୟରେ ପରିପୁଷ୍ଟ ହେଲା ଜଗନ୍ନାଥ ସଂସ୍କୃତି। ଦୂର ହେଲା ଆର୍ଯ୍ୟ ଓ ଅନାର୍ଯ୍ୟ ପରମ୍ପରା ମଧ୍ୟରେ ଥିବା ମତଭେଦ। ଏହି ମୈତ୍ରୀ ଭାବନା ପ୍ରତିଷ୍ଠା ଅନ୍ତରାଳରେ ଥିବା ବିଦ୍ୟାପତି - ଲଳିତା ପ୍ରସଙ୍ଗକୁ କାବ୍ୟାୟିତ କରିବାକୁ ଯାଇ କବି ଦୀନକୃଷ୍ଣ ଦାସ ଲେଖିଛନ୍ତି - ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଥିଲା/ଶବର ଝିଅକୁ ସେ ଯେ ପ୍ରଦାନ ହୋଇଲା। କବି ବନେଇ ଦାସ ମଧ୍ୟ ଗୋପୀଭାଷାରେ ଗାଇଛନ୍ତି - ଥିଲା ଶବରିଣୀ ହସ୍ତେ ମାଣିକ/ତାହା ଚିହ୍ନି ଘେନିଗଲା (ବଣିକ) ଗଣିକ।

ଗହନବନରେ ପୂଜା ପାଉଥିବା ନୀଳମାଧବଙ୍କ ପାଖକୁ ବିଦ୍ୟାପତିଙ୍କୁ ବାଟ କଢ଼େଇ ନେଇଥିଲା ବିଶ୍ୱାବସୁଙ୍କ କନ୍ୟା ଲଳିତା। ଏହାକୁ କିମ୍ବଦନ୍ତୀ କହି କେବେ ଏଡାଇ ଯାଇନି ଆଧୁନିକ କବି। ବରଂ ବିଶ୍ୱାବସୁଙ୍କ କନ୍ୟା ଲଳିତାର ସହଯୋଗକୁ ସ୍ମରଣୀୟ ଓ ଶ୍ରୀମଣ୍ଡିତ କରିବାକୁ ଯାଇ କବି ସଚ୍ଚି ରାଉତରାୟ ତାଙ୍କର ସୋରିଷ ଫୁଲର ପଥ କବିତାରେ ତାହା ଲେଖିଛନ୍ତି ଏକ ଭିନ୍ନ ଢଙ୍ଗରେ - "ଶଙ୍ଖକ୍ଷେତ୍ର ମହା ମାନବର/ମୁଁ ମାତ୍ର ନିମିତ୍ତ, ତୁମେ ମୋ ସଙ୍ଗିନୀ/କେଉଁ ଆଦେ ହାତଧରି ନେଇଛ ସୁଦୂର।/ଯୁହ ଦୁଆରେ ଖୋଲି ଦେଇଛ।"

ଆକାଶର ଖୋଲାପଣ ପରି ଏହି ଅନ୍ତରଙ୍ଗ ଆଳାପରେ ଶରମ ହୋଇ ଉଠିଛି ଆର୍ଯ୍ୟ ଓ ଅନାର୍ଯ୍ୟର ମଧୁର ଆଲିଙ୍ଗନ ବା ଐକ୍ୟବୋଧର ଐଶ୍ୱର୍ଯ୍ୟପଣ। ମଣିଷର ସ୍ଥିତି, ଉନ୍ନତି ଓ ଆଧାତ୍ମିକତା ସହିତ ବୃକ୍ଷଜଗତ ଓତପ୍ରୋତ ଭାବେ ଜଡ଼ିତ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଖାଦ୍ୟ, ବସ୍ତ୍ର, ଆସବାବ ଆଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ବୃକ୍ଷ ଉପରେ ନିର୍ଭରଶୀଳ। ସେଣୁ ଭାରତୀୟ ସଂସ୍କୃତିରେ ବୃକ୍ଷପୂଜା ପରମ୍ପରା ବହୁ ପ୍ରାଚୀନ। ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟକୁ ପ୍ରଥମେ ଆବିଷ୍କାର କରିଥିଲା ଏ ଦେଶର ଆଦିମ ଅଧିବାସୀ। ତାକୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ବୃକ୍ଷର ବହୁମୁଖୀ ଉପକାରିତା ଓ ସହିଷ୍ଣୁତା। ତା' ପରେ ଏହି ଅରଣ୍ୟ ଚେତନାରୁ ଆରମ୍ଭ ହେଲା ବୃକ୍ଷ ଉପାସନା। ଏହା କ୍ରମଶଃ ଦାରୁ ଉପାସନା ଓ ପରିଶେଷରେ ନୀଳାଦ୍ରି ମଣ୍ଡପରେ ଦାରୁବ୍ରହ୍ମ ଉପାସନା ନିମନ୍ତେ ଖଞ୍ଜାହେଲା ବିଧିବିଧାନ। ନୀଳାଦ୍ରି ବିହାରୀ ପରବ୍ରହ୍ମ ଜଗନ୍ନାଥଙ୍କୁ ଦାରୁ ଦେବତା ରୂପରେ ବନ୍ଦନା କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'ରସିକ ହାରାବଳୀ'ର ପ୍ରଥମ ଛାନ୍ଦରେ ଗାଇଲେ - 'ଜୟ ଜଗନ୍ନାଥ ଦାରୁରୂପଧାରୀ/ନୀଳ ଗିରୀଶ ଗିରୀଶ ବନ୍ଦନୀୟ ହରି/ମହାବଳ ବଳ ଅବରୁଦ୍ଧ ଭଦ୍ରାଗଜ/ଗରୁଡ଼ାସନ ପୂଜ୍ୟ ଚତୁର୍ଭୁଜ।'

ଆଦିବାସୀର ଅରଣ୍ୟ ଚେତନା ପାଇଁ ଏକଦା ଜଙ୍ଗଲ ଥିଲା ସୁରକ୍ଷିତ। ତଥାକଥିତ ସଭ୍ୟ ମଣିଷର ସ୍ୱାର୍ଥପରତା ଯୋଗୁ ଅରଣ୍ୟ ସମ୍ପଦ ଏବେ ସଙ୍କଟରେ। ବିକାଶ ନାଁରେ ପ୍ରତିଦିନ କଟାଯାଉଛି ଗଛ। ଧ୍ୱଂସ ପାଉଛି ବିସ୍ତୃତ ଅଞ୍ଚଳବ୍ୟାପୀ ଘଞ୍ଚ ଅରଣ୍ୟ। ଉଜୁଡ଼ି ଯାଉଛି ଅସୁମାରୀ ପଶୁପକ୍ଷୀଙ୍କ ପ୍ରାକୃତିକ ଆବାସସ୍ଥଳୀ। ତା'ର ପ୍ରଭାବରେ କ୍ଷୁବ୍ଧ ହେଉଛି ପ୍ରକୃତି। ଆଧୁନିକ କବିଙ୍କୁ ଆଜି ଖୁବ୍ ମର୍ମାହତ କରିଛି ଏହି ପାରିବେଶିକ ବିପର୍ଯ୍ୟୟ। ସେଣୁ ସେ ଜଗନ୍ନାଥଙ୍କୁ ଦାରୁଦେବତା କହି ବନ୍ଦନା କରିବା ପରିବର୍ତ୍ତେ ବାଡ଼ି ଚାଲିଛି ଅଭିଯୋଗ। କବି ବେଣୁଧର ରାଉତଙ୍କ ଭାଷାରେ - 'କେଉଁ ଜଙ୍ଗଲୀ ଠାକୁର/ଜଙ୍ଗଲ କୁଆଡ଼େ ଗଲା?/ ତୁମର ଶବରମାନେ କାହା ସଙ୍ଗେ କଥାଭାଷା ହେବେ/ତୁମ ଲାଗି ବାଟ ଚାହିଁ ଶବରୁଣୀ ବସିବ କେଉଁଠି?/କେଉଁଠୁ ଆସିବ ଭଲା ଚାଖିବାକୁ ତୁମ ଲାଗି/ଖଟା ମିଠା ଫଳ?'

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୭୩୮୧୬୭୫୭୬୭





# କୃଷି କ୍ଷେତ୍ରରେ ଆତଙ୍କବାଦ

ପ୍ର.ରମେଶ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ଦୁନିଆରେ ମଣିଷ ଜାତିର ଅନ୍ୟତମ ପ୍ରଧାନ ଶତ୍ରୁ ହେଲା ଆତଙ୍କବାଦ। ଅଧିକାଂଶସ୍ଥଳେ ଏହା ମୂଳରେ ଥାଏ ଜାତିଧର୍ମ, ରାଜନୈତିକ, ଆଦର୍ଶଗତ ତଥା ଅନ୍ୟାନ୍ୟ ବିଦ୍ୱେଷ। ୨୦୦୧ ସେପ୍ଟେମ୍ବର ୧୧ ତାରିଖ ଦିନ ଇସ୍‌ଲାମୀୟ ଆତଙ୍କବାଦୀମାନେ ଆମେରିକାରେ, ୨୦୦୮ ଏବଂ ୨୦୧୧ରେ ମୁମ୍ବାଇଠାରେ ଏବଂ ନିକଟରେ (ଏପ୍ରିଲ ୨୦୨୫) କଶ୍ମୀରର ପହଲଗାମ୍‌ଠାରେ ଘଟାଇଥିବା ମୃତ୍ୟୁର ଲୀଳା ଏହାର ଗୋଟିଏ ଗୋଟିଏ ଭୟାବହ ଦୃଷ୍ଟାନ୍ତ। ଏହା ବ୍ୟତୀତ ଆମ ଦେଶରେ ମାଓବାଦୀମାନେ ଏବଂ ବିଶେଷକରି ଆଫ୍ରିକୀୟ ଦେଶଗୁଡ଼ିକରେ ବିଭିନ୍ନ ଗୋଷ୍ଠୀ ଏ କାର୍ଯ୍ୟ ନିୟମିତ କରିଚାଲିଛନ୍ତି। ପରିଶାମ ସ୍ୱରୂପ, ୨୦୨୩ରେ ଅନୁଷ୍ଠିତ ଏକ ଆକଳନ ଅନୁସାରେ ସେ ବର୍ଷ ପୃଥିବୀର ୩,୩୫୦ଟି ସ୍ଥାନରେ ଏଭଳି ଛୋଟ ବଡ଼ ଘଟଣା ଘଟିଥିଲା ଏବଂ ସେଥିରେ ମୃତ୍ୟୁବରଣ କରିଥିଲେ ପ୍ରାୟ ୮/୯ ହଜାର ବ୍ୟକ୍ତି। ତଥାପି ଏହି ଅମାନବୀୟ କାର୍ଯ୍ୟକୁ ଅଧିକ ଘାତକ ତଥା ଦୁର୍ଭିକ୍ଷ୍ୟ କରିବା ଲାଗି ନୂତନ ତଥା ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ହୋଇଚାଲିଛି। ସ୍ଥାନ, କାଳ, ପାତ୍ରକୁ ଦୃଷ୍ଟିରେ ରଖି ଏହାକୁ ବିଭିନ୍ନ ଦିଗରୁ ବିକଶିତ କରାଯାଉଛି। ଆଧୁନିକ ବିଜ୍ଞାନର ଏହି କୁପ୍ରୟୋଗର ଏବଂ ହିଂସ୍ର ଚାଲିଥିବା ମାନବିକତାର ଅନ୍ୟତମ ମୂକସାକ୍ଷୀ ରୂପେ ଏବେ ଉଭାହେଲାଣି କୃଷି କ୍ଷେତ୍ରରେ ଆତଙ୍କବାଦ ବା 'ଆଗ୍ରୋ-ଟେରରିଜମ୍'।

ଏହା ଏକ ବିରଳ ତଥା ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟା ଆଧାରିତ ଜୈବିକ ପ୍ରକ୍ରିୟା। ଏଥିରେ ଗୋପନୀୟ ଭାବେ ବିବିଧ ଅନିଷ୍ଟକାରୀ ସୂକ୍ଷ୍ମଜୀବମାନଙ୍କୁ ଫସଲ (ଗୋଖାଦ୍ୟ ମଧ୍ୟ) ଉପରେ ଜୈବିକ ଅସ୍ତ୍ର ରୂପେ ପ୍ରୟୋଗ କରାଯାଏ। ଆତଙ୍କବାଦୀମାନେ କୌଣସି ଦେଶ, ଗୋଷ୍ଠୀ କିମ୍ବା ସମ୍ପ୍ରଦାୟ ଦ୍ୱାରା ପ୍ରରୋଚିତ ହୋଇ ଜୈବିକ କବକ ବା 'ଫୁଞ୍ଜାଇ, ଭୂତାଣୁ, ଜୀବାଣୁ, କୀଟ' ଆଦି ବ୍ୟବହାର କରି ତଦ୍ୱାରା ଶତ୍ରୁଦେଶର ବା ଗୋଷ୍ଠୀର କୃଷି ଉତ୍ପାଦନକୁ ଘୋର କ୍ଷତି ପହଞ୍ଚାଇଥାନ୍ତି। ଏହା ଖାଦ୍ୟ, ବ୍ୟବହାର ପଦ୍ଧତି ସରଳ ଏବଂ ସହଜରେ ଚିହ୍ନଟକ୍ଷମ ନୁହେଁ। ତେବେ ଖାଦ୍ୟ ନିରାପତ୍ତା ସଙ୍ଗେ ସଙ୍ଗେ ଅର୍ଥନୈତିକ, ସାମାଜିକ ତଥା ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ।

କୃଷି କ୍ଷେତ୍ରରେ ଆତଙ୍କବାଦର ଇତିହାସ ନୂଆ ନୁହେଁ। ତେବେ ତାହା ଅଧୁନାକୁ ଅଧିକ ଉଗ୍ର ରୂପ ନେବାକୁ ଲାଗିଛି ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରୁ। ଉଦାହରଣସ୍ୱରୂପ ସେତେବେଳେ (୧୯୪୩ ମସିହା) ନାଜି ଜର୍ମାନୀ "କଲୋରାଡୋ ପଟାଟୋ ବିଟ୍‌ଲସ୍" ନାମକ କୋଳିଓପୋକ ବ୍ୟବହାର କରି ଇଂଲଣ୍ଡର ଆଳୁ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା ବୋଲି ୧୯୫୦ ଦଶକରେ ଆମେରିକା ତାହା ତଦନ୍ତିକ୍ରମ ପୂର୍ବ ଜର୍ମାନୀରେ ପ୍ରୟୋଗ କରିଥିବାର ଅଭିଯୋଗ ହୁଏ। ଅନ୍ୟପକ୍ଷରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ମିତ୍ରଶକ୍ତି ରାଷ୍ଟ୍ରଗୁଡ଼ିକ ଉପରେ ବିବିଧ କବକ ସାହାଯ୍ୟରେ କୃଷି ଓ ପଶୁ ସମ୍ପଦକୁ ଆକ୍ରମଣ କରିଥିବାର ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକା ଜାପାନର ଧାନ ଫସଲକୁ ନଷ୍ଟ କରିଥିବାର କୁହାଯାଏ। ତେବେ ନୂତନ ଜୈବ ପ୍ରଯୁକ୍ତି



ପ୍ରୟୋଗ ଫଳରେ ଏହି ସୂକ୍ଷ୍ମଜୀବମାନଙ୍କର ନୂତନ ତଥା ଅଧିକ ଘାତକ ନୂଆ ଜାତିମାନ ପ୍ରସ୍ତୁତ ହେବା ଫଳରେ ଏ ଅସ୍ତ୍ର ଅଧିକ ଧ୍ୱଂସାତ୍ମକ ହୋଇଯାଉଛି।

ବର୍ତ୍ତମାନ କୃଷି କ୍ଷେତ୍ରରେ ଆତଙ୍କବାଦ ପ୍ରଶ୍ନ ପୁନର୍ବାର ଆଲୋଚନା ହେବାର ମୁଖ୍ୟ କାରଣ ହେଲା ଆମେରିକାରେ ଘଟିଥିବା ଏକ ଘଟଣା। ଏହାର ଗୁପ୍ତଚର ସଂସ୍ଥା 'ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍' ବା 'ଏଫ୍‌ବିଆଇ' ତାଲନା ଦ୍ୱାରା କରାଯାଇଥିବା ଏକ ସୂଚନା ପାଇଛି ବୋଲି ଦାବି କରୁଛି ଏବଂ ସେହି ଅପରାଧରେ ଆମେରିକାରେ ଥିବା ଚାଇନାର ଦୁଇଜଣ ନାଗରିକ ଜଡ଼ିତ ବୋଲି ଅଭିଯୋଗ କରିଛି। ଏହି ଅନୁଯାୟୀ ଏମାନେ ଆମେରିକାର କୃଷି କ୍ଷେତ୍ରରେ ଏକ ନୂତନ ଜାତିର 'ଫ୍ୟୁସାରିୟମ୍ ଗ୍ରାମିନୋଆରମ୍' ନାମକ କବକ ପ୍ରୟୋଗ କରି ଏଠାରେ ଫସଲହାନି ଘଟାଇବାର ପ୍ରୟାସରେ ଥିଲେ। ଏହି କବକଟି ଗହମ, ବାର୍ଲି, ମକା, ଧାନ ଆଦି ଶସ୍ୟଜାତୀୟ ଫସଲକୁ ବ୍ୟାପକ କ୍ଷତି ପହଞ୍ଚାଇବା ସଙ୍ଗେ ସଙ୍ଗେ 'ଭୋମିଟକ୍ସିନ୍' ନାମକ ବିଷଟିଏ ଉତ୍ପନ୍ନ କରି ଖାଦ୍ୟଶସ୍ୟକୁ ମଣିଷ ତଥା ଅନ୍ୟାନ୍ୟ ପଶୁମାନଙ୍କ ପାଇଁ ବିଷାକ୍ତ କରିଦିଏ।

'ଏଫ୍‌ବିଆଇ'ର ଅଭିଯୋଗ ଅନୁସାରେ ମିଚିଗାନ୍ ବିଶ୍ୱବିଦ୍ୟାଳୟର ଏକ ବିଜ୍ଞାନାଗାରରେ ଗବେଷଣାରତ ୩୩ ବର୍ଷୀୟ ୟୁଂକିଙ୍ଗ ଜିଆନ୍ ଏବଂ ୩୪ ବର୍ଷୀୟ ଜୁନିଓଙ୍ଗ ଲିଉ ନାମକ ଦୁଇଜଣ ଚାଇନାର ଅଧିବାସୀ ତାଙ୍କ ଦେଶରୁ ବେଆଇନ ଭାବେ ଏହି କବକର ବିଭିନ୍ନ ନୂଆ ନୂଆ ଜାତିକୁ ଚୋରାଚାଲାଣ କରି ଆଣିଛନ୍ତି ଏବଂ ଏଠାରେ ତାହା ଉପରେ ଗବେଷଣା ଚଳାଇ ଏହାଠାରୁ ଅଧିକ ମାରାତ୍ମକ ଜାତି ତିଆରି କରିବାକୁ ଉଦ୍ୟମ କରୁଛନ୍ତି। ସମ୍ଭବତଃ ଗୋପନରେ ତାହାକୁ ଆମେରିକାର କୃଷିକ୍ଷେତ୍ରରେ ପ୍ରୟୋଗ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ଏବେ ଜିଆନ୍‌ଙ୍କୁ ପୋଲିସ ହେପାଜତକୁ ନେଇଛି ଏବଂ ତା' ପୁରୁଷବନ୍ଧୁ ଲିଉ କେଉଁଠି ଆତ୍ମଗୋପନ କରିଛି।

କୃଷିକ୍ଷେତ୍ରରେ ଆତଙ୍କବାଦ ଲାଗିବ୍ୟବହୃତ ବିବିଧ 'ଜୈବିକ ଅସ୍ତ୍ର' ମଧ୍ୟରେ 'ଫ୍ୟୁସାରିୟମ୍ ଗ୍ରାମିନୋଆରମ୍' ଅନ୍ୟତମ ଶକ୍ତିଶାଳୀ ଏବଂ ଅଧିକ ବିପଜ୍ଜନକ। ଏବେ ମଧ୍ୟ ଏହା ବିଭିନ୍ନ ଦେଶରେ ଫସଲହାନିର କାରଣ ହୋଇଛି। ବିଶ୍ୱରେ ଏହା ବାର୍ଷିକ ବିଲିୟନ-ବିଲିୟନ ଡଲାର ଏବଂ ଆମେରିକାରେ ପ୍ରାୟ ୧ ବିଲିୟନ ଡଲାର ମୂଲ୍ୟର ଫସଲ କ୍ଷୟ ଘଟାଉଛି। ଅତଏବ ଏହାର ଅଧିକ କ୍ଷତିକାରକ ନୂତନ ଜାତିମାନ ପ୍ରସ୍ତୁତ କରାଗଲେ ସେଗୁଡ଼ିକ କୃଷି କ୍ଷେତ୍ରରେ ବ୍ୟାପକ ବିଧ୍ୱଂସର କାରଣ ହେବାର ସମ୍ଭାବନା ରହିଛି। ସେଥିପାଇଁ ଆମେରିକାର ଆଟର୍ନି ଜେନେରାଲ୍ ଗରଚନ୍ ଜୁନିୟର ଏହାକୁ ଜାତୀୟ ନିରାପତ୍ତା ପ୍ରତି ଏକ ବିପଦ ବୋଲି ଘୋଷଣା କରିଛନ୍ତି।

ଏବେ ବି ଆମ ଦେଶର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଏହାର ୪୬% ଲୋକଙ୍କର ଏହା ବୃତ୍ତି ହୋଇଥିବାର ଜଣାପଡ଼ିଛି ୨୦୨୨-୨୦୨୩ ମସିହାର ଏକ ଆକଳନରୁ। ଏପରିସ୍ଥଳେ କୃଷି କ୍ଷେତ୍ରରେ ଆତଙ୍କବାଦ ଏହି ପ୍ରତି ଅତି ବିପଜ୍ଜନକ ମନେହେବା ସ୍ୱାଭାବିକ। ପୁନଶ୍ଚ ଆମ ଦେଶର ଶତ୍ରୁ ପାକିସ୍ତାନ ଆତଙ୍କବାଦୀଙ୍କ ଜନ୍ମସ୍ଥଳୀ ଏବଂ ତାକୁ ଏଥିରେ ସବୁମତେ ସାହାଯ୍ୟ କରିବାକୁ ଶକ୍ତିଶାଳୀ ଚାଇନା ସବୁବେଳେ ପ୍ରସ୍ତୁତ। ସେଣୁ ଏଥିପ୍ରତି ଆମେ ସତତ ସଜାଗ ରହିବା ଏକାନ୍ତ ବାଞ୍ଛନୀୟ।

ଉଷା ନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ଏଇ ଭାରତରେ

ଲୋକଙ୍କ ଚାହିଁବାପରା ଶୁଣି ଅନେକେ ଭାଙ୍ଗିପଡ଼ନ୍ତି, ହେଲେ ଆଉ କେତେକ ଏହାକୁ ନିଜର ସାମର୍ଥ୍ୟ କରିନିଅନ୍ତି। ତା'ପରେ ସେମାନଙ୍କ ପାଖରେ ସଫଳତା ଆପେ ଆପେ ମିଳିଯାଏ। ଠିକ୍ ଏମିତି କିଛି ଘଟିଛି ହର୍ଷ ଗୁପ୍ତାଙ୍କ ସହିତ। ମହାରାଷ୍ଟ୍ରର ଏହି ଯୁବକ ଏବେ ଆଇଆଇଟିରେ ଛାତ୍ର। ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସେ ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି। ହର୍ଷଙ୍କ ବାପା ଗୁପଚୁପ ବିକ୍ରି କରନ୍ତି। ସେଣୁ ପାଠ ପଢ଼ିବା ପାଇଁ ସବୁ ସୁବିଧାସୁଯୋଗ ପାଇବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। କିନ୍ତୁ ଆଇଆଇଟିରେ ପଢ଼ିବା ଥିଲା ତାଙ୍କର ସ୍ୱପ୍ନ। ଏଥିପାଇଁ ସେ ନିରନ୍ତର ପରିଶ୍ରମ କରୁଥିଲେ। ଛୋଟବେଳରୁ ସେ ଭଲ ପଢୁଥିଲେ। ସେଣୁ ଯୁକ୍ତ୨ ପରେ ସେ ଜେଇଇ ପରୀକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ପ୍ରଥମ ଥର ତାଙ୍କୁ ସଫଳତା ମିଳି ନ ଥିଲା। ଅଧିକ ନମ୍ବର ମିଳି ନ ଥିବାରୁ ତାଙ୍କ ମନପସନ୍ଦର କଲେଜରେ ସିଟ୍ ପାଇ ନ ଥିଲେ। ତାଙ୍କର ଏହି ବିଫଳତା ପାଇଁ ସାଙ୍ଗସାଥୀ ଚାହିଁବାପରା କରିଥିଲେ। ଏହା ଶୁଣି ସେ ମନ ଦୁଃଖ କରିଥିଲେ ସତ, କିନ୍ତୁ ହତୋତ୍ସାହିତ ହୋଇ ନ ଥିଲେ। ବରଂ ପୁଣି ଥରେ ଅଧିକ ପରିଶ୍ରମ କରି ପାଠ ପଢ଼ିବାର ଜିଦ୍ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା। ଅଳ୍ପ କିଛି ମାସର କୋଚିଂ ନେଇ ସେ ପୁଣି ଥରେ ଏଥର ପରୀକ୍ଷା ଦେଇଥିଲେ ଓ ୯୮.୫୯ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏବେ ତାଙ୍କର ସଫଳତାକୁ ନେଇ ସବୁଆଡେ ଖୁସିର ଲହରି। ଭବିଷ୍ୟତରେ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦେଶ ପାଇଁ କିଛି କରିବାକୁ ଲକ୍ଷ୍ୟ ରଖିଛନ୍ତି ହର୍ଷ।

## ୫୦ ବର୍ଷ ତଳେ ଧରିତ୍ରୀ

୭ ଜୁଲାଇ ୧୯୭୬

- ରାଜ୍ୟରେ ଦୁଗ୍ଧ ଯୋଗାଣ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଛନ୍ତି।
- ବାଂଲାଦେଶର ସିଲହଟ ରଙ୍ଗପୁର ଏବଂ କୋମିଲା ଜିଲାର ପ୍ରାୟ ୧୮ ଲକ୍ଷ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ରିପୋର୍ଟରେ ପ୍ରକାଶ କରାଯାଇଛି।

## ଚିରନ୍ତନୀ

କହ କହ କେଉଁ ବାଆ ଜଗାଏ ଲୋ ତତେ,
ସେ ନିଷ୍ଠେ ମୋହରି ବାଆ ହୁଅଇ ପରତେ,
ତୋର ନୀଳ ବରଗଣେ
କୋଟିଏ ତାରା ଗହଣେ
କେଉଁ ତାରା ମୁଖ ଦେଖି କହ କହ ସତେ !
-(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | 5 | | | |
| | 7 | | | | | | | 5 |
| | | | | | | 1 | 3 | 9 |
| 8 | | | 6 | | | 1 | | |
| 1 | | 5 | 4 | | | 9 | | |
| | | 6 | 3 | | | | | |
| 7 | 4 | | | | | | | |
| | | 5 | 3 | | | 2 | | |
| | | | 2 | 9 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 6 | 5 | 7 | 9 | 2 | 3 |
| 5 | 3 | 7 | 4 | 9 | 2 | 6 | 1 | 8 |
| 9 | 2 | 6 | 1 | 3 | 8 | 7 | 5 | 4 |
| 2 | 5 | 9 | 8 | 7 | 3 | 4 | 6 | 1 |
| 6 | 8 | 4 | 5 | 1 | 9 | 2 | 3 | 7 |
| 7 | 1 | 3 | 2 | 4 | 6 | 8 | 9 | 5 |
| 1 | 6 | 2 | 3 | 8 | 4 | 5 | 7 | 9 |
| 4 | 7 | 5 | 9 | 2 | 1 | 3 | 8 | 6 |
| 3 | 9 | 8 | 7 | 6 | 5 | 1 | 4 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନୂଆ ସାବରଙ୍ଗ ବ୍ଲକ ହେଉ

ମହାଶୟ,

ଭଦ୍ରକ ଜିଲା ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତକୁ ଲାଗି ଗୋରାମାଟୀ, ଅଟତୋ, ଏରଡା, ସାହାଡ଼, ଚଣ୍ଡିଆ ଇତ୍ୟାଦି ପଞ୍ଚାୟତ ରହିଛି। ପ୍ରତିଦିନ ଶହ ଶହ ଲୋକ ଓ ଯାନବାହନ ଏହି ପଞ୍ଚାୟତ ଦେଇ ଯାତାୟାତ କରନ୍ତି। ଦୋକାନ, ବଜାର, ସ୍କୁଲ, ଡାକ୍ତରଖାନା ସବୁ ଅଛି। ଦୈନିକ ଶହ ଶହ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସନ୍ତି। ସାବରଙ୍ଗକୁ ରାଣୀତାଲ ଓ ହରିପୁରକୁ ସବୁଦିନିଆ ପକ୍କା ରାସ୍ତା ଅଛି। ଅନେକ ଆପ୍ରୋଚ ରୋଡ଼ ମଧ୍ୟ ଏଠାକୁ ଲାଗିଛି। ହାଟ, ବଜାରରେ ଦିନ ରାତି ଗହଳ ଚହଳ ଲାଗୁଛି। ସୁତରାଂ ଏସବୁ ବିଚାରକୁ ନେଇ ସାବରଙ୍ଗକୁ ଏକ ବ୍ଲକରେ ପରିଣତ କଲେ ଲୋକେ ଆଉ ଅଧିକ ଭଦ୍ରକ ଦୌଡ଼ନ୍ତେ ନାହିଁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

ବୁଗୁଡ଼ା/ଜି. ଉଦୟଗିରି,୬।୭ (କାଳୀଚରଣ ଦାଶ/ ଚିନ୍ମୟ ସେଠୀ)

ବାହୁଡାରେ ମନ୍ଦିରକୁ ଫେରୁଥିବା ମହାପ୍ରଭୁ ବାଟରେ ଅଟକି ରହି ରବିବାର ଆଷାଢ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ସବୁ ନୀତିକାନ୍ତି ଶେଷ ହେବା ପରେ ରଥ ଉପରେ ବିଶ୍ୱନିୟନ୍ତାଙ୍କୁ ଆକର୍ଷଣୀୟ ସୁନାବେଶରେ ପୂଜକମାନେ ସଜାଇଥିଲେ। ପରେ ସେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସୁନାବେଶ ଲାଗି ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସେହିପରି କନ୍ଧମାଳ ଜିଲା ଜି ଉଦୟଗିରିରେ ବଡ଼ ଏକାଦଶୀରେ ମହାପ୍ରଭୁ ରଥ ଉପରେ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅପରାହ୍ନଠାରୁ ଅଞ୍ଚଳରେ ଝିପିଝିପି ବର୍ଷା ସତ୍ତ୍ୱେ ତିନି ଠାକୁରଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା।

# ଶିକ୍ଷା ବିଭାଗର ଏବେ ଚେତା ପଶିଲା

### ସରକାରୀ ସ୍କୁଲରେ ଏ-୧ଗ୍ରେଡ ନିରୁତ୍ସାହଜନକ

ବ୍ରହ୍ମପୁର, ୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ଦଶମ ପରୀକ୍ଷାରେ ୨୦୨୪-୨୫ରେ ଉନ୍ନତ ଫଳାଫଳ ହୋଇଥିଲେ ବି ସରକାରୀ ସ୍କୁଲଗୁଡିକରେ ଏ-୧ ଗ୍ରେଡ ବହୁତ କମ୍ ରହିଛି। ବିଭାଗୀୟ ଅବହେଳାରୁ କେଉଁଠି ନା କେଉଁଠି ତ୍ରୁଟି ରହିଥିବାରୁ ଏଭଳି ହୋଇଥିବା ଜାଣିବା ପରେ ଶିକ୍ଷା ବିଭାଗର ଏବେ ଚେତା ପଶିଛି। ତେଣୁ ଶିକ୍ଷାବର୍ଷ ଆରମ୍ଭରୁ ପିଲାଙ୍କୁ କିଭଳି ସଫଳତାର ଶୀର୍ଷକୁ ନିଆଯିବ ସେଥିନେଇ ପ୍ରସ୍ତୁତି ଆରମ୍ଭ କରିଛି ଜିଲା ଶିକ୍ଷା ପ୍ରଶାସନ। ଚଳିତବର୍ଷ ପ୍ରକାଶିତ ମାଟ୍ରିକ ପରୀକ୍ଷାଫଳକୁ ନେଇ ଅଭିଭାବକଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିତଙ୍କ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ସରକାରୀ ବିଦ୍ୟାଳୟ ତୁଳନାରେ ଘରୋଇ ବିଦ୍ୟାଳୟଗୁଡିକ ଉଚ୍ଚ ପ୍ରଦର୍ଶନ କରିଥିଲେ। ତା'ସହ ଏ-୧ ଗ୍ରେଡ ମଧ୍ୟ ହାତଗଣତି ବିଦ୍ୟାଳୟକୁ ବାଦ ଦେଲେ ଅନ୍ୟମାନେ ଆଶାନୁରୂପ ସଫଳତା ହାସଲ କରିବାରେ ବିଫଳ ହୋଇଥିଲେ। ସହରର ବହୁ ରୂପାନ୍ତରୀକରଣ ହୋଇଥିବା ବିଦ୍ୟାଳୟରେ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ସହ ବିଭକ୍ତୀକରଣ ଓ ସ୍ୱତନ୍ତ୍ର କ୍ଲାସ ଜରିଆରେ ପଢ଼ାହେଉଥିଲା। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ନୀତି କାରଣରୁ ପରୀକ୍ଷାଫଳରେ ତାହା ପ୍ରତିଫଳିତ ହୋଇପାରିନଥିଲା। ଚଳିତବର୍ଷ ଦଶମ ପରୀକ୍ଷାରେ ଶିକ୍ଷାବର୍ଷ ଆରମ୍ଭରୁ ମାନସ ମନ୍ଥନ ଆରମ୍ଭ ହେବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରକାର ତଥ୍ୟ ସହ ଶିକ୍ଷା ପଦ୍ଧତି ସମ୍ବନ୍ଧରେ ସୂଚିତ କରିବା ପାଇଁ ଜିଲାର ସମସ୍ତ ପ୍ରଧାନଶିକ୍ଷକଙ୍କୁ ଜଣାଇଦିଆଯାଇଛି। ସୂଚନାନୁସାରେ ଜିଲ୍ଲା ଶିକ୍ଷାପ୍ରଶାସନ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନାମ, ଶିକ୍ଷାବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଆଗାମୀ ମାଟ୍ରିକ ପରୀକ୍ଷାଫଳରେ ଏ-୧, ଏ-୨ ଗ୍ରେଡ ହାସଲ ପାଇଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ବିଦ୍ୟାଳୟଗୁଡିକ ଆପଣାଉଥିବା ନୂତନ ପଦ୍ଧତି ସମ୍ପର୍କରେ ଶିକ୍ଷାପ୍ରଶାସନକୁ ସୂଚିତ କରିବା ପାଇଁ ସମସ୍ତ ପ୍ରଧାନଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସୂଚିତ କରାଯାଇଛି। କହିବାର କଥା ହେଲା ବ୍ରହ୍ମପୁର ସହରରେ ରହିଥିବା ୨୨ ବିଦ୍ୟାଳୟରୁ ମାତ୍ର ଦୁଇଟି ବିଦ୍ୟାଳୟରେ ତିନିଜଣ ଓ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଟିଏ ବିଦ୍ୟାଳୟର ଜଣେ ବିଦ୍ୟାର୍ଥୀ ଚଳିତ ବର୍ଷ ପ୍ରକାଶିତ ଦଶମ ପରୀକ୍ଷାଫଳରେ ଏ-୧ଗ୍ରେଡ ହାସଲ କରିଥିଲେ। ତୁଳନାତ୍ମକ ସଂଖ୍ୟାରେ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ଉନ୍ନତ ପ୍ରଦର୍ଶନ କରିଥିବାର ନଜିର ରହିଛି। ଏହି ବିଷୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ପ୍ରଭାତୀ କୁମାରୀ ମହାପାତ୍ର କହିଛନ୍ତି, ଶିକ୍ଷାବର୍ଷ ପ୍ରଥମରୁ ମାଟ୍ରିକ ପରୀକ୍ଷା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ସହ ବ୍ୟାପକ ରିଭିଜନ କରିବାକୁ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସେହିପରି ବିଭିନ୍ନ ବର୍ଗରେ ପିଲାଙ୍କୁ ବର୍ଗୀକରଣ କରି ଶିକ୍ଷକ ନିୟୋଜିତ କରିବା ଦ୍ୱାରା ପୂର୍ବ ବର୍ଷ ଅପେକ୍ଷା ଏହି ବର୍ଷ ପରୀକ୍ଷାଫଳ ନେଇ ଶିକ୍ଷା ପ୍ରଶାସନ ଆଶାବାଦୀ ରହିଛି।

## ଶ୍ରୀଜୀଉଙ୍କ ସୁନାବେଶ ଦେଖିବାକୁ ଭିଡ଼




ବାଲିଗୁଡା/ରାଇକିଆ,୬।୭ (ସଞ୍ଜୟ ପାଣିଗ୍ରାହୀ/ପ୍ରଦୀପ ବେହେରା)

କନ୍ଧମାଳ ଜିଲା ବାଲିଗୁଡାରେ ରବିବାର ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ସୁନାବେଶ କରାଯାଇଥିଲା। ଲଘୁଚାପ ଜନିତ ଲଗାଣ ବର୍ଷାରେ ମଧ୍ୟ ଶହ ଶହ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ସସ୍ମିତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମଗ୍ର ଅଞ୍ଚଳରେ କଡା କଡ଼ି ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଲୋକନାଥ ପାଢ଼ୀଙ୍କ ସମେତ ସମସ୍ତ ସଦସ୍ୟ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାଇକିଆରେ ମଧ୍ୟ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

## ଗୃହରକ୍ଷୀ ପଦବୀ ପାଇଁ ୩୪୨୮ ପରୀକ୍ଷା ଦେଲେ

ବ୍ରହ୍ମପୁର,୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ ୧୦୫ ଗୃହରକ୍ଷୀ ପଦବୀ ପାଇଁ ୪୦୯୭ ଜଣ ଅଶାୟୀ ଆବେଦନ କରିଥିଲେ। ରବିବାର ଏହି ପଦବୀ ପାଇଁ ଲିଖିତ ପରକ୍ଷା ହୋଇଛି। ଜିଲାର ୮ ପରୀକ୍ଷା କେନ୍ଦ୍ର ଟାଟାବେଞ୍ଜ ଛକରେ ଥିବା କେ. ସି. ପବ୍ଲିକ ସ୍କୁଲ, ଗୋସାଣୀନୂଆଗାଁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରୋଲାଣ୍ଡ ଇନଷ୍ଟିଚ୍ୟୁଟ, ନିଷ୍ଟ ୟୁନିଭରସିଟି, ତକ୍ଷଶିଳା ସ୍କୁଲ, ଆମ୍ବପୁଆ ସିଟି କଲେଜ, ଚିକିଟି କଲେଜ ଓ ଖେମୁଣ୍ଡି କଲେଜରେ ପରୀକ୍ଷା ହୋଇଥିଲା। ମୋଟ ୩୪୨୮ ଜଣ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେଇଛନ୍ତି। ଏନେଇ ପୋଲିସ ମୁଖ୍ୟାଳୟ ପ୍ରକାଶ ପାଇଥିବା ଏକ ବିଜ୍ଞପ୍ତିରୁ ଜଣାପଡିଛି। ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଶାରୀରିକ ଦକ୍ଷତା, ମୌଖିକ ପରୀକ୍ଷା ଓ ବୈଷୟିକ ଦକ୍ଷତା ପରୀକ୍ଷା ଦେବେ ବୋଲି ବୋଲି ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ପୂର୍ବରୁ ଜୁନ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗୃହରକ୍ଷୀ ପରୀକ୍ଷା କୌଣସି କାରଣରୁ ସ୍ଥଗିତ ହୋଇଥିଲା। ବ୍ରହ୍ମପୁର ପୋଲିସ ଜିଲାରେ ୧୨ ପୋଲିସ ଥାନା ରହିଥିବା ବେଳେ ମୋଟ ପଦବୀ ମଧ୍ୟରୁ ଜିଲା ପୋଲିସ ମୁଖ୍ୟାଳୟରେ ୧୬ ପଦ ଖାଲି ପଡିଛି । ସେହିପରି ବୈଦ୍ୟନାଥପୁର ଥାନାରେ ୮ ପଦବୀ ଖାଲିପଡିଥିବା ବେଳେ ବଡବଜାର ଥାନାରେ ୮ ପଦବୀ, ଗୋଶାଣିନୁଆଗାଁ ଥାନାରେ ୭ ପଦବୀ, ଟାଉନ ଥାନାରେ ୮ ପଦବୀ, ସଦର ଥାନାରେ ୬ଟି ପଦବୀ, ନିମଖଣ୍ଡି ଥାନାରେ ୮ ପଦବୀ, ଗୋଲନ୍ଥରା ଥାନାରେ ୮ ପଦବୀ, ଗୋପାଳପୁର ଥାନାରେ ୬ ପଦବୀ, ସୁନାପୁର ସାମୁଦ୍ରିକ ଥାନାରେ ୧୫ପଦବୀ, କେ. ନୂଆଗାଁ ଥାନାରେ ୫ ପଦବୀ, ଜରଡା ଥାନାରେ ୫ ପଦବୀ, ଦିଗପହଣ୍ଡି ଥାନାରେ ୫ ଗୃହରକ୍ଷୀ ପଦବୀ ଖାଲି ପଡିଛି । ମୋଟ ୧୦୫ ପଦବୀ ମଧ୍ୟରେ ୧୪ଟି କମ୍ପ୍ୟୁଟର ଅପରେଟର ପଦ ରହିଥିବା ବେଳେ ୬ଟି ଗାଡି ଚାଳକ ପଦ, ୩ଟି ଝାଡୁଦାର ପଦ, ୮ ରୋଷେୟା ପଦ, ଜଣେ ଇଲେକ୍ଟ୍ରି ମିସ୍ତ୍ରୀ ପଦ ସହ ୭୪ ସାଧାରଣ ଡ୍ୟୁଟି ପଦ ରହିଛି । ମୋଟ ପଦବୀ ମଧ୍ୟରୁ ୨୦ରୁ ଅଧିକ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି ।



ଏସପି ପରୀକ୍ଷା କେନ୍ଦ୍ରରେ ତଦାରଖ କରୁଛନ୍ତି।

## ଶଙ୍କର ଘରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଉସ୍ତାପଡା ଗ୍ରାମରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ।

### ଆମ୍ବୁଲାନ୍ସ ଅଚଳରୁ ଯୁବକଙ୍କ ମୃତ୍ୟୁ ଘଟଣା

ଖଲ୍ଲିକୋଟ,୬।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବଡ଼ଘାଟିରେ ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ଦୀର୍ଘ ୩ ଘଣ୍ଟା ଫସି ରହିବା କାରଣରୁ ଚିକିତ୍ସା ପାଇଁ ଯାଉଥିବା ଶଙ୍କର ମହାରଣା (୧୯)ଙ୍କ ଜୀବନ ଚାଲିଯାଇଥିଲା। ରବିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଶଙ୍କରଙ୍କ ଘରେ ପହଞ୍ଚିଛି। ଟିମରେ ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ଏମ୍ପି ଚନ୍ଦ୍ରଶେଖର ସାହୁ, ସୁବାସ ମହାରଣା, ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, କୋଦଳାର ନେତ୍ରୀ ରଞ୍ଜିତା ସାହୁ, ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଏବଂ ଅନ୍ୟମାନେ ଥିଲେ। ସେମାନେ ଶଙ୍କରଙ୍କ ପରିବାର ଲୋକଙ୍କଠାରୁ ଘଟଣା ବିଷୟରେ ବୁଝି ସରକାରଙ୍କ ବିଫଳତା ଓ ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ଯୋଗୁ ଏପରି ଘଟିଲା ବୋଲି କହିଥିଲେ। ବିଜେଡି ଟିମ୍ ଆସିବା ଶୁଣି ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଦେଲେ, କିନ୍ତୁ ଜଣେ ଯୁବକର ମୂଲ୍ୟ କ'ଣ ୪ ଲକ୍ଷ ଟଙ୍କା ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ପ୍ରଶ୍ନ କରିବା ସହ ମୃତ ଶଙ୍କରଙ୍କ ବଡ଼ ଭାଇଙ୍କୁ ସରକାର ଚାକିରୀ ଯୋଗାଇ ଦେବାକୁ ଦାବି କରିଛନ୍ତି। ଶନିବାର ଖଲ୍ଲିକୋଟ ତହସିଲ କର୍ମଚାରୀ ମାନେ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରବିବାର ବ୍ଲକ କର୍ମଚାରୀ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ଆଉ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ରାଶି ମିଳିଥିବା ମୃତକଙ୍କ ଭାଇ ଶିବ ମହାରଣା କହିଛନ୍ତି।

ସୂଚନାଯୋଗ୍ୟ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତପୁର ପଞ୍ଚାୟତର ଉସ୍ତାପଡା ଗ୍ରାମର ନିରଞ୍ଜନ ମହାରଣାଙ୍କ ସାନ ପୁଅ ଶଙ୍କର ଗୁରୁବାର ସନ୍ଧ୍ୟାରେ ଘର ନିକଟରେ କ୍ରିକେଟ ଖେଳ ଦେଖୁଥିବା ବେଳେ ବଲ ତାଙ୍କ ପେଟରେ ବାଜିଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିବା ଶଙ୍କରଙ୍କୁ ବାଲୁଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ରାତି ୧ଟାରେ ୧୦୮ ଆମ୍ବୁଲାନ୍ସଟି ହଠାତ ଖଲ୍ଲିକୋଟ ବଡ଼ ଘାଟିରେ ଅଚଳ ହୋଇଯାଇଥିଲା। ଶଙ୍କର ଆମ୍ବୁଲାନ୍ସ ଭିତରେ ଛଟପଟ୍ ହେଉଥିବା ବେଳେ ଦୀର୍ଘ ୩ ଘଣ୍ଟା ପରେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବ୍ରହ୍ମପୁର ନିଆଯାଇଥିଲା। କିନ୍ତୁ ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ୧୦୮ ଆମ୍ବୁଲାନ୍ସ ଅଚଳ ଯୋଗୁଁ ଭାଇର ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ପରେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିଲେ କି ତାଙ୍କୁ କୌଣସି ସରକାରୀ ସାହାଯତା ମିଳି ନଥିଲା ବୋଲି ଶିବ ମହରଣା କହିଥିଲେ।

## ଦୋକାନକୁ ମାଡ଼ିଗଲା କାର୍, ଜଣେ ଗୁରୁତର

ଭଞ୍ଜନଗର,୬।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହରତଳି ଲଣ୍ଡେଇସାହି ରାସ୍ତାରେ ଥିବା ଏକ ଦୋକାନ ଭିତରକୁ ରବିବାର ଅପରାହ୍ନ ୧ଟାରେ ଏକ କାର୍ ମାଡିଯାଇଥିଲା। ଏଥିରେ ଦୋକାନ ସମ୍ମୁଖରେ ବସିଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଭଞ୍ଜନଗର ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ ଡ୍ରାଇଭର ଗୋରାଚାନ୍ଦ ପଟ୍ଟନାୟକ (୬୫)। ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କାରଟି ଲଣ୍ଡେଇସାହି ଆଡୁ ସହର ଅଭିମୁଖେ ଆସୁଥିଲା। ଦ୍ରୁତଗତି ଯୋଗୁ ଗାଡିଟି ଭାରସାମ୍ୟ ହରାଇ ଲଣ୍ଡେଇସାହି ସାଇ ମନ୍ଦିର ସମ୍ମୁଖରେ ମୁରଲୀ ରାଉତଙ୍କ ଦୋକାନ ଭିତରକୁ ମାଡିଯାଇଥିଲା। ମୁରଲୀ ପାଖ ଦୋକାନରେ ଥିବା ଯୋଗୁ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। କିନ୍ତୁ ତାଙ୍କର ଦୋକାନ ଘର ସମେତ ଅନ୍ୟାନ୍ୟ ଜିନିଷ ନଷ୍ଟ ହୋଇଯାଇଛି । ପଡୋଶୀଙ୍କ ଏକ ସାଇକେଲ ଭାଙ୍ଗିଯାଇଛି ।

## ବ୍ରହ୍ମପୁର ଅଗ୍ନିଶମ ରେଞ୍ଜକୁ ଆସିଲା ସୁଲତାନ ଓ ଲିଓ ସନ୍ଧାନୀ କୁକୁର



ସନ୍ଧାନୀ କୁକୁରଙ୍କୁ ଟ୍ରେନିଂ ଦିଆଯାଉଛି।

ବ୍ରହ୍ମପୁର,୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅଗ୍ନିଶମ ରେଞ୍ଜକୁ ଆସିଲା ଦୁଇଟି ସନ୍ଧାନୀ କୁକୁର ସୁଲତାନ ଓ ଲିଓ। ଉକ୍ତ ଦୁଇଟି କୁକୁର ଲାବ୍ରାଡର ପ୍ରଜାତିର। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାଟି ତଳେ ଜୀବିତ ଥିବା ଲୋକଙ୍କୁ ସେମାନେ ଠାବ କରିବେ। ସେମାନେ ଏଭଳି ବିଭିନ୍ନ ସର୍ଚ୍ଚ ଅପରେସନ ସମୟରେ ଆଗ୍ନିକ ମାନଙ୍କୁ ସହାୟତା ପ୍ରଦାନ କରିବେ। ଏନେଇ ଅଗ୍ନିଶମ ବିଭାଗ ରେଞ୍ଜ ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ପ୍ରଜାତିର ୮ କୁକୁର ଓଡିଶାକୁ ଆସିଛନ୍ତି। ସେଥିରୁ ବ୍ରହ୍ମପୁରକୁ ଦୁଇଟି ପଠାଯାଇଛି। ଉକ୍ତ ଦୁଇଟି କୁକର ବର୍ତ୍ତମାନ ସ୍ୱତନ୍ତ୍ର ଘରେ ରହିବେ। ସେମାନଙ୍କ ମଧ୍ୟରୁ ମାଇ କୁକୁର ସୁଲତାନ ବ୍ରହ୍ମପୁରରେ ରହିବ। ଅନ୍ୟ ଅଣ୍ଡିରା କୁକୁର ଲିଓକୁ କୋରାପୁଟ ପଠାଯିବ ବୋଲି ସେ କହିଛନ୍ତି। ରାଜସ୍ଥାନ ଡୋରା'ରେ ଥିବା ସଶସ୍ତ୍ର ସୀମା ବଳ, ପାରା ମିଲିଟାରୀ ଫୋର୍ସ ତାଲିମ କେନ୍ଦ୍ରରେ ଉକ୍ତ କୁକୁର ମାନଙ୍କୁ ଦୁଇମାସ ଧରି ତାଲିମ ପ୍ରଦାନ କରାଯାଇଛି। ଏହା ସହିତ ଟ୍ରେନର ମାନଙ୍କୁ ମଧ୍ୟ। କଟକ ନରାଜ ଟ୍ରେନିଂ କେନ୍ଦ୍ରରେ ଦୁଇ ମାସ ଟ୍ରେନିଂ ଓ ପରେ ମୁଣ୍ଡଳୀ ଠାରେ ଥିବା ଏନ୍‌ଡିଆରଏଫ ରେ ୫୬ ସପ୍ତାହ ଟ୍ରେନିଂ ନେଇଥିଲେ। ଦୁଇଜଣ ଆଗ୍ନିକ ସେହଦାତ ଖାନ ଓ ଅର୍ଜ୍ଜୁନ ଶିଖା ତାଲିମ ନେଇ ଆସିଛନ୍ତି। ସେମାନେ ଉକ୍ତ ଦୁଇଟି କୁକୁରଙ୍କ ମାଷ୍ଟେର ଟ୍ରେନର ବୋଲି ସେ କହିଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ଥିବା ସନ୍ଧାନୀ କୁକୁର 'ଷ୍ଟର୍ମ' ଗତ ବର୍ଷ ମଇ ମାସରେ କେରଳର ୱାୟନା ଭୂସ୍ଖଳନ ପରେ ସେଠାକୁ ଯାଇ ମାଟି ତଳେ ଥିବା ୧୨ରୁ ୧୫ ମୃତଦେହ ଠାବ କରିଥିଲା।

## ସମାଜ ପ୍ରତି ବଳିଷ୍ଠ ଚରିତ୍ର ଗଠନ କରେ ଆର୍ଯ୍ୟଭଟ୍ଟ ପ୍ରେରଣା

ବ୍ରହ୍ମପୁର,୬।୭(ଅଶୋକ କୁମାର ସାହୁ)

ହିଲ ପାଟଣା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷର ବର୍ଷେ ବିଭିନ୍ନ ରାଷ୍ଟ୍ରୀୟ ସ୍ଥରର ପ୍ରବେଶିକା ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କ ଅନୁଭୂତି ଓ ପ୍ରସ୍ତୁତି ଆଗାମୀ ବର୍ଷର ପରୀକ୍ଷାର୍ଥୀଙ୍କୁ ପଥ ପ୍ରଦର୍ଶକ ତଥା ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜେଇଇ ମେନ ବି.ଆର୍କ ରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀଅଙ୍କା ପଟ୍ଟନାୟକ,ଆଇ.ଏସ.ଆଇ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନ ଅଧିକାର କରିଥିବା ସ୍ନେହମୟୀ ସାହୁ ଓ ଆଇଜର ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ଥରରେ ୭୪ ତମ ସ୍ଥାନ ଅଧିକାର କରିଥିବା ମୁସ୍କାନ ପଟ୍ଟନାୟକଙ୍କ ସମେତ ଆଇ.ଆଇ.ଟି ଆଡ଼ଭାନ୍ସରେ ସଫଳ ୩ ଜଣ, ମେଇନ୍ସରେ କୃତକାର୍ଯ୍ୟ ହୋଇଥିବା ୨୪ଜଣ, ନିଟରେ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଆବଶ୍ୟକୀୟ ର୍ୟାଙ୍କ ରଖିଥିବା ୨୫ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କାଯାଇଥିଲା । ମୁଖ୍ୟ ଅତିଥି ଭାବେ ଏମକେସିଜିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଅବନୀ ମିଶ୍ର ଯୋଗ ଦେଇ ଦାରିଦ୍ର୍ୟ ଭିତରେ ଡାକ୍ତରୀ ପଢ଼ିବାର ଅନୁଭୂତି ବର୍ଣ୍ଣନା କରି ପ୍ରତିକୂଳ ପରିସ୍ଥିତକୁ ନଡରି ସଂଘର୍ଷ କରିବାକୁ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଓ ୨୦୨୨ରେ ନିଟରେ ଓଡ଼ିଶାରେ ପ୍ରଥମ ସ୍ଥାନ ରଖିଥିବା ଅମ୍ଲାନ ଅଂଶୁମତଙ୍କ ବାପା ଡ. ପିତବାସ ସାହୁ ନିଜ ପୁଅର ପ୍ରସ୍ତୁତି ଏବଂ ସେ ସମୟରେ ତାଙ୍କର କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ମୁଖ୍ୟ ସୁଧୀର ରାଉତ ସଭାପତିତ୍ୱ କରି ଯୁବ ଗୋଷ୍ଠୀ ଓ ଅଭିଭାବକଙ୍କ ଭିତରେ କ୍ୟାରିଅର ନେଇ ଅତିଶୟ ଆତୁରତା ତାଙ୍କ ପରିବାର, ସମାଜ ସର୍ବୋପରି ନିଜର କ୍ଷତି ହିଁ କରିଥାଏ ବୋଲି ଉଦାହରଣ ସହ ବୁଝାଇଥିଲେ। ସମାଜକୁ ଛାଡ଼ି ସଫଳତାର କିଛି ଅର୍ଥହିଁ ନଥାଏ । ସମାଜ ପ୍ରତି ଅଙ୍ଗିକାରବଦ୍ଧତା ବଳିଷ୍ଠ ଚରିତ୍ର ଗଠନ କରେ ବୋଲି କହିଥିଲେ। ପ୍ରାକ୍ତନ ଆର୍ଯ୍ୟଭଟ୍ଟ ଛାତ୍ରଙ୍କ ବାପା ଭୀମସେନ ସାହୁ ସ୍ୱାଗତ ସମ୍ଭାଷଣ ଦେଇଥିଲେ ଓ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ଭୀମ ରାଜୁ ପାତ୍ର, ମାଧବ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ପ୍ରେରଣା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ସରିଲା ମହାପ୍ରଭୁଙ୍କ ବାହୁଡା ଯାତ୍ରା

ଦିଗପହଣ୍ଡି/ବେଲଗୁଣ୍ଠା,୬।୭ (ଅଶେଷ ନାଥ ମିଶ୍ର/କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଦିଗପହଣ୍ଡିରେ ରବିବାର ଶ୍ରୀଜୀଉଙ୍କ ପବିତ୍ର ଯାତ୍ରା ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ଶନିବାର ଅପରାହ୍ନରେ ଧାଡିପହଣ୍ଡିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ରଥ ଉପରେ ଛେରାପହଁରା ନୀତି ହୋଇଥିଲା। ରବିବାର ପବିତ୍ର ବଡ ଏକାଦଶୀରେ ସକାଳୁ ଦିନତମାମ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ବିଜେ ଶ୍ରୀ ଜିଉମାନେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରଥ ଉପରେ ସମସ୍ତ ନୀତିକାନ୍ତି ଶେଷ ହେବାପରେ ଅପରାହ୍ନ ୪ଟା ୫୦ରେ ଶ୍ରୀମନ୍ଦିର ଆଡକୁ ରଥ ଗଡିବା ଆରମ୍ଭ କରିଥିଲା। ବଡଦାଣ୍ଡରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରଥ ଗୁଡିଆଗଳି ନିକଟରେ ପହଞ୍ଚିବା ପରେ ଲକ୍ଷ୍ମୀଭେଟ ନୀତି ସମ୍ପନ୍ନ ହୋଇ ପୁଣି ରଥ ଟଣାଯାଇ ୬.୦୫ ମିନିଟରେ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା।

ସେହିପରି ବେଲଗୁଣ୍ଠା ସହରର ବଡ଼ଦାଣ୍ଡ ସାହି ଓ ବାଲିଡ଼ି ସାହିରେ ମହାପ୍ରଭୁ ଜଗନ୍ନାଥ ଦଧିବାମନଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଦୁଇ ମନ୍ଦିରର ଇତିହାସ ପ୍ରାୟ ୧୦୦ବର୍ଷ ପୁରୁଣା। ଏଠାକାର ବାହୁଡ଼ା ଯାତ୍ରା ସ୍ୱତନ୍ତ୍ରତା ହେଉଛି ଜଗନ୍ନାଥ ମସ୍ତକରେ ଧାରଣ କରାଯାଇଥିବା ଆକର୍ଷଣୀୟ ଟାହିଆ ବା ଝରା। ଆଗରୁ କେବଳ ବିଭିନ୍ନ ପ୍ରକାରର ଫୁଲ, ତୁଳସୀ ବ୍ୟବହୃତ ହେଉଥିଲେ ମଧ୍ୟ ଝରାକୁ ଆକର୍ଷଣୀୟ କରିବାପାଇଁ ବର୍ତ୍ତମାନ ବିଭିନ୍ନ ଆଧୁନିକ କୌଶଳ ପ୍ରୟୋଗ କରାଯାଉଛି ବୋଲି କହନ୍ତି ବାଲିଡ଼ିସାହି ଜଗନ୍ନାଥ ମନ୍ଦିର ମୁଖ୍ୟ ବରିଷ୍ଠ ଆଇନଜୀବି ସନ୍ତୋଷ କୁମାର ପଣ୍ଡା। ବେଲଗୁଣ୍ଠା ବାହୁଡ଼ା ଯାତ୍ରାରେ ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଡ଼ିଓ ବିଜୟ କୁମାର ପ୍ରଧାନ, ଥାନାଧିକାରୀ ରେବତୀ ଶବର ଏବଂ ମନ୍ଦିର ପରିଚାଳନା କମିଟି ଯାତ୍ରାକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ।

## ଗଞ୍ଜାମ ଜିଲା ଫୁଟ୍‌ବଲ୍: ବ୍ରହ୍ମପୁର ପୋଲିସ ବିଜୟୀ

ବ୍ରହ୍ମପୁର,୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଜିଲା ଫୁଟ୍‌ବଲ୍ ଲିଗର ରବିବାର ବ୍ରହ୍ମପୁର ପୋଲିସ ଦଳ କୁ ସହ ଗ୍ରୀନ ଚିଲ୍ଲୀ ପଦ୍ମନାଭପୁର ଏଫ. ସି ଭେଟିଥିଲା। ଗ୍ରୀନ ଚିଲ୍ଲୀ ଗୋଟିଏ ଗୋଲ ଦେଇଥିବାବେଳେ ବ୍ରହ୍ମପୁର ପୋଲିସ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲା। ମ୍ୟାଚ ରେଫରୀ ଭାବେ ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା, ବିଶ୍ୱନାଥ ପାତ୍ର ଓ ଜି. ମନ୍ମଥ ବାବୁ ଥିଲେ। ପୂର୍ବତନ ଫୁଟ୍‌ବଲ୍ ଖେଳାଳିଏଲ. କେ ରାଓ ରେଡି, ଡି. ଆପାରାଓ, ବିଜୟୀ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ ବାବୁ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଦୂଷିତ ପରିବେଶରେ ଶୌଚାଳୟ, ରକ୍ଷଣାବେକ୍ଷଣ ନାହିଁ

**ସହର ସମସ୍ୟା**

ବ୍ରହ୍ମପୁର,୬।୭(ସ୍ମୃତି ରଞ୍ଜନ ମହାଲିକ)

ସହର ବହୁ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଦୂଷିତ ହୋଇପଡିଛି। ଯଦ୍ୱାରା ସହରବାସୀ ଶୌଚାଳୟ ବ୍ୟବହାର କରିପାରୁ ନାହାନ୍ତି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ନିର୍ମିତ ଶୌଚାଳୟଗୁଡିକର ଦାୟିତ୍ୱ ସୁଲଭ ନାମକ ଘରୋଇ ସଂସ୍ଥାକୁ ଦିଆଯାଇଛି। କିନ୍ତୁ ଘରୋଇ ସଂସ୍ଥା ସଠିକ ରକ୍ଷଣାବେକ୍ଷଣ କରୁନାହିଁ। ବିଏମସି ସାନିଟେସନ ବିଭାଗ ମଧ୍ୟ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସହରରେ ୫୨ ଗୋଷ୍ଠୀ ଶୌଚାଳୟ, ୯ ଆମ ଶୌଚାଳୟ, ୫ ଏଏସପି ଶୌଚାଳୟ ରହିଛି। ଆମ୍ବ ମାର୍କେଟ ଛକ ନିକଟରେ ଥିବା ଆମ ଶୌଚାଳୟଟି ଦୀର୍ଘ ଦିନ ଧରି ଦୂଷିତ ପରିବେଶରେ ରହିଛି। ଶୌଚାଳୟ ଛାତରୁ ପାଣି ପଡିବା ସହ ପାଣି ଟାଙ୍କି ମଧ୍ୟ ମରାମତି କରାଯାଉ ନାହିଁ। ଶୌଚାଳୟ ଚତୁଃପାର୍ଶ୍ୱରେ କୌଣସି ପାଚେରୀ ନାହିଁ। ଫଳରେ ଗୋରୁ ଗାଇ ଶୌଚାଳୟରେ ପଶି ପରିସରକୁ ଅପରିଷ୍କାର କରୁଛନ୍ତି। ଶୌଚାଳୟ ଚାରି ପାଖରେ ଗଛ ଲତା ପୂର୍ଣ୍ଣ ହୋଇଛି। କୌଣସି ସଫେଇ କରାଯାଉ ନାହିଁ। ଶୌଚାଳୟ ଛାତ ଉପରେ ଥିବା ସୋଲାର ପ୍ୟାନେଲ ମଧ୍ୟ ଦୀର୍ଘ ଦିନ ଧରି ଅଚଳ ହୋଇ ପଡି ରହିଛି। ସିସି କ୍ୟାମେରା ମଧ୍ୟ ଅଚଳ ହୋଇଛି। ଏଠାରେ ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ କଠୋରୀ ରହିଛି। ଟ୍ୟାପରୁ ପାଣି ଆସୁ ନ ଥିବାରୁ ବହୁ ସମୟରେ ମହିଳା ପଥଚାରୀ ହଇରାଣ ହରକତ ହେଉଛନ୍ତି। ନିଗମର ସାନିଟେସନ ବିଭାଗ ପକ୍ଷରୁ ଗତ ୨ ବର୍ଷ ତଳେ ୪ଲକ୍ଷ ୧୬ ହଜାର ୪୫୮ ଟଙ୍କା ବ୍ୟୟରେ ମରାମତି ପାଇଁ ଏକ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସଂପୃକ୍ତ ଏଜେନ୍ସି ବିଚ ଠିକ ରୂପେ କାର୍ଯ୍ୟ କରି ନ ଥିବା ଅଭିଯୋଗ ହୋଇଛି। ଶୌଚାଳୟ ନିକଟରେ କୌଣସି ଆଲୋକୀକରଣର ବ୍ୟବସ୍ଥା ନାହିଁ। ସନ୍ଧ୍ୟା ସମୟରେ ଶୌଚାଳୟ ପରିସର ଅନ୍ଧକାର ପାଲଟୁଛି। ଏଠାରେ ଦାୟିତ୍ୱରେ ଥିବା କର୍ମଚାରୀ ଶୌଚାଳୟର ସମସ୍ୟାକୁ ବିଏମସିକୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କୌଣସି ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସାନିଟେସନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶୌଚାଳୟ ରକ୍ଷଣାବେକ୍ଷଣ ପାଇଁ ସୁଲଭ ସଂସ୍ଥାକୁ ବାରମ୍ବାର କୁହାଯାଉଛି। କିନ୍ତୁ ସଂପୃକ୍ତ ସଂସ୍ଥା ସଠିକ ରୂପେ ରକ୍ଷଣାବେକ୍ଷଣ କରୁନଥିବା ସେ କହିଛନ୍ତି।




ଆମ୍ବ ମାର୍କେଟ ଛକ ନିକଟରେ ରହିଥିବା ଶୌଚାଳୟ।

## ସଂକ୍ଷେପରେ

### ଓଲଟିଲା ମାଛଗାଡ଼ି: ବର୍ତ୍ତିଲେ ଚାଳକ, ହେଲ୍‌ପର



ଛତ୍ରପୁର,୬।୭(ଦିଲ୍ଲୀପ ସାମଲ)

ଚମାଖଣ୍ଡି ଥାନା ଅଧୀନ ଜାତୀୟ ରାଜପଥ ଟିଟାନିୟମ କମ୍ପାନୀ ନିକଟରେ ରବିବାର ରାତିରେ ଏକ ମାଛ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଛି। ଯାହା ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାତାୟାତ ବନ୍ଦ ରହିଛି। ଗାଡି ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆନ୍ଧ୍ର ପ୍ରଦେଶରୁ ଟ୍ରକ (ନଂ.ଏପି ୟୁକ୍ୟୁ ୫୫୫୪)ଟି କୋଲକତା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଟିଟାନିୟମ କମ୍ପାନୀ ନିକଟରେ ଓଲଟି ପଡିଥିଲା । ଖବରପାଇ ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଓ ଏମଭିଆଇ ଇ. ରବିନ୍ଦ୍ର ନାଥ ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ।

### ଘରେ ପଶି ସୁନା ଲୁଟ ଘଟଣା: ୩ ଗିରଫ

ହିଞ୍ଜିଳିକାଟୁ, ୬।୭(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ସମ୍ମୁଖରେ ଥିବା ଜଣେ ଭାଜପା ନେତା ଓ ତାଙ୍କ ଭାଇଙ୍କ ବାରି କବାଟ ତାଡ଼ି ଘରେ ପଶି ଆଲମାରୀରୁ ୧୫ ତୋଳାରୁ ଉର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଗତ ୧୭ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଆଠଗଡପାଟଣା ଗ୍ରାମର ବିଶ୍ୱନାଥ ନାୟକ ଓରଫ ମୁନା (୩୬), ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଁଗଡ ଗ୍ରାମର ସନ୍ନ୍ୟାସୀ ଦାସ (୩୫) ଓ ତହସିଲ ଅଫିସ ନିକଟ ପାହାଡ ସାହିର ସୀମା ସେଠି (୨୪) । ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଗୋଟିଏ କ୍ୟାମେରା ଓ ମୋବାଇଲ ଫୋନ୍ ଜବତ କରିଛି। ସୁନା ଓ ରୁପା ଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଏ ପର୍ଯ୍ୟନ୍ତ ଜବତ ହୋଇନାହିଁ। ମୁନା, ସନ୍ନ୍ୟାସୀ ଓ ତାଙ୍କ ସହଯୋଗୀ ଚୋରି କରିବା ପରେ ମୋବାଇଲକୁ ସୀମାଙ୍କୁ ବିକ୍ରି କରିଥିଲେ। ଚୋରି ଘଟଣାର ଦିନକ ପରେ ଉକ୍ତ ମୋବାଇଲର ଲକ ଖୋଲିବା ନିମନ୍ତେ ସୀମା ଯାଇଥିବା ବ୍ୟକ୍ତିଙ୍କ ଭଣଜାଙ୍କ ମୋବାଇଲ ଦୋକାନକୁ ଆସିଥିଲେ। ମୋବାଇଲ ଚିହ୍ନିବା ପରେ ଦୋକାନୀ କୌଶଳକ୍ରମେ ମୋବାଇଲ ମାଲିକ ଓ ପରେ ହିଞ୍ଜିଳି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୋବାଇଲ ଦୋକାନରୁ ସୀମାଙ୍କୁ କାବୁ କରିଥିଲା। ଖୋଳତାଡ଼ ପରେ ପୋଲିସ ଅନ୍ୟ ୨ଜଣଙ୍କୁ ଗିରଫ କରିଛି। ଘଟଣାରେ ଜଡ଼ିତ ଅନ୍ୟ ମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୪୮୪/୨୫ରେ ମାମଲା ରୁଜୁ କରାଯାଇଛି।

# ଗଞ୍ଜାମ ବ୍ଲକ: ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ଖୋଲୁନି ଅଙ୍ଗନୱାଡି କେନ୍ଦ୍ର

ଗଞ୍ଜାମ,୬।୭(ବିଦ୍ୟାଧର ସାହୁ)

- ଗ୍ରାମବାସୀ-କର୍ମୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଛି ସମସ୍ୟା
- ସେବାରୁ ବଞ୍ଚିତ ହେଉଛନ୍ତି ଶିଶୁ, କିଶୋରୀ ଓ ଗର୍ଭବତୀ
- ଇଂଲିଶ ମାଧ୍ୟମ ବିଦ୍ୟାଳୟକୁ ପିଲାଙ୍କୁ ଛାଡୁଛନ୍ତି ଅଭିଭାବକ

ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ କିଛି ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରୁନି। କୋମଳମତି ଶିଶୁ, କିଶୋରୀ ଓ ଗର୍ଭବତୀ ମହିଳାଙ୍କ ନିମନ୍ତେ ସରକାର ବିଭିନ୍ନ ୱାର୍ଡ ଓ ପଞ୍ଚାୟତଗୁଡ଼ିକରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି। ହେଲେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ କୁଜିଡେପା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେଲା କୌଣସି କାରଣରୁ ବନ୍ଦ ରହିଛି। ଫଳରେ ଶିଶୁଙ୍କ ପ୍ରାକ୍ ଶିକ୍ଷା ବାଧାପ୍ରାପ୍ତ ହେବା ସହ ଗର୍ଭବତୀ ମହିଳାମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିବାରୁ ଅନେକ ଅଭିଭାବକ ସେମାନଙ୍କ ଶିଶୁଙ୍କୁ ଇଂଲିଶ ମିଡିୟମ୍ ସ୍କୁଲକୁ ପଠାଉଛନ୍ତି।



ବନ୍ଦ ରହିଥିବା ଅଙ୍ଗନୱାଡି କେନ୍ଦ୍ର।

ଅଙ୍ଗନୱାଡି କର୍ମୀମାନେ ସଂଘ ମାଧ୍ୟମରେ ନିଜ ଅଧିକାର ପାଇଁ ଆନ୍ଦୋଳନ କରୁଥିବା ବେଳେ ଗ୍ରାମବାସୀ ଅଙ୍ଗନୱାଡି କର୍ମୀମାନେ ନିୟମିତ କେନ୍ଦ୍ର ଖୋଲୁନାହାନ୍ତି ଏବଂ ସେବା ଯୋଗାଇବାରେ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିବାରୁ ଏହାକୁ ନେଇ ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଯୋଗୁ କେନ୍ଦ୍ରଟି ବନ୍ଦ ରହିଛି। ଜିଲା ପ୍ରଶାସନ ଏହାର ସମାଧାନ ପାଇଁ ବହୁଥର ଚେଷ୍ଟା କରିଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନାହିଁ। ଗ୍ରାମ ସଭାପତି ଅଶୋକ ସ୍ୱାଇଁ କହିଛନ୍ତି, ପ୍ରଶାସନକୁ ବାରମ୍ବାର ଜଣାଇ କିଛି ସୁଫଳ ମିଳିପାରିନି। ଏନେଇ ଉପଜିଲାପାଳଙ୍କ ଅଫିସରେ ଏକ ବୈଠକ ହୋଇଥିଲା, ମାତ୍ର ସେଥିରୁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଅନ୍ୟପକ୍ଷରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ପ୍ରତ୍ୟହ ଆସି କେନ୍ଦ୍ର ପିଣ୍ଡାରେ ବସି ଫେରୁଛନ୍ତି। ଗ୍ରାମର କେତେ ଜଣ ବ୍ୟକ୍ତି ତାଙ୍କୁ ଟଙ୍କା ମାଗିଲେ ସେ ନ ଦେବାରୁ ତାଙ୍କ ବିରୋଧରେ ଏପରି ଭିତ୍ତିହୀନ ଅଭିଯୋଗ ଆଣିଥିବା ସେ ପ୍ରକାଶ କରିଛନ୍ତି।

# ଧରାକୋଟରେ ବାହୁଡ଼ା ଯାତ୍ରା

## ରଥରେ ପୂଜାର୍ଚ୍ଚନା କଲେ ମହିଳା ରାଜା

ଧରାକୋଟ,୬।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାର ଧରାକୋଟ ଗଡ଼ରେ ପରମ୍ପରା ଅନୁଯାୟୀ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବାହୁଡା ରଥଟଣା ହୋଇଛି। ଶନିବାର ବାହୁଡା ଦଶମୀରେ ଆଡ଼ପ ମଣ୍ଡପରେ ରୀତିନୀତି ସମ୍ପନ୍ନ ପରେ ଅପରାହ୍ନ ୪ଟାରେ ୩ ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଏହି ଅବସରରେ ଗୁଣ୍ଡିଚା ବାଡି ମଠ ତରଫରୁ ଠାକୁରଙ୍କୁ ଅଧରପଣା ଅର୍ପଣ କରାଯାଇଥିଲା। ରବିବାର ମଙ୍ଗଳ ଆଳତି, ବିଭୂତି ଭୋଗ, ମଙ୍ଗଳା ଅର୍ପଣ କରାଯାଇଥିଲା। ଅପରାହ୍ନରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ରୁପା ପାଲିଙ୍କିରେ ବସି ବାଦ୍ୟବାଜଣା ସହିତ ପଟୁଆରରେ ଆସି ରଥ ଉପରେ ୩ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ରଥଟଣା ଆରମ୍ଭ ହୋଇଥିଲା । ତିନି ଠାକୁରଙ୍କ ସହ ରାଜାଙ୍କୁ ଦେଖିବା ପାଇଁ ଧରାକୋଟ ଏବଂ ଏହାର ଆଖପାଖ ଅଞ୍ଚଳରୁ ବହୁ ଲୋକ ବଡ଼ଦାଣ୍ଡରେ ଭିଡ ଜମାଇଥିଲେ। ସନ୍ଧ୍ୟାରେ ରଥ ଆସି ମଝି ଦାଣ୍ଡରେ ଅଟକି ଥିଲା। ରାଜା ସୁଲକ୍ଷଣା ଗୀତାଞ୍ଜଳି ରଥ ଉପରେ ଠାକୁରମାନଙ୍କୁ ଆଳତି ପ୍ରଦାନ କରିଥିଲେ। ଏହାପରେ ବଡ଼ପଣ୍ଡା ତ୍ରିନାଥ



ପଣ୍ଡା ଠାକୁରମାନଙ୍କୁ ରାତ୍ରି ଭୋଗ ଅର୍ପଣ କରିଥିଲେ। ଶେଷରେ ଠାକୁର ମାନେ ବଡ଼ ସିଂହାର ବେଶ ହେବା ପରେ ପହଡ଼ ପଡିବ।

# ପୁରୁଷୋତ୍ତମପୁରବାସୀଙ୍କୁ ମଇଳା ପାଣି ଯୋଗାଉଛି ବିଭାଗ

## କଳା, ମାଟିଆ ରଙ୍ଗର ପାଣି ବ୍ୟବହାର କରୁଛନ୍ତି ଲୋକେ

ପୁରୁଷୋତ୍ତମପୁର, ୬।୭( ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିରେ ଜନସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ହେତୁ ସହରବାସୀ ପାଇପ୍‌ରେ ଆସୁଥିବା ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗତ କିଛିଦିନ ହେଲା ପାଇପ୍‌ରେ କଳା ଓ ମାଟିଆ ରଙ୍ଗର ଦୂଷିତ ପାଣି ଆସୁଛି। ଉକ୍ତ ପାଣିକୁ ଲୋକେ ବ୍ୟବହାର କରୁଥିବାରୁ ହଇଜାରେ ଆକ୍ରାନ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଶୁଣୁ ନ



ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପରେ ଛଡାଯାଉଥିବା ପାଣି।

ଥିବା ଅଭିଯୋଗ ହେଉଛି। ପାଣିଟାଙ୍କି, ସମ୍ପକୁ ଠିକ୍ ଭାବରେ ସଫାସୁତରା କରା ନ ଯିବା ଓ ବିଭିନ୍ନ ସ୍ଥାନରେ ପାଇପ୍ ଲିକେଜ ହୋଇ ଏଭଳି ଦୂଷିତ ପାଣି ଆସୁଥିବା ଜଣାପଡ଼ିଛି। ଏପରି ପାଣିର ବିଶୋଧନ ଲାଗି ବ୍ଲିଚିଂ ପକାଯାଉ ନାହିଁ। ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ଜନସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଯାଜପୁର ଭଳି ଏଠାରେ ମଧ୍ୟ ହଇଜା ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ହିମାଂଶୁ ଶେଖର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଗଡ଼ସାହି ୱେଲ ପାଣିର ପ୍ରେସର ଯୋଗୁ ଏଭଳି ମଇଳା ପାଣି ଆସିଯାଉଛି। ଏଥିପାଇଁ ପାଇପ୍ ଲାଇନ ସଫା କରାଯାଉଥିବା ସେ କହିଛନ୍ତି।

# ୧୫ ସାମାଜିକ କର୍ମୀଙ୍କ ସ୍ମୃତିଚାରଣ

ଫୁଲବାଣୀ,୬।୭(ରାକେଶ କୁମାର ରାଉତ)

ଫୁଲବାଣୀଠାରେ ଶଶାଙ୍କ ଶେଖର ସ୍ମୃତି କମିଟି ଓ ଜିଲା ବିକାଶ ପରିଷଦ ପକ୍ଷରୁ ଶଶାଙ୍କ ଶେଖର ସାହୁଙ୍କ ସମେତ ୧୫ ଜଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦର ଆବାହକ ଅଶୋକ ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଦିବଂଗତ ସାମାଜିକ କର୍ମୀଙ୍କୁ ମନେ ପକାଇଥିଲେ। ବନବାସୀ ସେବା ସମିତିର କୋରାପୁଟିଆ ଗାନ୍ଧୀ ବିଶ୍ୱନାଥ ପଟ୍ଟନାୟକ, ଜାଗୃତିର ଆଲବର୍ଟ ଯୋଶେଫ,ପ୍ରଦତ୍ତର ପରେଶ ଭାଇ, ଜନ ବିକାଶର ଫାଦର ଅଗଷ୍ଟିନ, ପଲ୍ଲିଶ୍ରୀର ପାଉଲ ପ୍ରଧାନ ଓ ଜିଏମଏସର ହେମନ୍ତ ନାୟକଙ୍କ ସମେତ ସ୍ୱର୍ଗତ ବିନୋଦ ମହାନ୍ତି ,ଗ୍ରାମ୍ୟ ପ୍ରଗତିର ସ୍ୱର୍ଗତ ଯମଜ ପରିଛା, କଲ୍ୟାଣୀର ରବୀନ୍ଦ୍ର କୁମାର ସାହୁ, ଫାରେଲର ବିସପ ଆନସେଲନ ନାୟକ, ପ୍ରଦତ୍ତର ଶୁଶିଳା ଦାସ, ସେବାର ପ୍ରତିଷ୍ଠାତା ସ୍ୱର୍ଗତ ଚାରୁମଣି ପରିଡ଼ା, ସେବା ଭାରତୀର ଅଜୟ ମହାନ୍ତି, ଓଏସିସିର ଇ. କୁଞ୍ଜବିହାରୀ ସେନାପତି ପ୍ରମୁଖଙ୍କ ସ୍ମୃତିଚାରଣ କରାଯାଇଥିଲା। ଡ. ଅରୁପ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜିଲା ପ୍ରେସକ୍ଲବ ସଭାପତି ସୁନିଲ ପଟ୍ଟନାୟକ, ଅମିତ ନାୟକ, ଶାନ୍ତନୁ କୁମାର ମିଶ୍ର, ରାଜୀବ ଲୋଚନ ମିଶ୍ର, ଷଷ୍ଠି ପ୍ରସାଦ ମିଶ୍ର, ଶିବଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# କିଶୋର ନ୍ୟାୟ ଆଇନ ସଚେତନତା




ମଞ୍ଚାସୀନ ଅତିଥିମାନେ।

ଭଞ୍ଜନଗର,୬।୭(ବାବୁଲା ପ୍ରଧାନ)

ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ଜିଲୁଣ୍ଡି ମା ବୈଷ୍ଣବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। "କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷାର ଅଧିକାର" ବିଷୟବସ୍ତୁ ଉପରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଶେଖ ମହମ୍ମଦ କଏସ ଯୋଗ ଦେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଶିଶୁ ନ୍ୟାୟ ଅଧିକାର ବିଷୟରେ ବର୍ଣ୍ଣନା କରିଥିଲେ । ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ଡିଏଫ ଓ ହିମାଂଶୁ ଶେଖର ମହାନ୍ତି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଦେବାଶିଷ ବିଶୋଇ ଶିଶୁ ନ୍ୟାୟ ( ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ ବିଷୟରେ ଆଲୋକପାତ କରିଥିଲେ। ସଦସ୍ୟ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ବିଷୟରେ କହିଥିଲେ। ବରିଷ୍ଠ ଓକିଲ ରଜତ ଦାସ ଏହି ଆଇନ ସମ୍ପର୍କିତ ଅନ୍ୟାନ୍ୟ ବିଷୟ ଉପରେ ବର୍ଣ୍ଣନା କରି ଛାତ୍ରୀଙ୍କୁ ସଚେତନ କରାଇଥିଲେ। ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରି ସଭା ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରୋଜ ଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖବର ପ୍ରକାଶ ପରେ ବର୍ଷାଜଳ ନିଷ୍କାସନ କଲା ଏନ୍‌ଏସି



ଜେଶିବିରେ ଅସ୍ଥାୟୀ ଡ୍ରେନ ଖୋଲି ପାଣି ନିଷ୍କାସନ କରାଯାଉଛି।

ପୁରୁଷୋତ୍ତମପୁର,୬।୭ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ପରିମଳ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷାରେ ୯ ନଂ. ୱାର୍ଡ ରଥସାହି ଜଗନ୍ନାଥମନ୍ଦିର ଉତ୍ତର ଦ୍ୱାର ରାସ୍ତା ଜଳାର୍ଣ୍ଣବ ହୋଇପଡୁଛି। ଫଳରେ ଲୋକେ ମହାପ୍ରଭୁଙ୍କ ଚାଲିଥିବା ରଥଯାତ୍ରା, ବାହୁଡ଼ାଯାତ୍ରା ଦେଖିବାକୁ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନି। ଏ ସମ୍ପର୍କରେ 'ଧରିତ୍ରୀ'ରେ ରବିବାର ଖବର ପ୍ରକାଶ ପରେ ଏନ୍‌ଏସି ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସକାଳୁ ସକାଳୁ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସୁଦର୍ଶନ ବେହେରା, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ପେଙ୍ଗୁଆ ଓ ଏନ୍‌ଏସି କର୍ମଚାରୀମାନେ ରଥସାହିରେ ପହଞ୍ଚି ରାସ୍ତା ଅବସ୍ଥା ଅନୁଧ୍ୟାନ କରିଥିଲେ। ପରେ ଜେସିବି ଡକାଇ ରାସ୍ତା ପାର୍ଶ୍ୱରେ ଡ୍ରେନ ଖୋଳି ପାଣି ନିଷ୍କାସନ କରିଛନ୍ତି। ଏଠାରେ ସ୍ଥାୟୀ ଡ୍ରେନ ନିର୍ମାଣ ସହ ପେଭର ରାସ୍ତା କରିବାକୁ ଅଧ୍ୟକ୍ଷ ପଣ୍ଡା ପ୍ରକାଶ କରିଛନ୍ତି। ଏଥିପାଇଁ ପ୍ଲାନ ଏଷ୍ଟିମେଟ କରିବାକୁ ସେ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ବନ ମହୋତ୍ସବ

ଜି.ଉଦୟଗିରି,୬।୭(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବନାଞ୍ଚଳ ତତ୍ତ୍ୱାବଧାନରେ ରୁଦାଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ପାଢ଼ୀଙ୍କ ନେତୃତ୍ୱରେ ୭୬ତମ ବନମହୋତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଶିକ୍ଷୟିତ୍ରୀ ତନୁରେଖା ନାୟକ, ସମ୍ମାନିତ ଅତିଥି ଭାବେ ଜି.ଉଦୟଗିରି ବନପାଳ ଅଧିକାରୀ ପ୍ରଶାନ୍ତ ସାହୁ, ବନରକ୍ଷୀ ମନୋଜ ମହାପାତ୍ର, ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ ନିତ୍ୟାନନ୍ଦ ବେହେରା ଯୋଗଦେଇ ବୃକ୍ଷରୋପଣ ଓ ବୃକ୍ଷର ଉପକାରିତା ଓ ଅପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।




ରୁଦାଙ୍ଗିଆ ଆଶ୍ରମ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

ଶିକ୍ଷୟିତ୍ରୀ ରେଣୁବାଳା ପ୍ରଧାନ, ସବିତା ପ୍ରସାଦ, ରାଧିକା ପ୍ରଧାନ, ଅଞ୍ଜଳି ପ୍ରଧାନ, ନକ୍ଷତ୍ରମାଳା ପ୍ରଧାନ ତଥା ଛାତ୍ରୀଛାତ୍ର ଓ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ପରିସରରେ ଜାମୁ, ଆମ୍ବ, ପଣସ, ଲେମ୍ବୁ, ସପୁରି, ବଉଳ ସହ ବିଭିନ୍ନ ଫୁଲର ଚାରାରୋପଣ କରିଥିଲେ। ବନବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ମାଗଣା ଚାରା ବଣ୍ଟନ କରାଯାଇଥିଲା। ଶିକ୍ଷକ ଦୈତାରୀ ଦିଗାଲ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀ।

ଫୁଲବାଣୀ, ୬।୭(ରାକେଶ କୁମାର ରାଉତ)

କ୍ଷୁଦ୍ରଦାନା ଶସ୍ୟ ମାଣ୍ଡିଆକୁ ପ୍ରୋତ୍ସାହନ ପାଇଁ କନ୍ଧମାଳ ଜିଲାରେ ଶ୍ରୀଅନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଟିକାବାଲି ବ୍ଲକ୍‌ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲା କୃଷି ବିଭାଗ ମିଳିତ ସହାୟତାରେ ଏହା ଚାଲିଛି। ଏହି ପରିପ୍ରେକ୍ଷୀରେ ପାବୁରିଆ ପଞ୍ଚାୟତ ବୈଠକ ଗୃହରେ ଚାଷୀ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ଚିତରଞ୍ଜନ ଶତପଥୀ ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ମାଣ୍ଡିଆ ଚାଷରେ ଆଗ୍ରୋନୋମିକ ପ୍ରାକ୍ଟିସ କରିବାକୁ ପ୍ରବର୍ତାଇବା ସହିତ କଇଁଝର ପଞ୍ଚାୟତକୁ ମଡେଲ ଭାବେ ନେଇ କାର୍ଯ୍ୟ କରିବାକୁ କହିଥିଲେ । ମାଣ୍ଡିଆ ଓ ସ୍ୱଦେଶୀ ଧାନ ଚାଷ କରିବାକୁ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ଗୁଟିଙ୍ଗିଆ ପଞ୍ଚାୟତ କେଙ୍ଗଲେଙ୍ଗିଆ ଗ୍ରାମର ଚାଷୀ ନବଘନ ପ୍ରଧାନଙ୍କ ଜମିରେ ୧୪ ପ୍ରକାରର ଅଧିକ ଅମଳକ୍ଷମ ସ୍ୱଦେଶୀ ଧାନ ଏବଂ ବୁର୍ଦ୍ଦିନାକୁ ପଞ୍ଚାୟତର ପେନାଗାବେରି ଗ୍ରାମ ତୁଳସୀ ସ୍ୱୟଂସହାୟକ ଦଳ ମାଧ୍ୟମରେ ୭ ପ୍ରକାରର ଧାନ ପରୀକ୍ଷାତ୍ମକ ଭାବେ ଚାଷ କରିବା ପାଇଁ ଯୋଜନା ହୋଇଛି । ଅନୁଷ୍ଠାନ ସମ୍ପାଦକ ହରିଶଙ୍କର ରାଉତ, ସ୍ୱଧର୍ମ ରାଉତ ଓ ଗିରିସ ଚନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଲୋଭନ ଦେଖାଇ ଲୁଟୁଛନ୍ତି ନେଟୱର୍କିଂ କମ୍ପାନୀ

ଜଗନ୍ନାଥପ୍ରସାଦ,୬।୭(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକର ଗାଁ ଗାଁରେ ବର୍ତ୍ତମାନ ନେଟୱର୍କିଂ କମ୍ପାନୀ ମାତିଛନ୍ତି। ଅଳ୍ପ ସମୟରେ ରାତାରାତି ଧନୀ କରିଦେବାର ସ୍ୱପ୍ନ ଦେଖାଇ ଆଦିବାସୀ ହରିଜନବହୁଳ ଗ୍ରାମ ଗୁଡିକରେ ରହୁଥିବା ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କୁ ଲୁଟୁଛନ୍ତି। ପ୍ରଥମେ ଏଣ୍ଟ୍ରି ଫି ୬୦୦ ଏବଂ ପରେ ୨୦ ହଜାର ଟଙ୍କା ଦେଇ ପ୍ରଡକ୍ଟ କିଣା ପରେ କିଛି ନୂଆ ଲୋକଙ୍କୁ ଜଏନ କରି କମିଶନ ଟଙ୍କାରେ କୋଟିପତି ହେବାର ଲୋଭ ଦେଖାଇ ଟାର୍ଗେଟରେ ଲାଗି ପଡନ୍ତି। ଜଗନ୍ନାଥପ୍ରସାଦସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏଭଳି ମିଟିଂରେ କେତେଜଣ ଲୋକ ଆସି କମ୍ପାନୀକୁ ବିରୋଧ କରିଥିଲେ। ଏଣ୍ଟ୍ରି ଫି ଲାଗି ୬୦୦



ଟଙ୍କା ଫେରି ପାଇଥିବା ଦୁଇ ଗ୍ରାହକ।

ନେଇ ଥିବା କେତେଜଣ ମହିଳା କର୍ମୀ ୯ ମାସ ହେଲା ରସିଦ ଦେଉ ନ ଥିବା ଓ କାହାଠାରୁ ୬୦୦ ଏବଂ କାହାଠାରୁ ୭୦୦ ନେଉଥିବା, ରସିଦରେ କୌଣସି ଜିଏସ୍‌ଟି କିମ୍ବା ସିରିଏଲ ନମ୍ବର ନ ଥିବା ଓ ଗୋଟେ ଜେରକ୍ସ କପି ଦେଇ ଟଙ୍କା ଆଦାୟ କରାଯାଉଥିବା ଘଟଣାକୁ ନେଇ ବିରୋଧ କରି ହୋହାଲ୍ଲା ହୋଇଥିଲା। ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିବା ଦେଖି କମ୍ପାନୀର କର୍ମୀ ଅଭିଯୋଗ ଆଣିଥିବା ଲୋକଙ୍କୁ ଡାକି ଟଙ୍କା ଫେରାଇଥିଲେ। ସତ୍ୟ ପାତ୍ର, ଉପେନ୍ଦ୍ର ଗୌଡ଼ କହିଛନ୍ତି, ଆମକୁ କେବଳ କମ୍ପାନୀରେ ଆସି ଜଏନ କରିବାକୁ କହି ୬୦୦ ଟଙ୍କା ନେଇ କୌଣସି ରସିଦ କିମ୍ବା ପ୍ରଡକ୍ଟ ଦେଇ ନ ଥିଲେ। ଏହାକୁ ନେଇ କିଛିସମୟ ଯୁକ୍ତିତର୍କ ହୋଇଥିଲା। ପ୍ରକୃତରେ ଏହି କମ୍ପାନୀ ମାନଙ୍କୁ ସରକାର ସ୍ୱୀକୃତି ଦେଇଛି ନା ଏମାନେ ବିନା ପ୍ରମାଣ ପତ୍ରରେ ଏହିଭଳି ଗ୍ରାମର ନିରୀହ ଆଦିବାସୀ ଗରିବ ଗୁରୁବା ଲୋକଙ୍କୁ ଏହିଭଳି ହଇରାଣ ପାଇଁ ଯୋଜନା ହୋଇଛି ତାରି ଉପରେ ତଦନ୍ତ ହେବାକୁ ଦାବି ହୋଇଛି।

# ଗ୍ରାମବାସୀଙ୍କ ଅଳଙ୍କାରରେ ମହାପ୍ରଭୁ ହେଉଛନ୍ତି ସୁନାବେଶ

## ୩୩ ବର୍ଷ ବିତିଗଲା କୁଲାଡ ଠାକୁରଙ୍କ ଚୋରି ଅଳଙ୍କାର ମିଳୁନାହିଁ

ଭଞ୍ଜନଗର,୬।୭(ବାବୁଲା ପ୍ରଧାନ)

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ବଡ଼ ଏକାଦଶୀ ଅବସରରେ ମାଉସୀମା' ମନ୍ଦିରରୁ ନିଜ ମନ୍ଦିରକୁ ବାହୁଡୁଥିବା ମହାପ୍ରଭୁ ସୁନା ବେଶରେ ଆଭୂଷିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତ। ମାତ୍ର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ କୁଲାଡରେ ଆଜକୁ ୩୩ ବର୍ଷ ହେବ ଠାକୁରଙ୍କ ସୁନାବେଶରେ କିଛି ଅଲଗା ଦେଖିବାକୁ ମିଳୁଛି। ଠାକୁରଙ୍କ ସୁନାବେଶ ପାଇଁ ଅଳଙ୍କାର ଭଣ୍ଡାର ଶୂନ୍ୟ ପଡ଼ିଛି। ତେଣୁ ଗ୍ରାମବାସୀ ୩୩ ବର୍ଷ ହେଲା ସୁନାବେଶ ଦିନ ଠାକୁରଙ୍କୁ ଅଳଙ୍କାର ଦାନ କରନ୍ତି। ସୁନାବେଶ ସରିବା ପରେ ଗ୍ରାମର ଏକ କମିଟି ଏହାକୁ ନେଇ ନିଜ ହେପାଜତରେ ଅଳଙ୍କାର ସିଲ୍ କରି ରଖନ୍ତି। ଠାକୁରଙ୍କ ଅଳଙ୍କାର ଭଣ୍ଡାର ଶୂନ୍ୟ ଥିବା ଶୁଣିଲେ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଘୁମୁସରର ଭଞ୍ଜ ରାଜବଂଶର ତତ୍କାଳୀନ ରାଜା ପ୍ରତାପ ଭଞ୍ଜ ଦେଓ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି କୁଲାଡରେ ସ୍ଥାପନ କରିଥିଲେ। ପରେ କୃଷ୍ଣ ଭଞ୍ଜ ଶାସନ ସମୟରେ ୧୭୪୪ ରୁ ୧୭୫୭ ମଧ୍ୟରେ କୁଲାଡ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। କୁଲାଡରେ ସ୍ଥାପିତ ମନ୍ଦିରଗୁଡ଼ିକର ପରିଚାଳନା ପାଇଁ ରାଜବଂଶ ପକ୍ଷରୁ ହଜାର ହଜାର ଭରଣ ଜମି ଦାନ ସହ ବିପୁଳ ପରିମାଣର ସୁନା, ରୂପା ଅଳଙ୍କାର ମଧ୍ୟ ଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ମନ୍ଦିର ପରିଚାଳନା ଦାୟିତ୍ୱ ନେଇଛି। ତେବେ ୧୯୯୩ ମସିହା ଫେବୃୟାରୀ ୧୭ ତାରିଖ ରାତିରେ ଦୁର୍ବୃତ୍ତମାନେ କୁଲାଡ ଜଗନ୍ନାଥ ମନ୍ଦିର କବାଟ ଭାଙ୍ଗି ଏକ ବଡ ବାକ୍ସ ମଧ୍ୟରେ ଥିବା ମନ୍ଦିରର ସମସ୍ତ ଅଳଙ୍କାର ଲୁଟି ନେଇଥିଲେ। ସେଥିମଧ୍ୟରେ ୧ କେଜି ସୁନା ଅଳଙ୍କାର, ୮୦ କେଜି ରୂପା, ତିନି ଠାକୁରଙ୍କ ତିନୋଟି ମୂଲ୍ୟବାନ ସ୍ୱର୍ଣ୍ଣ ଚିତା ସମେତ ଅନ୍ୟାନ୍ୟ ସାମଗ୍ରୀ ଥିଲା। ଲୁଟ ଅଳଙ୍କାରକୁ ଉଦ୍ଧାର ପାଇଁ ଗ୍ରାମବାସୀ ଅନେକ ଥର ଆନ୍ଦୋଳନ କରିଛନ୍ତି। ମାତ୍ର ଫଳ କିଛି ମିଳ ନାହିଁ। ଅଳଙ୍କାର ଚୋରି ଘଟଣାକୁ ଇତିମଧ୍ୟରେ ୩୩ ବର୍ଷ ବିତିଯାଇଛି। ସେବେଠାରୁ ଠାକୁରଙ୍କ ଅଳଙ୍କାର ଭଣ୍ଡାର ଖାଲି ପଡ଼ିଛି। ଗ୍ରାମବାସୀଙ୍କ ପ୍ରଦତ୍ତ ସୁନାରେ ପ୍ରତିବର୍ଷ ଠାକୁର ସୁନା ବେଶ ହେଉଛନ୍ତି। ଏନେଇ ଅତିରିକ୍ତ ତହସିଲଦାର ଅବିନାଶ ମହାର କହିଛନ୍ତି ଯେ ମନ୍ଦିର ଟ୍ରେଜେରୀ ରେ ଅଳଙ୍କାର କିଛି ଗଚ୍ଛିତ ନାହିଁ। ପୂଜାରୀମାନେ ସେମାନଙ୍କ ବ୍ୟବସ୍ଥାରେ ସୁନାବେଶ କରୁଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଉପ ଜିଲାପାଳ ଉମା ଶଙ୍କର ବେହେରା, ଅତିରିକ୍ତ ତହସିଲଦାର ଅବିନାଶ ମହାର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ପାଳିତ ହେଉଛି।



ଠାକୁରଙ୍କ ସୁନାବେଶ ।

# ଭଜନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କଲେ ବିଧାୟକ


କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଧାୟକ।

କବିସୂର୍ଯ୍ୟନଗର,୬।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରରେ ମାଉସୀ' ମା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ୯ ଦିନ ବ୍ୟାପି ପୂଜା ପାଇବା ପରେ ରବିବାର ଏକାଦଶୀ ତିଥିରେ ବାହୁଡା ପହଣ୍ଡରେ ଆସି ରଥାରୁଢ଼ ହୋଇଛନ୍ତି। ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପହଣ୍ଡିରେ ଯୋଗ ଦେଇ ଠାକୁରଙ୍କ କୃପାଭିକ୍ଷା କରିଥିଲେ । ଏହାପରେ ସେ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚି ମନ୍ଦିରର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ । ଓଡ଼ିଆ ପାଇକ ସାହି ଛକରେ ନୂତନ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମାଣ ଲାଗି ପ୍ରସ୍ତାବ ଗ୍ରହଣ କରିଥିଲେ । ବାହୁଡା ଯାତ୍ରାରେ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ଶ୍ରୀଗୁଣ୍ଡିଚା ଭଜନ ସମାରୋହ। ବିଧାୟକ ନାୟକ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ସଭାପତି ତଥା ଲାୟନ୍ସ କ୍ଲବ ସଭାପତି ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସମାଜିକ କର୍ମୀ ରାମପ୍ରସାଦ ମହାରଣା, ସମ୍ମାନିତ ଅତିଥି ମୋହନ ସୁନ୍ଦର ସ୍ୱାଇଁ, କାଉନସିଲର ଦେବୀପ୍ରସାଦ ସ୍ୱାଇଁ, ବିଶ୍ୱଜିତ ମହାପାତ୍ର, ଶିବରାମ ପଣ୍ଡା, ଡ୍ରାଇଭର ମାଝୀ, ସୌମ୍ୟରଂଜନ ବିଷୋୟୀ, ବି. ଶଙ୍କର ପାତ୍ର, ରଞ୍ଜନ ଗୌଡ଼, ଦୁର୍ଗାପ୍ରସାଦ ପାଣି, ଅଜୟ କୁମାର ପାତ୍ର ମଞ୍ଚାସୀନ ଅତିଥି ଥିଲେ । ସଭାପତି ସେମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖ୍ୟାତନାମା କଳାକାରଙ୍କ ସମ୍ବର୍ଦ୍ଧନା ଉତ୍ସବ । ପ୍ରବଚକ ବଂଶୀଧର ପ୍ରଧାନ, ସୁଶାନ୍ତ ପାଣିଗ୍ରାହୀ, ବାଦ୍ୟ କଳାକାର, ଭଜନ କଣ୍ଠଶିଳ୍ପୀ ତଥା ସମ୍ପାଦକ ଶିଶୁଗୋପାଳ ସାହ ପ୍ରମୁଖଙ୍କ ସମେତ ଉପସ୍ଥାପକ ବଳରାମ ପୋଲାଇ ଓ ଶିବାନନ୍ଦ ବାରିକକୁ ଉପଢୌକନ, ମାନପତ୍ର ଦେଇ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ ।

# ଥାନାରେ ଏତଲା ଦେଲେ ବ୍ରାହ୍ମଣ ସମାଜ କର୍ମକର୍ତ୍ତା

## ବ୍ରାହ୍ମଣ ସମାଜ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ

ମୋହନା,୬।୭(ମନ୍ମଥ ମିଶ୍ର)

ବ୍ରାହ୍ମଣ ଜାତିକୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେବା ପ୍ରତିବାଦରେ ସ୍ଥାନୀୟ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ମୋହନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଜପତି ଜିଲା ମୋହନାରେ ଚଳିତ ମାସ ୧ରେ ବିଭିନ୍ନ ସଙ୍ଗଠନ ଓ ମୋର୍ଚ୍ଚା କର୍ମକର୍ତ୍ତା ଭାରତ ବନ୍ଦ ଡାକରା ଦେଇଥିଲେ। ଏହି ଭାରତ ବନ୍ଦ ଡାକରାରେ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର କେତେ ଜଣ କର୍ମୀ ଭାଜପା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବ୍ରାହ୍ମଣ ସମାଜ (ଜାତି)କୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେଇଥିଲେ। ସେମାନେ କହିଥିଲେ ଆମେ ମୂଳ ନିବାସୀ ଓ ବ୍ରାହ୍ମଣମାନେ ବିଦେଶରୁ ଆସିଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୋହନା ବ୍ରାହ୍ମଣ ସମାଜ ଏହାକୁ ବିରୋଧ କରିବା ସହ ଏଭଳି ମନ୍ତବ୍ୟର ପ୍ରତିବାଦ କରି ବ୍ରାହ୍ମଣ ସମାଜ ପ୍ରତି ଏଭଳି ମନ୍ତବ୍ୟ ଦେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏହା ନ ହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି କାର୍ମକର୍ତ୍ତା ଓ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ବ୍ରାହ୍ମଣ ସମାଜର ସଭାପତି ବରିଷ୍ଠ ଓକିଲ ସନ୍ତୋଷ ପାଢ଼ୀଙ୍କ ନେତୃତ୍ୱରେ ମୋହନାରେ ବସବାସ କରୁଥିବା ଶତାଧିକ ବ୍ରାହ୍ମଣ ମା'ତାରିଣୀଙ୍କ ମନ୍ଦିରରେ ଏକତ୍ରିତ ହୋଇ ବୈଠକ କରିବା ପରେ ଥାନାକୁ ଆସି ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଏମ୍‌ପି , ବିଧାୟକ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଓଡ଼ିଶା ବ୍ରାହ୍ମଣ ମହାସଂଘ, ଜିଲା ବ୍ରାହ୍ମଣ ସଂଘକୁ ଅଭିଯୋଗ ପତ୍ର ପଠାଯାଇଛି। ଅନ୍ୟପକ୍ଷରେ ବ୍ରାହ୍ମଣ ସମାଜର ଅଭିଯୋଗକୁ ଏସ୍‌ଡିପିଓଙ୍କ ନିକଟକୁ ପଠାଯାଇଛି। ସେ ଏହାର ତଦନ୍ତ କରିବେ ବୋଲି ରବିବାର ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ

ଦିଗପହଣ୍ଡି,୬।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଘୋଡାହାଡ ଡ୍ୟାମ ଛକରେ ସ୍ଥାପିତ ପ୍ରତିମୂର୍ତ୍ତି ନିକଟରେ ରବିବାର ସିଦ୍ଧ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବଡଖେମୁଣ୍ଡି ରାଜ ପରିବାରର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଐତିହାସିକ ଏବଂ ଗବେଷକ ଡ.ଅନନ୍ତରାମ କର କୌଣ୍ଡିଣ୍ୟ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, କବିସୂର୍ଯ୍ୟ ସ୍ମୃତି ପରିଷଦର ସମ୍ପାଦକ କୁରେଶୁ ପଣ୍ଡା, କବି ବୃନ୍ଦାବନ ପଣ୍ଡା, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ସମ୍ପାଦକ ଆଲୋକ ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତତ୍କାଳୀନ ବଡଖେମୁଣ୍ଡି ରାଜ୍ୟର ବିଜୟ ନଗର ଗଡରେ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଜନ୍ମିତ ରାଜପୁତ୍ର ସନ୍ଥ ଅରକ୍ଷିତ ଦାସଙ୍କ ଜୀବନାଦର୍ଶ ଓ ତାଙ୍କ ରଚିତ ମହୀମଣ୍ଡଳ ଗୀତା, ଶାକ୍ୟ ସଂହିତା ଭଳି ଉପାଦେୟ ରଚନାର ଅଧିକ ପ୍ରଚାର ପ୍ରସାର କରାଯାଇ ପାରିଲେ ସମାଜରେ ଏହାର ସକାରାତ୍ମକ ପ୍ରଭାବ ପଡିବ ଓ ଜନ୍ମମାଟି ଅଧିକ ପବିତ୍ର ହୋଇପାରିବ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସେହିଭଳି ବିଜୟନଗର ଗଡ଼ ଶ୍ରୀ ଚୈତନ୍ୟ ଠାକୁର ମନ୍ଦିର ପ୍ରାଙ୍ଗଣରେ ସନ୍ଥ ଅରକ୍ଷିତ ଦାସଙ୍କ ଆର୍ବିଭାବ ଦିବସ ପାଳିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ପାତ୍ର, ସମ୍ପାଦକ ସନ୍ତୋଷ ସେଠୀ, ମଠ ପୂଜକ ଶିବହରି ଦାସ ପ୍ରମୁଖ ମହାପୁରୁଷଙ୍କ ଫଟୋରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

# ବ୍ରାହ୍ମଣ ମହାସଂଘ ବୈଠକ

ପାରଳାଖେମୁଣ୍ଡି, ୬।୭(ଗିରିଧାରୀ ପରିଛା)

ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ବ୍ରାହ୍ମଣ ମହାସଂଘର ଏକ ବୈଠକ ପ୍ରାକ୍ତନ ରାଜ୍ୟ ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୧୩ରେ ଭୁବନେଶ୍ୱରଠାରେ ରାଜ୍ୟ ମହାସଂଘର ୨୪ତମ କାର୍ଯ୍ୟକାରୀଣି ବୈଠକରେ ବିଭୂତି ଭୂଷଣ ରଥ, ସୁଶିଳ ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା, ଲୋକନାଥ ମିଶ୍ର, ନାଗେଶର ମହାପାତ୍ର ଓ ପ୍ରମୋଦ ଚନ୍ଦ୍ର ପାଢ଼ୀ ଯୋଗ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଂଘର ୧୬ଜଣ ସଭ୍ୟଙ୍କୁ କାର୍ଯ୍ୟକାରୀ ସଭ୍ୟରୂପେ ଚୟନ କରାଯାଇଥିଲା। ସରୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମିନି ଟ୍ରକ୍ ଧକ୍କାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ମୋହନା,୬।୭(ମନ୍ମଥ ମିଶ୍ର):** ଧନୁପଙ୍କା ଗାଁର ଦୁଃଖିଶ୍ୟାମ ମଲ୍ଲିକ ଏକ ବାଇକ୍ (ଓଡି ୨୦ ବି ୮୭୯୭) ଯୋଗେ ଜରଉ ପଞ୍ଚାୟତର ଯୁବ ଗାଁକୁ ଶ୍ୱଶୁର ଘରକୁ ଯାଉଥିବା ବେଳେ ଏକ ମିନି ଟ୍ରକ (ଓଡି ୦୭ ୱାଇ-୦୪୩୩) ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ନେଇ ମିନିଟ୍ରକ ମୋହନା ଡାକ୍ତରଖାନା ଫାଟକ ସମ୍ମୁଖରେ ଓହ୍ଲାଇ ଦେଇ ଚାଲି ଯାଇଥିଲା। ଡାକ୍ତରଖାନା କର୍ମଚାରୀ ତାଙ୍କୁ ଦେଖି ଡାକ୍ତରଙ୍କ ନିକଟକୁ ନେଇ ଚିକିତ୍ସା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଃଖିଶ୍ୟାମଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଜୁରିପଡ଼ା,୬।୭(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ସୁନ୍ଦରଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଦୁମଣି ବାରିକଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଜୟନ୍ତ କୁମାର ଦେହୁରୀ, ଗୋପାଳ ବେହେରା, ସୁନିଲ ବେହେରା, ସାମାଜିକ କର୍ମୀ ଆକାଶ ଦାସ, ବିବେକା କହଁର, ନିରାକାର କହଁର, ଦାମୋଦର କହଁର, ସାରଙ୍ଗଧର କହଁର, ବିଦୁର ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଛାତ୍ରବତ୍ସଳତା ଓ ପରୋପକାରୀ ଗୁଣର ପ୍ରଶଂସା କରିଥିଲେ। ୨୨ ବର୍ଷର ଶିକ୍ଷକତା ସମୟରେ ସେ ବହୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଓ ପ୍ରଶାସନିକ ଅଧିକାରୀ ସୃଷ୍ଟି କରିଛନ୍ତି। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ବହୁ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ। ଶେଷରେ ବାଜା ବଜାଇ ପ୍ରଧାନ ଶିକ୍ଷକଙ୍କୁ ଗ୍ରାମବାସୀ କାନ୍ଦି କାନ୍ଦି ବିଦାୟ ଦେଇଛନ୍ତି । ପ୍ରଧାନ ଶିକ୍ଷକଙ୍କ ଅବସର ପରେ ଏବେ ଜଣେ ଶିକ୍ଷକ ଥିବାରୁ ୧୮ ଜିଲାଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି ହେବ। ତେଣୁ ସରକାର ଜଣେ ଶିକ୍ଷକ ନିଯୁକ୍ତ କରିବାକୁ ଗ୍ରାମବାସୀ ଅଭିଭାବକ ପ୍ରମୁଖ ଦାବି କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଆକାଶ ଦାସ ସଭାପତିତ୍ୱ କରି ପରିଚାଳନା କରିଥିଲେ।

# ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଜନ୍ମ ଉତ୍ସବ

ମୋହନା,୬।୭(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ତିବତୀୟ ସେଟେଲମେଣ୍ଟ କାର୍ଯ୍ୟାଳୟ ପରିସରରେ ତିବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ୯୦ ତମ ଜନ୍ମ ଉତ୍ସବ ରବିବାର ପାଳିତ ହୋଇଯାଇଛି । ସ୍ୱତନ୍ତ୍ର ଅତିଥି ଭାବେ ଜିରାଙ୍ଗ ବୌଦ୍ଧ ମନ୍ଦିର ମୁଖ୍ୟ ଗୁରୁଜୀ ଜିଗମେ ରିଂପଛେ, ମୁଖ୍ୟ ଅତିଥି ଗଜପତି ଜିଲାପାଳ ବିଜୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଯତୀନ୍ଦ୍ର ପଣ୍ଡା, ତିବତୀୟ ଲୋକଲ ଏସାକ୍ଲି ଉପାଧ୍ୟକ୍ଷା ସେରିଙ୍ଗ ୟାଂଜୁମ, ତିବତୀୟ ସେଟେଲମେଣ୍ଟ ଅଧିକାରୀ କର୍ମା, ପୂର୍ବତନ ସେଟେଲମେଣ୍ଟ ଅଧିକାରୀ ତଥା ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଖେନପୋ ପେମା ଟେଂଫେଲ ଓ ରା.ଉଦୟଗିରି ଏସ୍‌ଡିପିଓ ଅମିତାଭ ପଣ୍ଡା ଉପସ୍ଥିତ ଥିଲେ। ତିବତୀୟ ତଥା ବୌଦ୍ଧ ସଂସ୍କୃତି ଅତ୍ୟନ୍ତ ମହାନ ବୋଲି ଜିଲାପାଳ କହିବା ସହ ବୌଦ୍ଧ ଧର୍ମ ସଂସ୍କୃତି ଉପରେ ଅନ୍ୟ ଅତିଥିମାନେ ବିସ୍ତୃତ ଆଲୋକପାତ କରି ଏ କ୍ଷେତ୍ରରେ ଦଲାଇ ଲାମାଙ୍କ ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ତିବତୀୟଙ୍କ କଳା, ସଂସ୍କୃତି ଓ ପରମ୍ପରା ଆଧାରିତ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଚନ୍ଦ୍ରଗିରି, ଲବାରସିଂ, ଜିରାଙ୍ଗ, ଟାଙ୍କିଲିପଦର ଓ ମେହେନ୍ଦ୍ରଗଡ଼ରେ ରହୁଥିବା ଶତାଧିକ ତିବ୍ବତୀୟ ଯୋଗ ଦେଇଥିଲେ ।

# ଜୁଆ ଆଡ୍ଡାରୁ ୪ ଗିରଫ

ଗୋପାଳପୁର,୬।୭
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ପୋଲିସ ରବିବାର ସନ୍ଧ୍ୟାରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଛି। ସେଠାରୁ ତାସ, ୫ଟି ମୋବାଇଲ ଫୋନ, ୫ଟି ବାଇକ ଓ ୩ ହଜାର ୬ ଶହ ଜବତ କରିଛି । ଗୋବିନ୍ଦନଗର ଗ୍ରାମର ଶେଷ ଭାଗରେ ଗତ କିଛି ଦିନ ହେଲା ଜୁଆ ଖେଳ ଚାଲିଥିଲା । ଖବରପାଇ ପୋଲିସ ସନ୍ଧ୍ୟାରେ ଚଢ଼ାଉ କରିଥିବା ବେଳେ କିଛି ଜୁଆଡ଼ି ଚମ୍ପଟ ମାରିଥିଲେ। ୪ ଜଣଙ୍କୁ ପୋଲିସ କାବୁ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।


**ଖଣ୍ଡୀୟ ବନାଧିକାରୀ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର,**
**ଓଡ଼ିଶା, ପିନ-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩,**
ଇମେଲ-dfo.hirakudwl@odisha.gov.in, hirakudwildlife1@gmail.com

**Quotation Call Notice**

NO. 58 Dt. 02.07.2025

**No.MM-114** : Sealed quotations are invited from intending Architectural firms/ Individual for Appointment of Architects/ consultants for design and project supervision services for construction of animal enclosures at Sambalpur Zoo & Conservation Centre, Sambalpur under Hirakud Wildlife Division, Sambalpur.

| Item | Quantity | Quoted Price | Cost of Tender Paper | EMD money to be deposited | Security deposit for three years |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Architectural firms/ Individual for Appointment of Architects/consultants for design and project supervision services for construction of animal enclosures at Sambalpur Zoo & Conservation Centre, Sambalpur under Hirakud Wildlife Division, SambalpurZoo. | 01 (one) | Scale of Fees to be quoted by Consultant as percentage (%) of project cost (upto 2 decimal places) | 600/- (non-refundable) | 22,225/- | SD will be 5% of the quoted amount based on financial bid against the project cost. |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.07.07.2025, 10.00 AM to dt.14.07.2025, 4.00 PM** (during office hours).
2. Receiving of Quotation Papers will from **Dt.07.07.2025, 10.00 AM to dt.16.07.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur
3. The Sealed quotation papers shall be opened on **Dt.18.07.2025 at 11.30 AM**

Sd./- Divisional Forest Officer
Hirakud Wildlife Division, Sambalpur
OIPR-08078/11/0007/2526



**ODISHA JOINT ENTRANCE EXAMINATION - 2025 (OJEE - 2025)**

No. : 281/OJEE DATE :05.07.2025

**NOTICE FOR ONLINE APPLICATION FOR 2ND/ SPECIAL OJEE 2025 FOR BASIC B.Sc. NURSING**

**No.h-05** : **The 2nd / Special OJEE for Basic B.Sc. Nursing will be held on 29th July, 2025.**
**The Entrance Examination will be conducted in Computer Based Test (CBT) mode.**
**Interested candidates are advised to fill up the Application Forms online through OJEE website (www.ojee.nic.in) only.**
**Filling-up of Online Application through OJEE website will start on 08th July, 2025 and will end on 15th July, 2025 (11.00 PM).**
**Please read, carefully the 'Instruction/guidelines' and the 'Instructions to fill On-line Application Form' for OJEE - 2025, which are available in the OJEE websites to get detailed information regarding eligibility criteria, examination pattern, syllabus etc.**
Syllabus for Basic B.Sc. Nursing will same as that of syllabus followed for OJEE 2025.
**The results of 2nd/ Special OJEE shall be used for admission to the unfilled seats in Private institutions under the management quota.**
Please note that Candidates from outside the state are also eligible to apply and can take admission against unfilled seats under the Management Quota in Private Nursing Institutions only as per norms.
**For other details, please visit our website: www.ojee.nic.in / www.odishajee.com.**

Sd./- CHAIRMAN,
OJEE Odisha
OIPR-14020/11/0005/2526



**ODISHA HYDRO POWER CORPORATION LTD.**
OHPC
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC:TECH:C&P:16/2025-26/5314 Date : 03.07.2025

**INVITATION FOR EXPRESSION OF INTEREST**

**No.CAD-1003** : Odisha Hydro Power Corporation Ltd Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT Consultant on contractual basis for a minimum period of 01 year.
For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from dt.10.07.2025.

OIPR-04012/11/0038/2526 C&P Head



**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର**
No.A-365
**ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2025-26**

| | | | |
|---|---|---|---|
| ୧ | କାର୍ଯ୍ୟର ନାମ | : | ମୋଟ ୦୮ (ଆଠ) ଗୋଟି ଜଳନିଷ୍କାସ କାର୍ଯ୍ୟ । |
| ୨ | ଅଟକଳ ମୂଲ୍ୟ | : | ୧୭୩.୯୪ ଲକ୍ଷ ଟଙ୍କାରୁ ୪୮୬.୩୦ ଲକ୍ଷ ଟଙ୍କା ଯାଏଁ। |
| ୩ | କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି | : | ୧୧ (ଏଗାର) ମାସରୁ ୧୮ (ଅଠର) ମାସ। |
| ୪ | ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ | : | ତା୦୮.୦୭.୨୦୨୫ର ୧୨.୦୦ ଘଣ୍ଟାରୁ ତା ୨୨.୦୭.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ। |
| ୫ | ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ | : | ତା୨୨.୦୭.୨୦୨୫ର ୧୮.୦୦ ଘଣ୍ଟା। |
| ୬ | ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା | : | ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିଷ୍କାସ ମଣ୍ଡଳ, କଟକ, ଠିକଣା- ଗଣ୍ଡରପୁର, କଟକ- ୭୫୩୦୦୩, ଇ-ମେଲ୍: sedrainagecirclectc@gmail.com |

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବ୍‌ସାଇଟରେ ପ୍ରକାଶ କରାଯିବ।

**ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିଷ୍କାସ ମଣ୍ଡଳ, କଟକ**
OIPR-32174/11/0029/2526



**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXXIII-12
**ନୋଟିସ**

**ଆଦେଶ – ୫, ନିୟମ – ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା – ୧୯୦୮ ଅନୁଯାୟୀ ଏଲ୍.ଏ. କେସ୍ ନଂ.– ୦୧/୨୦୨୨**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା ... ଆବେଦନକାରୀ**
**ବନାମ**

୧. ମହେଶ୍ୱର ପଟ୍ଟନାୟକ, ୨. ଭିକାରୀ ଚରଣ ପଟ୍ଟନାୟକ, ପିତା: ଜୟକୃଷ୍ଣ ପଟ୍ଟନାୟକ, ୩. ସାଧୁଚରଣ ଜେନା, ୪. କୁଳମଣି ଜେନା, ପିତା: ଦାମୋଦର ଜେନା, ସା: ମୁକୁନ୍ଦପ୍ରସାଦ, ୫. କମଳାକାନ୍ତ ପଟ୍ଟନାୟକ, ୬. ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ୭. ସୁଚିତ୍ରା ପଟ୍ଟନାୟକ, ୮. ସୁମିତ୍ରା ପଟ୍ଟନାୟକ, ପିତା: ରାଧାନାଥ ପଟ୍ଟନାୟକ, ୯. ବାସନ୍ତୀ ପଟ୍ଟନାୟକ, ସ୍ୱାମୀ: ରାଧାନାଥ ପଟ୍ଟନାୟକ, ସା: ମୁକୁନ୍ଦପ୍ରସାଦ, ୧୦. ପୂର୍ଣ୍ଣଚନ୍ଦ୍ର ଜେନା, ପିତା: ସାଧୁ ଚରଣ ଜେନା, ସା: ମୁକୁନ୍ଦପ୍ରସାଦ, ୧୧. ଉର୍ମିଳା ମହାରଣା, ସ୍ୱାମୀ: ଲକ୍ଷ୍ମୀଚରଣ ମହାରଣା, ସା/ପୋ.: ଖଣ୍ଡିଦେଉଳି, ଭାୟା/ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ, ହାଲ୍ ଠିକଣା: ଡେଲ୍‌ଟା ବି କ୍ୱାର୍ଟର ନଂ. ୱାନ୍‌ଆର/୪୦, ଜିଲ୍ଲା: ଖୋର୍ଦ୍ଧା, ୧୨. ସୁଶାନ୍ତି ଜେନା, ପିତା: ଧନେଶ୍ୱର ବଳବନ୍ତରାୟ, ସା: ବୁଢ଼ାଆମ୍ବ, ପୋ/ଥାନା: ଜଙ୍କିଆ, ଜିଲ୍ଲା: ଖୋର୍ଦ୍ଧା, ୧୩. ବିପିନ କୁମାର ପଟ୍ଟନାୟକ, ପିତା: ଯୋଗୀନାଥ ପଟ୍ଟନାୟକ, ସା: ମୁକୁନ୍ଦପ୍ରସାଦ, ହାଲ୍ ସାକିନ: ଉଚ୍ଚସାହି, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ୧୪. କୁଞ୍ଜବିହାରୀ ପଟ୍ଟନାୟକ, ପିତା: ଯୋଗୀନାଥ ପଟ୍ଟନାୟକ, ସା: ମକୁନ୍ଦପ୍ରସାଦ, ହାଲ୍ ସାକିନ: ସା: ଡି.ପି. କ୍ୟାମ୍ପ ଥେରୁବାଲି, ପୋ: ଥେରୁବାଲି, ଜିଲ୍ଲା: ରାୟଗଡ଼ା ..... **ବିରୋଧୀପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୦୧/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ମୁକୁନ୍ଦପ୍ରସାଦ, ଖାତା ନଂ. ୩୭୨, ପ୍ଲଟ୍ ନଂ. ୨୩୩୨, ମୋଟ ରକବା ଏ୦.୮୧୩ଡି.ରୁ ଏ୦.୪୮୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୨।୦୮।୨୦୨୫ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୧।୦୬।୨୦୨୫ରିଖ Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/– ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ
ଅଦାଲତ, କଟକ
OIPR-24351/14/0078/2526

# ବଜାରରେ ଏଲ୍ଆଇସିର ୨ ନୂତନ ପ୍ଲାନ୍



ନୂତନ ପ୍ଲାନ୍‌ର ଶୁଭାରମ୍ଭ ଅବସରରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସତ୍ ପାଲ ଭାନୋଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୬।୭ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ ତଥା ୨ ନୂତନ ପ୍ଲାନ୍ 'ଏଲ୍ଆଇସି ନବ ଜୀବନ ଶ୍ରୀ (ପ୍ଲାନ୍ ୯୧୨) ଏବଂ ନବ ଜୀବନ ଶ୍ରୀ ସିଙ୍ଗଲ ପ୍ରିମିୟମ (ପ୍ଲାନ୍ ୯୧୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସି ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସତ୍ ପାଲ ଭାନୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଆନୁଷ୍ଠାନିକ ଭାବେ ପ୍ଲାନ୍ ଦ୍ୱୟକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍ଆଇସିର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଭାନୋ କହିଥିଲେ, ଆମେ ଆମର ନୂତନ ଯୋଜନା ଦ୍ୱୟକୁ ଶୁଭାରମ୍ଭ ସହ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ୨ଟି ଯୋଜନାରେ ଅନେକ ପ୍ରକାର ସୁବିଧା ହିତାଧିକାରୀଙ୍କୁ ମିଳିବାକୁ ଥିଲାବେଳେ ଯୁବବର୍ଗଙ୍କୁ ଏହା ବେଶ୍ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ନିକଟରେ ଶୁଭାରମ୍ଭ ହୋଇଥିବା ଏହି ଦୁଇ ନୂତନ ଯୋଜନା ସଞ୍ଚୟ ଏବଂ ସୁରକ୍ଷାର ମିଶ୍ରଣ ହୋଇଥିଲାବେଳେ ଆମ ଜୀବନଚକ୍ରର ବିଭିନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ସୃଷ୍ଟିକରିବା ସହ ଏହାକୁ ବିଶେଷ ଭାବେ ଡିଜାଇନ୍ କରାଯାଇଛି। ଏଲ୍ଆଇସିର ନବ ଜୀବନ ଶ୍ରୀ (ଯୋଜନା ୯୧୨) ର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି ବିଶେଷ ଭାବେ ଯୁବପିଢ଼ିର ସମସ୍ତ ଆବଶ୍ୟକତା ପୂରଣ କରିବା ସହ ସେମାନଙ୍କର ସ୍ୱପ୍ନ, ଲକ୍ଷ୍ୟ, ଦାୟିତ୍ୱ ପୂରଣ କରିବାକୁ ଚାହାନ୍ତି ଏବଂ ସୁରକ୍ଷା ମଧ୍ୟ ପ୍ରଦାନ କରନ୍ତି। ଏଲ୍ଆଇସିର ନବ ଜୀବନ ଶ୍ରୀ ସିଙ୍ଗଲ ପ୍ରିମିୟମ (ଯୋଜନା ୯୧୧)। ଏହା ଏକ ଏକକ ପ୍ରିମିୟମ ପଲିସି ଜୀବନ ବୀମା ପ୍ରଦାନ ସହିତ କର୍ପସ୍ ନିର୍ମାଣ ପାଇଁ ଉଦ୍ଦିଷ୍ଟ ରହିଛି। ବର୍ତ୍ତମାନର ପରିବେଶରେ ଯେତେବେଳେ ସୁଧ ହାର ବହୁତ ଅସ୍ଥିର ଥାଏ ଏବଂ ଏହି ଦୁଇଟି ଯୋଜନା ପଲିସି ଅବଧି ମଧ୍ୟରେ ଆବଶ୍ୟକ ଗ୍ୟାରେଣ୍ଟିଯୁକ୍ତ ଯୋଗ ପ୍ରଦାନ କରିଥାଏ। ସେହିପରି ଏହି ଯୋଜନା ଦ୍ୱୟରେ ଅନେକ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ସୁରକ୍ଷିତ ଆର୍ଥିକ ସୁବିଧା ସାମିଲ ରହିଛି।

# ରେମଣ୍ଡର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୭

ରେମଣ୍ଡର ଏକ୍ସକ୍ଲୁସିଭ ଆଉଟଲେଟ ଶନିବାର କଟକ ଲିଙ୍କ୍‌ରୋଡ଼ସ୍ଥିତ ବାଦାମବାଡ଼ିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରେମଣ୍ଡ (କୋଲକାତା)ର ବରିଷ୍ଠ ଅଧିକାରୀ ଅଂଶୁମାନ ଜଲାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍‌ନେସ ପାର୍ଟନର (କୋଲକାତା) ପୀୟୂଷ ପାନସାରୀ ଏବଂ ଫ୍ରାଞ୍ଚାଇଜ ଓନର ଅମିତ ଅଗ୍ରୱାଲଙ୍କ ସମେତ ଗଣେଶ କାଣ୍ଡୋଇ, ସୁରେଶ ପୋଦ୍ଦାର, ଶଙ୍କର ଗୁପ୍ତା, ସଞ୍ଜୟ ଶର୍ମା, ଅବିନାଶ ଖେମକା, ସତୀଶ ଗୋଏଙ୍କା, ବିନୋଦ ସରୱାଗୀ, ନରେନ୍ଦ୍ର ମୋଦୀ, ପ୍ରଦୀପ ପାନସାରୀ, ମାନେଙ୍କ ମାହେଶ୍ୱରୀ, ରତନ କ୍ରେଜିୱାଲ, ମୋହନ ସିଂଘୀ, ସତ୍ୟନାରାୟଣ ଭରଲାୱାଲା, ନରେଶ ଜେନରୀୱାଲ, ପୱନ ଚୌଧୁରୀ ଏବଂ ସୁନୀଲ ସାଙ୍ଗନେରିଆ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏଠାରେ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ କପଡା ସହ ସ୍ଥାୟୀ ଶୈଳୀ ଓ ଆଧୁନିକ ଫ୍ୟାଶନର ସମ୍ମିଳନୀ ଉପଲବ୍ଧ। ବିଶେଷ କରି ବିବାହ ଓ ସ୍ୱତନ୍ତ୍ର ଉତ୍ସବ ପାଇଁ ଶେରୱାନୀ, ବନ୍ଧଗାଲା, ଇଣ୍ଡୋ-ୱେଷ୍ଟର୍ନ ପୋଷାକ ସମ୍ଭାରକୁ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ। ଏପରିକି ଉପହାର ପାଇଁ ଉତ୍ତମ ଚୟନ ସହ ଟାଇ, ବେଲଟ, ବୋ, କଫ୍ଲିଙ୍କ୍, ପକେଟ୍ ସ୍କାର୍ ଆଦି ସୁବିଧାରେ ମିଳିବ।

ଉଦଘାଟନୀ ଉତ୍ସବରେ ଶାର୍ଟ ପ୍ୟାଣ୍ଟ ଉପରେ ୫୦% ପର୍ଯ୍ୟନ୍ତ ଛାଡ଼ ସହ କପଡା ଆଦିରେ ନିଶ୍ଚିତ ଉପହାରର ବ୍ୟବସ୍ଥା କରାଯାଇଛି। ସେହିପରି ସିଲାଇ ଉପରେ ବିଶେଷ ରିହାତି ଦିଆଯାଉଛି। ନିଜର ପୁରୁଣା ପ୍ୟାଣ୍ଟ ଆଣିଲେ କିମ୍ବା କପଡା କିଣିଲେ ଆଉଟଲେଟ ପକ୍ଷରୁ ମାଗଣାରେ ସିଲେଇ କରାଯାଉଛି। ଏହି ଅଫର ଏକ ମାସ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

# କାନାରା ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ

ଭୁବନେଶ୍ୱର,୬।୭



କାନରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ପକ୍ଷରୁ ଏକ ମେଗା ତଥା ରାଜ୍ୟବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତୀକରଣ 'ସାଚୁରେଶନ ଡ୍ରାଇଭ' କାର୍ଯ୍ୟକ୍ରମର ଆୟୋଜନ ନିକଟରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲାରେ ଥିବା ବ୍ୟାଙ୍କର ସମସ୍ତ ୫ଟି ଆଞ୍ଚଳିକ କାର୍ଯ୍ୟାଳୟ (ଭୁବନେଶ୍ୱର, କଟକ, ଭଦ୍ରକ, ବ୍ରହ୍ମପୁର ଏବଂ ସମ୍ବଲପୁର)ର ୧୨୦ଟି ଶାଖା ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କର ଅଧିକାରୀମାନେ ଅଂଶଗ୍ରହଣକାରୀମାନଙ୍କୁ ପିଏମ୍‌ଜେଡିୱାଇ ଆକାଉଣ୍ଟ, ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ ଏବଂ ଏପିୱାଇ ଯୋଜନାର ଲାଭ ବିଷୟରେ ବୁଝାଇଥିଲେ। ଏହା ବ୍ୟତୀତ କାନାରା ବ୍ୟାଙ୍କର ୧୨୦ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରିବେଶର ସ୍ଥିରତା ଏବଂ ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ରାଜ୍ୟରେ ତଥା ୧୨୦ଟି ଶାଖା ଦ୍ୱାରା ବ୍ୟାଙ୍କ ପକ୍ଷରୁ ଏକ ମେଗା ଚାରାରୋପଣ ଅଭିଯାନ ହାତକୁ ନିଆଯାଇଛି। ଏପରିକି ପ୍ରତ୍ୟେକ ଶାଖା ଦ୍ୱାରା ୧୫ଟି ଚାରାରୋପଣ କରାଯାଇଥିଲା।

# ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ବିରୋଧ

ଭୁବନେଶ୍ୱର,୬।୭



କ୍ରମାଗତ ଭାବେ ଆର୍ଥିକ ଲାଭ ସହ ସବୁ ବର୍ଗଙ୍କୁ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ସୁବିଧା ପ୍ରଦାନ କରୁଥିବା ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ପ୍ରସ୍ତାବକୁ ଅଲ୍ ଇଣ୍ଡିଆ ଆଇଡିବିଆଇ ଅଫିସର୍ସ ଆସୋସିଏଶନ (ଏ ଆ ଇ ଆ ଇ ଡି ବି ଆ ଇ ଓ ଏ) ପକ୍ଷରୁ ଦୀର୍ଘ ବର୍ଷ ହେବ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏଆଇଆଇଡିବିଆଇଓଏର ଭୁବନେଶ୍ୱର ଅଞ୍ଚଳ (ଜୋନ୍) ପକ୍ଷରୁ ରବିବାର ୟୁନିଟ-୪ ସ୍ଥିତ ହୋଟେଲ ଭି ପ୍ଲାଟିନାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଏଆଇଆଇଡିବିଆଇଓଏର ସାଧାରଣ ସମ୍ପାଦକ ବିଠଲ୍ କୋଟେଶ୍ୱର ରାଓ, ଭୁବନେଶ୍ୱର ଜୋନ୍‌ର ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରାଙ୍କ ସମେତ ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଆଇଡିବିଆଇ ବ୍ୟାଙ୍କ କେନ୍ଦ୍ର ସରକାରଙ୍କ ଅଧୀନରେ ଥିଲାବେଳେ ଏହାର ୪୫.୪୮% ଅଂଶଧନ ସରକାରଙ୍କ ନିକଟରେ ରହିଛି। ଏଥିପାଇଁ ସାଧାରଣ ଲୋକ ବ୍ୟାଙ୍କ ଉପରେ ସେମାନଙ୍କ ବିଶ୍ୱାସ ନିରନ୍ତର ଭାବେ ରଖି ଆସିଛନ୍ତି। ସେଥିପାଇଁ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କର ଜମା ୩,୧୦,୨୯୪ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଆଇଡିବିଆଇ ବ୍ୟାଙ୍କ ବିକ୍ରି ହୁଏ ତା ହେଲେ ସାଧାରଣ ଲୋକଙ୍କ କଷ୍ଟ ଉପାର୍ଜିତ ଧନ ବିପଦ ମୁହଁକୁ ଚାଲିଯିବ। ଉଲ୍ଲେଖଯୋଗ୍ୟ, ବିଗତ ୫ ବର୍ଷ ହେଲା ଆଇଡିବିଆଇ ବ୍ୟାଙ୍କ ନେଟ୍ ଲାଭ କରିଆସୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଆଇଡିବିଆଇ ବ୍ୟାଙ୍କର ନେଟ୍ ଲାଭ ୧୩୫୯ କୋଟି, ୨୦୨୧-୨୨ବର୍ଷରେ ୨୪୩୯ କୋଟି, ୨୦୨୨-୨୩ ବର୍ଷରେ ୩୬୪୫ କୋଟି, ୨୦୨୩-୨୪ବର୍ଷରେ ୫୬୩୪ କୋଟି ଏବଂ ୨୦୨୪-୨୫ ବର୍ଷରେ ୭୫୧୫ କୋଟି ଟଙ୍କା ରହିଛି। ଏପରିକି ୨୧୦୬ଶାଖା ସହ ଆଇଡିବିଆଇ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ୪୫.୪୮% ଅଂଶଧନ ଏବଂ ଭାରତୀୟ ଜୀବନ ବୀମା ନିଗମର ୪୯.୨୪% ଅଂଶଧନ ରହିଛି।

# ଓପୋର ନୂତନ ଉତ୍ପାଦ

ଭୁବନେଶ୍ୱର,୬।୭

ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ 'ରେନୋ ୧୪ ସିରିଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ପ୍ରତ୍ୟେକ ଫିଚରରେ କାର୍ଯ୍ୟଦକ୍ଷତା, ଶକ୍ତି ଓ ସଠିକତା ଚାହୁଁଥିବା ଉପଭୋକ୍ତାଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ସ୍ମାର୍ଟଫୋନ ଅନୁଭୂତି ଦେଉଛି, ଯେଉଁଥିରେ ରେନୋ ୧୪ ଓ ରେନୋ ୧୪ ପ୍ରୋ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଏହି ସ୍ମାର୍ଟଫୋନଗୁଡିକ ଲସ୍‌ଲେସ୍ ୩.୫ ଏକ୍ସ ଅପ୍ଟିକାଲ ଜୁମ+ ୧୨୦ ଏକ୍ସ ପର୍ଯ୍ୟନ୍ତ ଡିଜିଟାଲ ଜୁମ, ଆଡ୍‌ଭାନ୍ସଡ ଏଆଇ ଏଡିଟିଂ ଟୁଲ୍ ଓ ୱାଟର-ରେଜିଷ୍ଟାଣ୍ଟ ଡ୍ୟୁରାବିଲିଟିକୁ ଏକ ଶକ୍ତିଶାଳୀ ଅଲ୍‌ରାଉଣ୍ଡରରେ ସମନ୍ୱିତ କରିଛି, ଏହା ସହିତ ରେନୋ୧୪ ସିରିଜ ନିଜ ସେଗ୍‌ମେଣ୍ଟରେ ସର୍ବାଧିକ ସଂଖ୍ୟକ ଏଆଇ ଇମେଜିଂ ଓ ପ୍ରଡକ୍ଟିଭିଟି ଫିଚରଗୁଡିକୁ ଅନ୍ତର୍ଭୁକ୍ତ କରିଛି, ଯାହା ରେନୋ୧୪ ସିରିଜକୁ ପ୍ରକୃତରେ ମୂଲ୍ୟ ସାପେକ୍ଷ କରିଛି।

## ରାଜ୍ୟ ଖବର

# ୨୦ ଘଣ୍ଟା ତାଲିମ ବାଧ୍ୟତାମୂଳକ

## ପଞ୍ଜୀକରଣ କରିନାହାନ୍ତି ଗଣଶିକ୍ଷା ବିଭାଗର ୬୫୩୨୮ କର୍ମଚାରୀ

ଭୁବନେଶ୍ୱର,୬।୭(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅଧୀନ ସମସ୍ତ କର୍ମଚାରୀ ଇଣ୍ଟିଗ୍ରେଟେଡ ଗଭର୍ଣ୍ଣମେଣ୍ଟ ଅନ୍‌ଲାଇନ ଟ୍ରେନିଂ (ଆଇଗଟ୍) ନେବା ବାଧ୍ୟତାମୂଳକ କରାଯାଇଛି। ଆଇଗଟ୍ ମାଧ୍ୟମରେ ପ୍ରତି କର୍ମଚାରୀମାନେ ଅତିକମରେ୨୦ ଘଣ୍ଟାର ତାଲିମ ସମାପ୍ତ କରିବାକୁ ବାଧ୍ୟ ବୋଲି ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ତାଲିମକୁ ସମସ୍ତ ସରକାରୀ କର୍ମଚାରୀମାନେ ଯେପରି ଠିକ ଭାବେ ପାଳନ କରିବେ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପସଚିବ ମନୋଜ କୁମାର ତ୍ରିପାଠୀ ଚିଠି ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ନିର୍ଦ୍ଦେଶକ, ସିଏଚ୍‌ଏସ୍‌ଇର ଚେୟାରମ୍ୟାନ, ବିଏସ୍‌ଇ ଅଧ୍ୟକ୍ଷ ଏବଂ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଲିମ୍ ସହ ବହୁବିଧ କାର୍ଯ୍ୟକ୍ରମ କରାଯାଉଛି। ହେଲେ କେତେଜଣ କର୍ମଚାରୀ ବିଭିନ୍ନ ପ୍ରକାରର ବାହାନା କରି ତାଲିମରେ ଯୋଗଦେଉ ନ ଥିବା ନଜିର ରହିଛି। ପୁଣି ଅନେକ ତାଲିମ ପୂର୍ଣ୍ଣ କରନ୍ତି ନାହିଁ। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ଟ୍ରେନିଂ ବାଧ୍ୟତାମୂଳକ କରାଯାଇଥିବାବେଳେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶର ସଫଳ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେଇ ଚଠି କରିଛି। ତେବେ ଚିଠିରେ ଦିଆଯାଇଥିବା ତଥ୍ୟ ଅନୁସାରେ, ବିଭାଗ ଅଧୀନରେ ୧ଲକ୍ଷ ୮୮ହଜାର ୮୬୨ଜଣ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୧ଲକ୍ଷ ୭୭ହଜାର ୮୪୪ଜଣ ଆଇଗଟ ପୋର୍ଟାଲରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୧୩ହଜାର ୫୧୬ଜଣ ବିଭିନ୍ନ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରିଥିବା ବେଳେ ୬୫ହଜାର ୩୨୮ ଜଣ କର୍ମଚାରୀ ଏପର୍ଯ୍ୟନ୍ତ କୌଣସି ପାଠ୍ୟକ୍ରମରେ ପଞ୍ଜୀକରଣ କରି ନ ଥିବା ଜଣାପଡିଛି।

# ବର୍ଷା ପାଇଁ ରେଡ୍ ୱାର୍ନିଂ



ଭୁବନେଶର,୬।୭(ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ସୋମବାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ କିଛି ଜିଲାକୁ ରେଡ୍ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁର ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଗୋଟିଏ କିମ୍ବା ୨ଟି ସ୍ଥାନରେ ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ୪୦ କି.ମି. ବେଗରେ ଝଡ଼୍‌କା ପବନ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା, ବଜ୍ରପାତ ସହ ଝଡ଼୍‌କା ପବନର ସମ୍ଭାବନା ରହିଛି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା

ବଲାଙ୍ଗୀର,୬।୭(ବୀରେନ୍ଦ୍ର କୁମାର ଝାଙ୍କର)

## ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କୁଳାଧିପତିଙ୍କ ନିକଟକୁ ପଠାଇଲେ ଇସ୍ତଫାପତ୍ର




କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳଙ୍କ ନିକଟକୁ ତାଙ୍କ ଇସ୍ତଫାପତ୍ର ପଠାଇଥିବା ଜଣାପଡିଛି। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବାକୁ ସେ ଅନୁରୋଧ କରିଥିବା ଜଣାପଡିଛି। ତାଙ୍କ ନିୟମିତ କାର୍ଯ୍ୟକାଳ ଅବଧି ସରିବା ପରେ କୁଳପତି ଭାବେ କାର୍ଯ୍ୟ କରିବାକୁ ତାଙ୍କ କାର୍ଯ୍ୟ କାଳକୁ ଅତିରିକ୍ତ ୬ ମାସ ବୃଦ୍ଧି କରାଯାଇଥିଲା। ତେବେ ଅତିରିକ୍ତ ଅବଧି ଶେଷ ନ ହେବା ପୂର୍ବରୁ ସେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଚିଠି ଲେଖିଛନ୍ତି।

ପ୍ରଫେସର ମହାପାତ୍ର ୨୦୨୧ ଏପ୍ରିଲ ୨୦ ତାରିଖରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ୧୯ ଏପ୍ରିଲ ୨୦୨୫ରେ ତାଙ୍କ କୁଳପତି ଅବଧି ଶେଷ ହୋଇଥିଲା। ଏହାପରେ ତାଙ୍କ କାର୍ଯ୍ୟକାଳକୁ ଆଉ ୬ ମାସ ବୃଦ୍ଧି କରାଯାଇଥିଲା। କୁଳପତି ପ୍ରଫେସର ମହାପାତ୍ରଙ୍କୁ ତାଙ୍କ ଇସ୍ତଫାପତ୍ର ବିଷୟରେ ପଚାରିବାରୁ ସ୍ୱାସ୍ଥ୍ୟଗତ କାରଣକୁ ନେଇ ସେ କୁଳାଧିପତିଙ୍କ ନିକଟକୁ ତାଙ୍କ ଇସ୍ତଫାପତ୍ର ପଠାଇଥିବା କହିଛନ୍ତି। ତେବେ ତାଙ୍କ ଇସ୍ତଫାପତ୍ର ଗ୍ରହଣ ହେବା ନେଇ କୌଣସି ସୂଚନା କୁଳାଧିପତିଙ୍କ କାର୍ଯ୍ୟାଳୟରୁ ଆସି ନ ଥିବା ଜଣାପଡିଛି। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟ ନୂଆ କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲେ ମଧ୍ୟ ଏଯାଏ ନୂଆ କୁଳପତି ନିଯୁକ୍ତି ସଂକ୍ରାନ୍ତରେ ଠୋସ୍ କିଛି ଜଣାପଡିନାହିଁ। ୪ ଦିନ ତଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ଫି ବୃଦ୍ଧିକୁ ନେଇ ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଏବେ ବି ଏହି ସମସ୍ୟାର ସମାଧାନ ହୋଇନାହିଁ। ଏଭଳି ସମୟରେ କୁଳପତି ପ୍ରଫେସର ମହାପାତ୍ର ଇସ୍ତଫା ଦେଇଥିବାରୁ ବିଶ୍ୱବିଦ୍ୟାଳୟ ଅନୁଶାସନକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ ପାଇଛି।

# କିଣା ବିକା ହେଲା, ଦଖଲମୁକ୍ତ ନେଇ ଚିନ୍ତା

ପାରଳାଖେମୁଣ୍ଡି/ବ୍ରହ୍ମପୁର,୬।୭
(ଗିରିଧାରୀ ପରିଛା/ସୁବାସ ଚନ୍ଦ୍ର ପାଢୀ)



Schedule I Form No.39-A

ଖତିୟାନ

ମୌଜା : ପର୍ଶୁରାମପୁର
ଥାନା : ପାରଳାଖେମୁଣ୍ଡି
ଥାନା ନମ୍ବର : 130

ତହସିଲ : ପାରଳାଖେମୁଣ୍ଡି
ତହସିଲ ନମ୍ବର : 130
ଜିଲ୍ଲା : ଗଜପତି

| | | | | | | |
|---|---|---|---|---|---|---|
| ଜମିଦାରଙ୍କ ନାମ ଓ ଖେୱାଟ ବା ଖତିୟାନର କ୍ରମିକ ନମ୍ବର | ଓଡ଼ିଶା ସରକାର 01 | | | | | |
| 1) ଖତିୟାନର କ୍ରମିକ ନମ୍ବର | 51 | | | | | |
| 2) ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଡକ୍ଟର ମାଟୁରୁ ଚନ୍ଦ୍ରଶେଖର ରାଓ ପି:ମାଟୁରୁ ସତ୍ୟନାରାୟଣ ଜା: କୁମୁଟି ବା: ପାରଳାଖେମୁଣ୍ଡି ମାର୍କେଟ ସାହି | | | | | |
| 3) ସ୍ୱତ୍ୱ | ରୟତି | | | | | |
| 4) ଦେୟ : | ଟଙ୍କକର | ଖଜଣା | ସେସ୍ | ନିସ୍ତାର ସେସ୍ ଓ ଅନ୍ୟାନ୍ୟ ସେସ୍ ଯଦି କିଛି ଥାଏ | ମୋଟ | 5) କ୍ରମବର୍ଦ୍ଧନଶୀଳ ଖଜଣାର ବିବରଣୀ |
| | | 445.00 | 334.00 | | 779.00 | |
| 6) ବିଶେଷ ଅନୁସଙ୍ଗ ଯଦି କିଛି ଥାଏ | MC No. 2238/09 ପ୍ରକାରେ ଖାତାଦାରଙ୍କ ନାମ ପରିବର୍ତ୍ତନ କରାଗଲା। | | | | | |

BLANK SPACE FOR STAMPING

ଅନ୍ତିମ ପ୍ରକାଶନ ତାରିଖ - 05/08/1978
ଖଜଣା ଧାର୍ଯ୍ୟ ତାରିଖ - 01/04/1978

ଡ.ମାଟୁରୁ ଚନ୍ଦ୍ରଶେଖର ରାଓଙ୍କ ନାମରେ ଥିବା ପଟ୍ଟା

ଗଜପତି ଜିଲା ଗୋଷାଣୀ ବ୍ଲକ କୋଟଲକଣ୍ଡା ଗ୍ରାମ ପଞ୍ଚାୟତର ଡାକ୍ତର ବାଞ୍ଜରି ଗ୍ରାମରେ ଥିବା ଡା.ମାଟୁରୁ ଚନ୍ଦ୍ରଶେଖର ରାଓ ତାଙ୍କର ୪୭ ଏକର ଜମି ବିକ୍ରି କରିଛନ୍ତି। ଏହା ପୂର୍ବରୁ ବ୍ରହ୍ମପୁରରେ ରହୁଥିବା ଡା. ମାଟୁରୁ ନିକଟରେ ଡାକ୍ତର ବାଞ୍ଜରି ଗ୍ରାମକୁ ଯାଇଥିଲେ। ତାଙ୍କ ଜମି ଜବରଦଖଲ କରି ଲୋକ ରହୁଥିବା ଦେଖିବାକୁ ପାଇଥିଲେ। ସେ ସେମାନଙ୍କ ସହିତ ଆଲୋଚନା କରି ଏହା ଦଖଲମୁକ୍ତ କରିବାକୁ କହିଥିଲେ। ମାତ୍ର ସେମାନେ ଶୁଣି ନ ଥିଲେ। ବିକ୍ରି ପରେ ଏବେ ସମ୍ପୃକ୍ତ ଜାଗା ଦଖଲମୁକ୍ତ ନେଇ ଚିନ୍ତାରେ ପଡିଛନ୍ତି ଡା. ମାଟୁରୁ। ଏହି ଜାଗାର ପଟ୍ଟା ଡା. ମାଟୁରୁଙ୍କ ନାମରେ ରହିଛି। ପଟ୍ଟାରେ ତାଙ୍କ ନାମ ସହ ମୌଜା ପର୍ଶୁରାମପୁର, ଖତିୟାନ କ୍ରମିକ ନଂ. ୫୧, ତହସିଲ ନଂ.୧୩୦, ଥାନା/ତହସିଲ ପାରଳାଖେମୁଣ୍ଡି ବୋଲି ଉଲ୍ଲେଖ ଅଛି। ତେବେ ଉକ୍ତ ଗାଁର କୌଣସି ରାଜସ୍ୱ ରେକର୍ଡ ନାହିଁ। ଅନ୍ୟପକ୍ଷରେ ବ୍ରହ୍ମପୁରର ଜଣେ ବ୍ୟକ୍ତି ସେମାନେ ରହୁଥିବା ସବୁତକ ଜାଗା କିଣିନେବା ସମ୍ପର୍କରେ ଜାଣିବା ପରେ ରବିବାର ଗ୍ରାମବାସୀ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଆମେ କେବେ ଆମ ଜାଗା ଖାଲି କରିବୁ ନାହିଁ କି ଘର ଛାଡି ଯିବୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଗ୍ରାମବାସୀ କହିଛନ୍ତି, ପୂର୍ବରୁ ଏହି ଜାଗା ମହାରାଜାଙ୍କ ଜମି ଥିଲା। ରାଙ୍ଗାରାଓ ନାମକ ଜଣେ ଡାକ୍ତରଙ୍କୁ ରାଜା ଜମିକୁ ଦାନ ସ୍ୱରୂପ ଦେଇଥିଲେ। ପରେ ସମ୍ପୃକ୍ତ ଡାକ୍ତର ରାଙ୍ଗାରାଓ ଗ୍ରାମ ଛାଡି କେଉଁଆଡେ ଚାଲିଯାଇଛନ୍ତି। ସେବେଠାରୁ ଆମେ ଗ୍ରାମବାସୀ ଏଠାରେ ବସବାସ କରିଆସୁଛୁ। ଇତିମଧ୍ୟରେ ୬ ଦଶନ୍ଧି ବିତିଗଲାଣି। ଏଠାରେ ଆମେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାରୁ ସୁଫଳ ପାଉଛୁ ବୋଲି ଗ୍ରାମର ଧର୍ମାରାଓ ଶବର, ରାମରାଓ ଶବର, ବାଲିମ ଶବର ପ୍ରମୁଖ କହିଛନ୍ତି। ସେମାନେ କହିଛନ୍ତି ଯେ, ଦୀର୍ଘ ଏତେ ବର୍ଷ ଧରି ଏଠାରେ ଆମେ ପରିବାର ସହ ବସବାସ କରି ଆସୁଛୁ। ୬ ଦଶନ୍ଧି ମଧ୍ୟରେ କେହି ଦାବିଦାର ଏଠାକୁ ଆସି ନ ଥିଲେ। ଆମ ପାଇଁ ସରକାରଙ୍କ ପକ୍ଷରୁ ଗ୍ରାମ ରାସ୍ତା, ବିଦ୍ୟୁତ୍, ଅଙ୍ଗନୱାଡି କେନ୍ଦ୍ର ଓ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ତେବେ ନିକଟରେ ଆସି ଦାବିଦାର କହୁଥିବା ଡା. ମାଟୁରୁ ଚନ୍ଦ୍ର ଶେଖର ରାଓ ଯଦି ଏହି ଜମି ତାଙ୍କର ଆଜିପର୍ଯ୍ୟନ୍ତ ସେ କୋଉଠି ଥିଲେ। ଅନ୍ୟର ଜମି ଉପରେ ସରକାର ଆମକୁ ବିଭିନ୍ନ ସୁବିଧା କିପରି ଯୋଗାଇ ଦେଲେ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଆମେ ମରିଯିବୁ ପଛେ ଇଞ୍ଚିଏ ଜମି ମଧ୍ୟ ଛାଡିବୁନି ବୋଲି ପ୍ରକାଶ କରିଛନ୍ତି।

ଏ ନେଇ ଜିଲାପାଳ ବିଜୟ କୁମାର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଡାକ୍ତର ବାଞ୍ଜରି ଗ୍ରାମବାସୀଙ୍କୁ କେହି ଲୋକ ଆସି ଜାଗା ଛାଡିବାକୁ କହିବାରୁ ଏହି ସମସ୍ୟା ନେଇ ଲୋକେ ଆସି ଜିଲା ପ୍ରଶାସନକୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ସେ ତହସିଲଦାରଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଅତିରିକ୍ତ ଜିଲାପାଳ କିମ୍ବା ରେଜିଷ୍ଟ୍ରେସନ ଅଫିସରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଏହି ଜାଗା ବିକ୍ରି ହୋଇଯାଇଥିବା ଶୁଣୁଛି। ଏହା ଉପରେ ଅନୁଧ୍ୟାନ କରିବି ବୋଲି ଜିଲାପାଳ କହିଥିଲେ।

**ଡାକ୍ତର ବାଞ୍ଜରି ଗ୍ରାମରୁ ଜାଗାକିଣା ଘଟଣା**

**ମରିଯିବୁ ପଛେ ଇଞ୍ଚେ ଜାଗା ଛାଡିବୁନି: ଗ୍ରାମବାସୀ**



୩ ଦିନ ଧରି ବର୍ଷା ଲାଗିରହିବା ଯୋଗୁ କେନ୍ଦୁଝର ଜିଲା କୁସୁମିତା-ଶଙ୍କାରୀ ରାସ୍ତାର ଏକ ପୋଲର ୨ ପାର୍ଶ୍ୱରୁ ମାଟି ଧୋଇଯାଇଛି।

# ଚାଇନାରେ ଟ୍ରେଣ୍ଡ୍ ପାଲଟିଛି ପଦ୍ମପତ୍ର ମାସ୍କ



ବେଜିଂ

ସୋସିଆଲ ମିଡିଆରେ ଅନେକ ଅଜବ ଟ୍ରେଣ୍ଡ୍ ଦେଖିବାକୁ ମିଳିଥାଏ। ନିକଟରେ ଚାଇନାର ବିଭିନ୍ନ ଅଞ୍ଚଳରେ ଯୁବପିଢ଼ିଙ୍କ ମଧ୍ୟରେ ଠିକ୍ ଏହିପରି ଏକ ନୂତନ ଟ୍ରେଣ୍ଡ୍ ଭାଇରାଲ ହେବାରେ ଲାଗିଛି। ଏହି ଟ୍ରେଣ୍ଡ୍ ଅନୁଯାୟୀ, ଯୁବପିଢ଼ି ପଦ୍ମ ପତ୍ରକୁ ମୁହଁରେ ମାସ୍କ ପରି ବାନ୍ଧିରିଲ୍ସ ତିଆରି କରୁଛନ୍ତି। ଦକ୍ଷିଣ ଚାଇନାର ଝେଜିୟାଙ୍ଗ୍, ସିଚୁଆନ୍ ଏବଂ ଫୁଜିଆନ୍ ଅଞ୍ଚଳରେ ପ୍ରଥମେ ଏହି ଟ୍ରେଣ୍ଡ୍ ଆରମ୍ଭ ହୋଇଥିଲା। ଯୁବପିଢ଼ି ପୋଖରୀରୁ ତାଜା ପଦ୍ମପତ୍ର ସଂଗ୍ରହ କରି ସେଗୁଡ଼ିକୁ ହେଲମେଟ୍ କିମ୍ବା ଟୋପିରେ ବାନ୍ଧି ମୁହଁକୁ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ଦେଉଛନ୍ତି। ଆଖିରେ ଦେଖିବା ପାଇଁ ଏବଂ ନାକରେ ନିଃଶ୍ୱାସ ନେବା ପାଇଁ ସେମାନେ ପଦ୍ମପତ୍ରରେ ୩ଟି କଣା କରି ମୁହଁରେ ପିନ୍ଧୁଥିବାର ବିଭିନ୍ନ ଭିଡିଓରେ ଦେଖିବାକୁ ମିଳିଛି। ଅନେକ ଭାଇରାଲ ଭିଡିଓରେ ଚାଇନାର ଯୁବପିଢ଼ିମାନେ ଏହି ପଦ୍ମପତ୍ର ମାସ୍କ ପିନ୍ଧି ଗାଡ଼ି କିମ୍ବା ସାଇକେଲ ଚଳାଉଥିବା ସହ ରାସ୍ତାରେ ଦୌଡୁଥିବାର ଦେଖାଯାଉଛନ୍ତି। ଏହି ମାସ୍କକୁ ପିନ୍ଧିବା ପରେ ଲୋକଙ୍କ ମୁହଁର ଆକାର ଦ୍ୱିଗୁଣିତ ହୋଇଯାଇଥିବା ପରି ମନେହୋଇଥାଏ, ଯାହାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ କରୁଥିବାର ଦେଖିବାକୁ ମିଳିଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ ଫୁଜିଆନ୍ ପ୍ରଦେଶର ଡାକ୍ତର ୟିନ୍ କହିଛନ୍ତି, ଟ୍ରେଣ୍ଡ୍ ହେଉଥିବା ଏହି ପଦ୍ମପତ୍ର ମାସ୍କକୁ ସେ ନିଜେ ମୁହଁରେ ଲଗାଇଥିଲେ। ଏହା ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ସେ କହିଛନ୍ତି। ପଦ୍ମ ପତ୍ର ସୂର୍ଯ୍ୟଙ୍କ କିରଣଠାରୁ ମଣିଷ ଶରୀରକୁ ରକ୍ଷା କରିଥାଏ। ତେଣୁ ଏହି ମାସ୍କ ମାଗଣା ଏବଂ ପରିବେଶ ଉପଯୋଗୀ ବୋଲି ସେ କହିଛନ୍ତି।

# ଅଟୋରିକ୍ସା ହ୍ୟାଣ୍ଡବ୍ୟାଗ୍



ନୂଆଦିଲ୍ଲୀ

ଅନ୍ତର୍ଜାତୀୟ ବ୍ରାଣ୍ଡ ଲୁଇସ୍ ଭିଟୋନ୍ ଦ୍ୱାରା ପ୍ରସ୍ତୁତ ଅଟୋରିକ୍ସା ଆକୃତିର ଏକ ହ୍ୟାଣ୍ଡବ୍ୟାଗ୍ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତର ଲୋକପ୍ରିୟ ତିନିଚକିଆ ଅଟୋକୁ ଲକ୍ଷ୍ୟରେ ରଖି ସିଗ୍ନେଚର୍ ମୋନୋଗ୍ରାମ ଚମଡ଼ାରେ ବ୍ୟାଗ୍‌କୁ ପ୍ରସ୍ତୁତ କରାଯାଇଛି। ତେବେ ଲୁଇସ୍ ଭିଟୋନ୍ ପକ୍ଷରୁ ଏପରି ପ୍ରଥମ ଥର ପାଇଁ କରାଯାଇ ନାହିଁ। ପୂର୍ବରୁ ଏହି ବ୍ରାଣ୍ଡ ଉଡ଼ାଜାହାଜ ପରି ଅନେକ ଲୋକପ୍ରିୟ ଭାରତୀୟ ଯାତାୟାତ ମାଧ୍ୟମକୁ ନେଇ ହ୍ୟାଣ୍ଡବ୍ୟାଗ୍ ପରି ବିଭିନ୍ନ ଦରକାରୀ ଜିନିଷପତ୍ର ତିଆରି କରିସାରିଛି। ଅଟୋରିକ୍ସା ଭାରତୀୟ ସଂସ୍କୃତିର ଏକ ଅଂଶ ହେବା ସହ ଏହା ଦୈନନ୍ଦିନ ଯାତାୟାତର ଏକ ମାଧ୍ୟମ ହୋଇଥିବାରୁ ଏହି ହ୍ୟାଣ୍ଡବ୍ୟାଗ୍ ସୋସିଆଲ ମିଡିଆରେ ଭାରତୀୟ ୟୁଜର୍ସଙ୍କୁ ଖୁବ୍ ଆକର୍ଷିତ କରିଛି।

# ଗୁପ୍ତଚର ଭୂମିକାରେ ରଣବୀର



ମୁମ୍ବାଇ

ବଲିଉଡ୍ ଅଭିନେତା ରଣବୀର ସିଂ ଗୁରୁବାର ତାଙ୍କ ୪୦ତମ ଜନ୍ମଦିନକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଧୁରନ୍ଧର'ର ନିର୍ମାତାଙ୍କ ପକ୍ଷରୁ ଫିଲ୍ମର ଟିଜରକୁ ଜାରି କରାଯାଇଛି। ଏହା ରଣବୀରଙ୍କ ପ୍ରଶଂସକଙ୍କ ପାଇଁ ନିଜ ଷ୍ଟାର୍ ଅଭିନେତାଙ୍କ ଜନ୍ମଦିନର ଉପହାର ସଦୃଶ ହୋଇଛି। ରଣବୀର ଏହି ଟିଜରକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଟିଜରରେ ତାଙ୍କୁ ଜଣେ ଗୁପ୍ତଚର ଭୂମିକାରେ ଦେଖିବାକୁ ମିଳିଛି। ସେହିପରି ଫିଲ୍ମରେ ରଣବୀରଙ୍କ ଲମ୍ବା କେଶ ଓ ଦାଢ଼ି ଥିବା ସହ ସେ ଦମ୍‌ଦାର ଲୁକରେ ନଜରକୁ ଆସିଛନ୍ତି ଏବଂ ତାଙ୍କର ଅନେକ ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ପୂରା ଟିଜର ରଣବୀରଙ୍କ ଆକ୍ସନ୍ ଏବଂ ଷ୍ଟଣ୍ଟରେ ଭରପୂର ରହିଛି। ଏହି ଟିଜରରେ ରଣବୀରଙ୍କ ବ୍ୟତୀତ ଅଭିନେତା ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ ଏବଂ ଆର୍ ମାଧବନ ମଧ୍ୟ ନଜରକୁ ଆସିଛନ୍ତି। ସେହିପରି ରଣବୀରଙ୍କ ପ୍ରେମିକାଙ୍କ ଭୂମିକାରେ ନବାଗତା ଅଭିନେତ୍ରୀ ସାରା ଅର୍ଜୁନ (୨୦)ଙ୍କୁ ଦେଖିବାକୁ ମିଳିଛି। ଟିଜରରେ ରଣବୀର ଓ ସାରାଙ୍କ ରୋମାନ୍ସ ସିନ୍ ମଧ୍ୟ ରହିଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର' ଫିଲ୍ମ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବ।

**'ଧୁରନ୍ଧର' ଟିଜର ଆଉଟ୍**


## ZILLA SWASTHYA SAMITI, NAYAGARH
**(Department of Health & FW, Govt. of Odisha)**

**Advertisement No: 1304/ DPMUNGR** **Date: 03.07.2025**

**CONTRACTUAL APPOINTMENT**

No. E-212:- Walk-In-Interview for filling up of different posts under National Health Mission, Nayagarh on contractual basis for a period of 11 months subject to renewal on satisfactory performance or till the end of the project period, which-ever is earlier. The monthly remuneration and other allowances shall be paid as mentioned against each post as per the OSH & FW Society norms and orders there under from time to time.

| Sl. No. | Name of the post | Vacancy | Remarks |
|---|---|---|---|
| 01. | Medical Officer (SNCU) | 01 | Walk-In-Interview on 22.07.2025 at 10.00 AM |
| 02. | Medical Officer (NPCDCS) | 02 | |
| 03. | MO(MBBS) (DEIC) | 01 | |
| 04. | Pediatrician (DEIC) | 01 | |
| 05. | Medical Officer (UHWC) | 02 | |
| 06. | Physiotherapist (Part Time) | Empanelment | Walk-In-Interview on 23.07.2025 at 10.00 AM |
| 07. | Yoga Teacher (Part Time) | Empanelment | Walk-In-Interview on 24.07.2025 at 10.00 AM |

The above positions are purely temporary and co-terminus with the scheme. Selection for the above posts shall be made strictly on merit basis. Canvassing in any form will render the candidate disqualified for the position. Vacancies shown above for the different posts are provisional and subject to change as per actual requirement. The candidates who are already working in Health & FW Department have to apply through proper channel. Candidates who have been disengaged from the society on administrative grounds such as disobedience/ poor performance/ misbehavior/ criminal activities etc. are not eligible to apply. Application Form, General Information and Instruction & other details can be downloaded from the district website https://nayagarh.odisha.gov.in. Here, the interested candidates fulfilling the eligibility criteria may attend the Walk-In-Interview at the District Training Unit (DTU), O/o. CDM & PHO, Nayagarh on the dates as mentioned against each post. The candidates are requested to register their name from 10.00 AM to 12.00 Noon, failing which their candidature shall not be considered. The Merit List for the above mentioned posts shall also be valid for one year from the date of approval & also remain valid for similar positions for other programmes under NHM. Incomplete application in any form is liable for rejection. The office of the undersigned will not be held responsible for any type of delay. No TA/ DA is admissible for attending the said Walk-In-Interview. The authority reserves the right to cancel any or all applications without assigning any reason thereof.

*OIPR-10050/11/0008/2526* **Sd./- CDM & PHO, Nayagarh**




## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**

**ବିଜ୍ଞାପନ**


No. g-59: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନରେ ଥିବା ୬ଜଣ ଶିଶୁ, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଭଗବତିପୁରସ୍ଥିତ ''ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନ'', ଗାଡ଼କଣସ୍ଥିତ ''ଓପେନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନ'' ଏବଂ ''ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନ''ରେ ରହିଆସୁଛନ୍ତି। ଯଦି ଏହି ଶିଶୁମାନଙ୍କର ମାତା, ପିତା, ଅଭିଭାବକ କିମ୍ବା ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଖୋର୍ଦ୍ଧା, ଫୋନ ନଂ.: ୦୬୭୫୫-୨୯୬୦୬୫, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଫୋନ ନଂ.: ୮୭୬୩୭୧୭୬୯୩ ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଫୋନ ନଂ.: ୬୩୭୧୬୫୪୦୪୫ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ-୨୦୧୫, ଧାରା-୩୦(୧୧) ଏବଂ ଧାରା-୩୮(୧) ଅନୁଯାୟୀ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ଦ୍ୱାରା ପରିତ୍ୟକ୍ତ ଘୋଷଣା କରାଯିବା ସହିତ ପୋଷ୍ୟ ସନ୍ତାନ ପାଇଁ ସମସ୍ତ ପଦକ୍ଷେପମାନ ଗ୍ରହଣ କରାଯିବ।

### ମହାବୀର ଶର୍ମା (ବାଳକ)
ଜନ୍ମ ତାରିଖ: ୨୦।୦୩।୨୦୧୭
କେସ୍ ନଂ. – ୬୮/୧୦୨୪



ତା୧୯।୦୩।୨୦୨୪ରିଖ ଦିନ ଏହି ଶିଶୁ ଜଣଙ୍କ ଚିଲିକା ନାଭାଲ ଫାଣ୍ଡି ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ଅସହାୟ ଅବସ୍ଥାରେ ଏକାକୀ ବୁଲୁଥିବା ବେଳେ ନାଭାଲ ଫାଣ୍ଡି ଦ୍ୱାରା ଶିଶୁଟିକୁ ଉଦ୍ଧାର କରାଯାଇଥିଲା ଏବଂ ବାଣପୁରସ୍ଥିତ ନେହରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନକୁ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଇବା ପାଇଁ ନାଭାଲ ଫାଣ୍ଡି ହସ୍ତାନ୍ତର କରିଥିଲେ। ନେହରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନ ଏହି ଶିଶୁଟିକୁ ତା୨୦।୦୩।୨୦୨୪ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଇଥିଲେ। ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଡୁମୁଡୁମାସ୍ଥିତ ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ ଓ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

### ସୋମନାଥ ନାୟକ (ବାଳକ)
ବୟସ: ୮ ବର୍ଷ
କେସ୍ ନଂ. – ୧୧୦୭/୨୨



ତା୦୬।୧୧।୨୦୨୨ରିଖ ତମାଣ୍ଡୋ ବଜାରରୁ ଏହି ଶିଶୁଟିକୁ ଅସହାୟ ଅବସ୍ଥାରେ ଭୁବନେଶ୍ୱର ତମାଣ୍ଡୋ ପୋଲିସ୍ ଉଦ୍ଧାର କରି ରୁଚିକା ଚାଇଲଡ୍ ଲାଇନ ମାଧ୍ୟମରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଇଥିଲେ। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ତାର ଯତ୍ନ ସୁରକ୍ଷା ନିମନ୍ତେ କଣ୍ଟାବାଡ଼ସ୍ଥିତ ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନରେ ଅବସ୍ଥାପିତ କରାଯାଇଅଛି।

### ଅନୁପମା (ଭିନ୍ନକ୍ଷମ ବାଳିକା)
ବୟସ: ୧୨ ବର୍ଷ
କେସ୍ ନଂ. – ୧୦୪୪/୧୪



ତା୨୭।୧୨।୨୦୧୮ରିଖ ଦିନ ଭୁବନେଶ୍ୱର ସତ୍ୟନଗରସ୍ଥିତ ମିଶନାରିଜ୍ ଅଫ୍ ଚାରିଟି ଅନୁଷ୍ଠାନ ଦ୍ୱାରା ଏହି ଭିନ୍ନକ୍ଷମ ଶିଶୁଟିକୁ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ତାର ଯତ୍ନ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

### ଭୋଳାନାଥ (ଭିନ୍ନକ୍ଷମ ବାଳକ)
ବୟସ: ୧୫ ବର୍ଷ
କେସ୍ ନଂ. – ୫୫୦/୧୮



ତା୧୮।୦୫।୨୦୧୮ରିଖଦିନ ଏହି ଶିଶୁଟିକୁ ଖୋର୍ଦ୍ଧା ସହରରୁ ସପୋର୍ଟ ଚାଇଲ୍‌ଡ ଲାଇନ ଟିମ୍ ଖୋର୍ଦ୍ଧା ଦ୍ୱାରା ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ଅବସ୍ଥାପିତ କରାଯାଇଅଛି।

### କାର୍ତ୍ତିକ (ଭିନ୍ନକ୍ଷମ ବାଳକ)
ବୟସ: ୫ ବର୍ଷ
କେସ୍ ନଂ. – ୯୫୯/୨୨



ତା୦୭।୦୮।୨୦୨୨ରିଖଦିନ ଏହି ଶିଶୁଟି ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନରୁ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଅସହାୟ ଅବସ୍ଥାରେ ରେଲୱେ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ତା'ର ଯତ୍ନ ଓ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ
**OIPR-33016/11/0014/2526** ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା



## ODISHA CONSTRUCTION CORPORATION LIMITED, BHUBANESWAR, ODISHA
**PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM**

**No. CAD-979** **e-Procurement Notice No. 17/OCCL/2025-26 (Online)**

Online item rate tenders are invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Tank Improvement/ Renovation/Modernisation works of 05 (Five) Nos. of Minor Irrigation Projects in Keonjhar District (Cluster-VI) under OIIPCRA Scheme | OCCL_TSI_CL_VI_01/2025-26 | Rs.8.18 Crore | Rs.8,18,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 2 | Tank Improvement/ Renovation/Modernisation works of 12 (Twelve) Nos. of Minor Irrigation Projects in Kalahandi & Bargarh District (Cluster-VII) under OIIPCRA Scheme | OCCL_TSI_CL_VII_01/2025-26 | Rs.3.93 Crore | Rs.3,93,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 3 | Tank Improvement/ Renovation/Modernisation works of 10 (Ten) Nos. of Minor Irrigation Projects in Mayurbhanj District (Cluster-VIII) under OIIPCRA Scheme | OCCL_TSI_CL_VIII_01/2025-26 | Rs.8.56 Crore | Rs.8,56,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 4 | Tank Improvement/ Renovation/Modernisation works of 02 (Two) Nos. of Minor Irrigation Projects in Keonjhar District (Cluster-IX) under OIIPCRA Scheme | OCCL_TSI_CL_IX_01/2025-26 | Rs.11.33 Crore | Rs.11,33,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |

Procurement Officer : Managing Director, OCCL
Date of Opening of the Tender: 08.08.2025, 15.30 Hrs. onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in, https://odishaconstruction.com**

**OIPR-34120/11/0037/2526** **Managing Director**



Government of Odisha
## OFFICE OF THE SUPERINTENDING ENGINEER, RURAL WORKS DIVISION-I, NABARANGPUR
**E-mail: eerwngp@rediffmail.com**

**Letter No. 3956** **Date: 04.07.2025**

**1st Corrigendum to Bid Identification No. EERWNGP-Online-02/2025-26 invited vide this Office Letter No. 3858, Dt.25.06.2025**

No. O-391: In continuation to this office tender ID No. EERWNGP-Online-02/2025-26 invited vide this Office Letter No. 3858 Dt.25.06.2025, partial modification of TCN has been made as follows:

| Sl. No. | Items | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | From 04.07.2025 at 10.00 A.M. to 14.07.2025 upto 3.00 P.M. | From 10.07.2025 at 10.00 A.M. to 20.07.2025 upto 3.00 P.M. |
| 2 | Date & time of opening of tender (Technical Bid) | 15.07.2025 at 11.00 A.M. | 21.07.2025 at 11.00 A.M. |
| 3 | Date & time of opening of tender (Financial Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**OIPR-25092/11/0016/2526** **Sd./- Superintending Engineer, Rural Works Division-I, Nabarangpur**



## GOVERNMENT OF ODISHA
**No.O-352**
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR
**e-Procurement Notice**

1 Name of work : Construction of Court Building for JMFC at Muribahal in the District of Bolangir for the year 2023-24
2 No. of works : 1 (One) work
3 Time for completion : 18 (Eighteen) Calendar Months
4 Approximate estimated cost : Rs.709.44 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, Rural Works Circle, Bolangir | BLGR-Online-04/2025-26 | 08.07.2025 at 11.00 A.M. | 23.07.2025 upto 5.00 P.M. | 22.07.2025 upto 5.00 P.M. | 24.07.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

**Sd./- Chief Construction Engineer**
**R.W.Circle, Bolangir**

**OIPR-25118/11/0036/2526**



## ODISHA STATE HOUSING BOARD
SACHIVALAYA MARG, BHUBANESWAR – 751001
**Phones EPABX: (0674) 2393524, 2390141, 2391542, 2393277,**
**FAX: (0674) 2393952**
**Visit us at: http://www.oshb.org**

**No.CAD-1008**

**No- 4871/OSHB** **Dated -01.07.2025**
File No- PEED-12/2024

**TENDER CALL NOTICE NO. 02/CE/OSHB/2025-26**

E-procurement notice for online bidding

Chief Engineer, OSHB invites online tenders as per the following schedule.

| Sl No | Name of the work | Approximate estimate cost in ₹ | EMD required in ₹ | Class of contractor | Period of completion |
|---|---|---|---|---|---|
| 1 | Supply, installation, commissioning testing, and inspection of 02 nos of 10(Ten) passenger lift to Head Office Building, OSHB, Bhubaneswar with dismantling and buyback of the existing lifts and Comprehensive Maintenance Contract (CMC) for a period of 03 years | 47.03 lakh | 48,000/- | **Manufacturer (OEM)/ Authorised Dealer** | 6 (Six) months |

1. Other details.

| Procurement Officer | Bid Identification No | Availability of Tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/ OSHB/2025-26 | From 05/07/2025 at 1.00 P.M | To Dt.18/07/2025 up to 3.00 P.M |

2. Place and date of opening of the bids - Office of the Chief Engineer, OSHB, Bhubaneswar at 12.30 P.M on Dt. 19/07/2025.

Further details can be seen from the website **www.tendersorissa.gov.in.**

**OIPR-13030/11/0715/2526** **Sd./- Chief Engineer**



## ODISHA PUBLIC SERVICE COMMISSION CUTTACK
**NOTICE**

**No. 4636/PSC., Dt. 04.07.2025**
**(1R-08-2025/26)(DR-V)**

**No.D-121** : It is for information of all concerned that, the candidate bearing following PPSAN have been shortlisted for interview for the post of **Professor in "Civil Engineering" of Govt. College of Engineering Kalahandi, Pursuant to Advt. No.04 of 2024-25**. The Interview in respect of said candidate will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 4.00 P.M. | P240311345 = **01 Candidate** |

**The candidate is advised to produce following documents at the time of interview:-**
1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidate is further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE : IT IS TO INFORM YOU THAT THE TEACHING ABILITY IS PART OF THE INTERVIEW. YOU NEED TO COME PREPARED TO PRESENT A TOPIC OF YOUR CHOICE RELATING TO CIVIL ENGINEERING WITH A DURATION OF 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

**OIPR-12002/11/0259/2526** **Sd./- Secretary**



## ODISHA PUBLIC SERVICE COMMISSION CUTTACK
**NOTICE**

**No. 4641/PSC., Dt. 04.07.2025**
**(1R-01-2025/26)(DR-V)**

**No.D-122** : It is for information of all concerned that, the candidates bearing following PPSAN have been shortlisted for interview for the post of **Professor in "Civil Engineering" of Govt. Engineering Colleges, Pursuant to Advt. No.31 of 2023-24**. The Interview in respect of said candidates will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 4.30 P.M. | P240302365, P240245064 & P240311345 = **03 Candidates** |

**The candidates are advised to produce following documents at the time of interview:-**
1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

**OIPR-12002/11/0260/2526** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘର ଭିତରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ବାଲେଶ୍ୱର,୬।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ କାଦ୍ରାମହାଦେବ ଅଞ୍ଚଳର ହିମାଂଶୁ ଶେଖର ପାଢ଼ୀଙ୍କ ସ୍ତ୍ରୀ ମଧୁସ୍ମିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ନିଆଁରେ ପୋଡ଼ି ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୧୫୯/୨୫) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍ୱାମୀ ହିମାଂଶୁଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରାଯାଉଛି।

ଘଟଣାରୁ ପ୍ରକାଶ, ସୋର ଥାନା ଅଭଣା ଅଠିଳାବାଦ ଗ୍ରାମର ଭାଗିରଥି ଦାସଙ୍କ କନ୍ୟା ମଧୁସ୍ମିତାଙ୍କ ସହ ହିମାଂଶୁଙ୍କର ୨୦୦୬ରେ ବୈଦିକ ରୀତିରେ ବିବାହ ହୋଇଥିଲା। ହିମାଂଶୁ ଜଣେ ବ୍ୟବସାୟୀ ଅଟନ୍ତି। ଉଭୟଙ୍କର ଏକ ୧୬ବର୍ଷର ପୁଅ ଅଛି। କିଛି ବର୍ଷ ହେବ ମଧୁସ୍ମିତା ରୋଗାକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ବିବାହବାର୍ଷିକୀ ଥିଲା। ହଠାତ୍ ସକାଳେ ଶାଶୁଘରୁ ମଧୁସ୍ମିତା ନିଆଁରେ ପୋଡ଼ି ହୋଇ ଆତ୍ମହତ୍ୟା କରିଥିବା ବାପଘରକୁ


ମଧୁସ୍ମିତା(ଫାଇଲ୍ ଫଟୋ)

ଖବର ଯାଇଥିଲା। ବାପଘର ଲୋକେ ପହଞ୍ଚି ଘର ଭିତର ପାଇଖାନା ନିକଟରେ ଝିଅର ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରିଛି। ପୂର୍ବରୁ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହୁଥିଲ। ବହୁଥର ଏହାର ସମାଧାନ ମଧ୍ୟ ହୋଇଥିଲା। ମଧୁସ୍ମିତାଙ୍କ ବାରମ୍ବାର ଦେହ ଅସୁସ୍ଥ କାରଣରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଆଇଆଇସି ବିଜୟ କୁମାର ଦାସ କହିଛନ୍ତି।

# ପ୍ରସୂତି ଓ ଶିଶୁମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ଉତ୍ତେଜନା

କେନ୍ଦ୍ରାପଡ଼ା, ୬।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ବଳଗଣ୍ଡିସ୍ଥିତ ସାଇ ନର୍ସିଂହୋମ୍‌ରେ ଜଣେ ପ୍ରସୂତି ଓ ଶିଶୁଙ୍କ ରବିବାର ମୃତ୍ୟୁ ହୋଇଛି। ଡାକ୍ତରଙ୍କ ଅବହେଳା ଦର୍ଶାଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏପରିକି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମୃତଦେହ ନେବାକୁ ପରିବାର ଲୋକମାନେ ମନା କରିଥିଲେ। ଏମିତି ୫ ଘଣ୍ଟା ଚାଲିଥିଲା। ଶେଷରେ ଟାଉନ ଥାନା ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ପ୍ରସୂତିଙ୍କ ସ୍ୱାମୀ ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ପାରାଦୀପଗଡ଼ ଗ୍ରାମର ସେକ୍ କୁନା ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଶ୍ୱଶୁରଙ୍କ ଘର ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମରେ। ତାଙ୍କ ସ୍ତ୍ରୀ ସେଠାରେ ରହିଥିବା ବେଳେ ପ୍ରସବ ବେଦନା ଆରମ୍ଭ ହେବାରୁ ସହରର ସାଇ ନର୍ସିଂହୋମରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକସ୍ତରରେ ପ୍ରସୂତି ଓ ଶିଶୁ ଭଲ ଅଛନ୍ତି ବୋଲି ନର୍ସିଂହୋମ୍ ପକ୍ଷରୁ କୁହାଯାଇଥିଲା। ହେଲେ ଏହାର ପ୍ରାୟ ୨ ଘଣ୍ଟା ପରେ ଉଭୟ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଏନେଇ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚାରିବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳି ଦେବା ସହିତ ବେପରୁଆ ଢଙ୍ଗରେ ଆଇନର ଆଶ୍ରୟ ନିଅ ବୋଲି କହିଥିଲେ। ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୧୩୫/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପ୍ରାଥମିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

# ଜବତ ଖଣିଜ ବୋହିନେଲେ

## ୫ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ଗଚ୍ଛିତ ଅଛି


ଲୁହାପଥର ଚୋରି ହୋଇଥିବା ସ୍ଥାନ।

ଯୋଡ଼ା,୬।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ନୟାଗଡ଼ ରେଳ ସାଇଡିଂଠାରୁ କିଛି ଦୂରରେ ଅବସ୍ଥିତ ଏକ ପ୍ଲଟ୍‌ରୁ ଚୋରା ଖଣି ବ୍ୟବସାୟୀ ଜବତ ଖଣିଜ ବୋହି ନେଇଛନ୍ତି। ପ୍ରାୟ ୫ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଗଚ୍ଛିତ ଥିବା ଲୁହାପଥର ଗଦାରୁ ଚୋରା ବ୍ୟବସାୟୀ ଅନାୟାସରେ ଟ୍ରକ୍ ଯୋଗେ ଖଣିଜ ବୋହି ନେଇଛନ୍ତି। ଶନିବାର ସନ୍ଧ୍ୟାରେ ବାହୁଡ଼ାର ସୁଯୋଗ ନେଇ ଏହି ଖଣିଜ ଚୋରି ହୋଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧ ତାରିଖରେ ଉକ୍ତ ସ୍ଥାନରୁ ଖଣିଜ ଚୋରି ସମୟରେ ବାମେବାରି ପୋଲିସ ଚଢ଼ାଉ କରି ୨ ଟ୍ରେଲର, ୨ କାର, ୬ ମୋବାଇଲ ଜବତ କରିଥିଲା। ଏଥିସହ ରାଉରକେଲା ଓ ଝାଡ଼ଖଣ୍ଡ ରାଜ୍ୟ ସମେତ କେନ୍ଦୁଝର ଓ ଚମ୍ପୁଆର ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଲୁହାପଥର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳକୁ ଯାଉଥିଲା। ଶନିବାର ରାତିରେ ପୁନଃ ଉକ୍ତ ସ୍ଥାନରୁ ଲୁହାପଥର ଚୋରି ହୋଇଥିଲେ ହେଁ ବିଭାଗ ଟେର ପାଇପାରିନାହିଁ। ନୟାଗଡ଼ ରେଳ ସାଇଡିଂ ସମେତ ବାଂଶପାଣି, ଜୁରୁଡ଼ି, ଦେଓଝର ପ୍ରଭୃତି ରେଳ ସାଇଡିଂ ନିକଟ ଅଞ୍ଚଳ ସମେତ ବନ୍ଦ ପଡ଼ିଥିବା କ୍ରଶର ହତାରେ ଲୁହାପଥର ଗଚ୍ଛିତ ହୋଇ ରହିଛି। ଏହି ଗଦାଗୁଡ଼ିକର ରକ୍ଷଣାବେକ୍ଷଣ ତଥା ଜଗୁଆଳି ବ୍ୟବସ୍ଥା କରାଯାଉ ନ ଥିବାରୁ ଚୋରି ଅଣାୟତ୍ତ ହେଉଛି। ଏକ ପରିତ୍ୟକ୍ତ ବନାଞ୍ଚଳ ଦଳପାହାଡ଼ରୁ ବେଆଇନ ମାଙ୍ଗାନିଜ ଖନନ ବେଳେ ମାଟି ଧସି ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଏକ ସପ୍ତାହ ଯାଏ ବହୁ ତତ୍ପରତା ଦେଖାଇଥିବା ସରକାରୀ ବାବୁମାନେ ଏବେ ପୁଣି ନୀରବଦ୍ରଷ୍ଟା ହୋଇ ବସିଛନ୍ତି। ଏ ନେଇ ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଲୁହାପଥର ଗଦା ହୋଇଥିବା ସ୍ଥାନଟି ଯାହାର ମାଲିକାନାରେ ଅଛି, ତାଙ୍କୁ ନୋଟିସ୍ ଜାରି କରାଯାଇଛି। ଆବଶ୍ୟକସ୍ଥଳେ ଏହି ଲୁହାପଥରକୁ ଓଡ଼ିଶା ଖଣି ନିଗମକୁ ହସ୍ତାନ୍ତର କରାଯାଇ ନିଲାମ କରାଯିବ।

# ପୁତୁରା ଟାଙ୍ଗିଆ ଚୋଟରେ ମଉସା ମୃତ

## ଗ୍ରାମବାସୀ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ

ନୟାଗଡ଼/ଦଶପଲ୍ଲା,୬।୭
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଟାକରା ପଞ୍ଚାୟତ ବୁଗୁଡ଼ା କଲୋନୀରେ ରବିବାର ପୂର୍ବାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ମଉସା କବିର ପ୍ରଧାନ(୭୦)ଙ୍କୁ ସମ୍ପର୍କୀୟ ପୁତୁରା ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଗୁଣିଗାରେଡିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ହେଲେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ଘଟଣା ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଗ୍ରାମବାସୀ ଅଭିଯୁକ୍ତ ପୁତୁରା ଅଶୋକ ମଳିକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ


ଅଭିଯୁକ୍ତ ଅଶୋକଙ୍କୁ ଲୋକେ କାବୁ କରିଛନ୍ତି।

ଏକ ମାମଲା(ନଂ.୧୮୯/୨୫)ରୁଜୁ କରି ତଦନ୍ତ କରୁଛି। ରକ୍ତଭିଜା ଟାଙ୍ଗିଆକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି। ଆଇଆଇସି ଅନିତା ସାହୁଙ୍କ ସୂଚନା ଅନୁସାରେ, ବୁଗୁଡ଼ା କଲୋନୀର କବିର ପ୍ରଧାନ ଜଣେ ଭଗବତପ୍ରେମୀ ଲୋକ। ତାଙ୍କର କାହା ସହ ଝଗଡ଼ା ଓ ଗଣ୍ଡଗୋଳ ନ ଥିଲା। ହତ୍ୟାକାରୀ ଅଶୋକ ଜଣେ ଅସାମାଜିକ ଯୁବକ। ଅଧିକାଂଶ ସମୟରେ ସେ ନିଶା ଖାଇ ଗାଁରେ ଗଣ୍ଡଗୋଳ କରନ୍ତି। ପ୍ରାୟ ୨ ବର୍ଷ ତଳେ ଅଶୋକ ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରୁଥିବାବେଳେ କବିର ଏହାକୁ ବିରୋଧ କରିଥିଲେ। ସେଦିନର ଘଟଣାକୁ ନେଇ କବିରଙ୍କୁ ଅଶୋକ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଗୁଣି ଗାରେଡିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ କହିଛନ୍ତି।

# ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୬।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ କାଙ୍କେର ଜିଲା ପୋଲିସ ୨ ମାଓବାଦୀଙ୍କୁ ରବିବାର ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ଦୁଇଜଣଙ୍କ ମଧ୍ୟରୁ ଜଣେ ମହିଳା ମାଓବାଦୀ ସୁକମୀ ପଦା ଓ ପୁରୁଷ ଲଖମୁ ପଦା । ଘଟଣାସ୍ଥଳରୁ ବନ୍ଧୁକ, ଆଇଇଡି ତିଆରି ସାମଗ୍ରୀ, ବସ୍ତ୍ର ଓ ଔଷଧ ସହ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଜବତ କରି ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା କାଙ୍କେର ପୋଲିସ ସୂତ୍ରରୁ ପ୍ରକାଶ ।

ସୂଚନା ଅନୁଯାୟୀ, କାଙ୍କେର ଜିଲା ପଖାର ଥାନା ଅନ୍ତର୍ଗତ କାଙ୍କେର ନାରାୟଣପୁର ସୀମାବର୍ତ୍ତୀ ସଟେମିତଡି ଜଙ୍ଗଲରେ ମାଓବାଦୀ ଥିବା ଖବରପାଇ ବିଏସ୍‌ଏଫ ଯବାନ କୋମ୍ବିଂରେ ଯାଇଥିଲେ। ସେଠାରେ ସର୍ଚ୍ଚ ସମୟରେ ଦୁଇଜଣଙ୍କୁ ଗିରଫ କରିଥିଲେ।


ଗିରଫ ମାଓବାଦୀ ଓ ଜବତ ଅସ୍ତ୍ରଶସ୍ତ୍ର।

# ପୂଜକଙ୍କୁ ତାଲା ମାରି ମନ୍ଦିରରୁ ଚୋରି

ରମ୍ଭା/ଖଲ୍ଲିକୋଟ,୬।୭
(ବନବାସୀ ସେଠୀ/ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳର ଖଲ୍ଲିକୋଟ ସାନଘାଟି ଉପରେ ଥିବା ଡାଳଖାଇ ମନ୍ଦିରରୁ ଚୋରି ହୋଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ପୂଜକଙ୍କୁ ବାହାରୁ ତାଲାପକାଇ ୨ ହୁଣ୍ଡି ଭାଙ୍ଗି ଟଙ୍କା ଓ ଅଳଙ୍କାର ନେଇଯାଇଛନ୍ତି। ମନ୍ଦିର ପରିଚାଳନା କମିଟି ତରଫରୁ ଏ ନେଇ ରମ୍ଭା ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ସିସି କ୍ୟାମେରାରେ ୩ ଦୁର୍ବୃତ୍ତ ଏହି କାଣ୍ଡ କରିଥିବା ଜଣାପଡିଛି। ୧୬ ନଂ ଜାତୀୟ ରାଜପଥରେ ରହିଛି ଖଲ୍ଲିକୋଟ ଘାଟି। ସାନଘାଟିରେ ପୂଜା ପାଉଛନ୍ତି ମା' ଡାଳଖାଇ ଭଗବତୀ। ଅଧିକାଂଶ ଗାଡ଼ି ଯିବାବେଳେ ସେଠାରେ ଅଟକି ହୁଣ୍ଡିରେ କିଛି ଦାନଦେଇ ଯାଇଥାନ୍ତି। ସେଠାରେ ଏକ ଘରେ ପୂଜକ ରହୁଛନ୍ତି। ଶନିବାର ସେ ଉକ୍ତ ଘରେ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ବାହାରୁ ତାଲା ମାରି ଦେଇଥିଲେ। ପରେ ମନ୍ଦିର କବାଟ ଓ ୨ଟି ହୁଣ୍ଡିକୁ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ଅଳଙ୍କାର ନେଇଯାଇଥିଲେ। ରବିବାର ସକାଳେ ପୂଜକ ଜଣକ ଉଠିଥିଲେ ମଧ୍ୟ କବାଟରେ ତାଲା ପଡିଥିବାରୁ ବାହାରକୁ ବାହାରି ପାରି ନ ଥିଲେ। ବହୁକଷ୍ଟରେ ଅନ୍ୟମାନଙ୍କୁ ଡାକିବାରେ ତାଲା ଭଙ୍ଗାଯାଇଥିଲା। ସେ ବାହାରକୁ ବାହାରି ମନ୍ଦିରରୁ ଚୋରି ହୋଇଥିବା ଦେଖିଥିଲେ। ବହୁ ଦିନ ଧରି ହୁଣ୍ଡି ଖୋଲା ଯାଇ ନ ଥିବାରୁ ସେଥିରେ ଲକ୍ଷାଧିକ ଟଙ୍କା ଥିବା ପୂଜକ ଜଣକ କହିଛନ୍ତି। ରମ୍ଭା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# Classified Everyday
0674-2580101, 9692975378


REAL ESTATE
SALE

କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330. D-76276

Pre Launch Booking open for 2BHK & 3BHK Residential flats At- Kalinga Nagar, Bhubaneswar, 7978751719/ 9124721060 D-71399

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Positively health benefits SPA expert female therapist homely atmosphere. 8658088274. D-1177

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit dtd- 04.07.2025, sworn before of Executive Magistrate Bhadrak I Bhajahari Dhal, (44 yrs), S/o- Brundaban Dhal, Vill- Balidandi, P.O.- Jamajhadi, Dist.- Bhadrak, declare that I have an LIC Policy bearing No.- 586579696 where is my name is wrongly mentioned Brajakishore Dhal. Further declare that Bhajahari Dhal and Brajakishore Dhal, S/o- Brundaban Dhal same and one person. D-1184

By virtue of an affidavit sworn before Executive Magistrate, Bhadrak, dated- 25.06.2025, I, Lambodar Pradhan, At- Guhalia, P.O.- Palikiri, P.S.- Dhamnagar, Dist.-Bhadrak, Odisha-756117 declare that I have changed my son's name from Gudu Pradhan to Saroj Kumar Pradhan. Henceforth, he shall be known as Saroj Kumar Pradhan for all purposes.
Lambodar Pradhan
D-1185

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

P.R. No.- 53, 04.07.2025

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଏବଂ ବନ୍ଦୋବସ୍ତଙ୍କ ଅଦାଲତ, ଶ୍ରୀ ପ୍ରବୀର କୁମାର ନାୟକ (ଓଡ଼ିଶା ପ୍ରଶାସନିକ ସେବା) ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
R.C. ରିଭିଜନ କେସ୍ ନମ୍ବର ୬୭/୨୦୨୩
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କାଳୀଚରଣ ବେହେରା ଏବଂ ଓଗେର ....ବାଦୀ
ବନାମ
ତହସିଲଦାର, ଖୋର୍ଦ୍ଧା ଏବଂ ଓଗେର ....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା
ପ୍ରତିବାଦୀ ନମ୍ବର ୨ ଏନ୍. ଗୋବର୍ଦ୍ଧନ ରାଓ, ବୟସ ୮୬ ବର୍ଷ, ପିତା- ମୃତ ଏନ୍. ଲକ୍ଷ୍ମଣ ରାଓ, ସା/ପୋ- ଶ୍ରୀକାକୁଲମ୍, ବର୍ତ୍ତମାନ ଠିକଣା: ଗ୍ରାମ- ଜଜାରସିଂହ, ପୋ/ଥାନା/ ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ଅଦାଲତରେ ମକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀ ୨ଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀ ନଂ ୨ ତାଙ୍କ ଗ୍ରାମରେ ରହୁ ନ ଥିବାରୁ ନୋଟିସଟି ଫେରସ୍ତ ଆସିଛି। ଉପରୋକ୍ତ ପ୍ରତିବାଦୀଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୨ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସର ଶୁଣାଣି ମାନ୍ୟବର ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ସରକାରୀ ଅଫିସ ୟୁନିଟ୍-୫, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୮।୯।୨୦୨୫ରିଖ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ
ମୌଜା- ତୋଟାପଡ଼ା, ଥାନା/ ତହସିଲ- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ପ୍ରି- ସାବିକ୍ ଖାତା ନଂ.- ୪୭୩, ପ୍ଲଟ୍ ନଂ.- ୮୨, ଏ୦.୮୬୭ଡି., ବୃହତ ବନ୍ଦୋବସ୍ତ ଖାତା ନଂ.- ୧୭୭, ପ୍ଲଟ୍- ୯୨, ଏ୦.୮୩୦ ଡି ଓ ଚୂଡ଼ାନ୍ତ ଚକବନ୍ଦୀ ପଟ୍ଟା ନଂ.- ୨୧୮, ଚକ ନଂ.-୬୬, ପ୍ଲଟ୍ ନଂ.- ୯୮, ଏ୦.୩୦୫ ଡି.।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ ୨ ସ୍ୱୟଂ କିମ୍ବା ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୦୪।୦୭।୨୦୨୫
ଭୁବନେଶ୍ୱର

ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୧୭୯

# ମନେ ପଡ଼ନ୍ତି

**ପଞ୍ଚବିଂଶ ସ୍ୱର୍ଗାରୋହଣ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ନକ୍ଷତ୍ରମାଳୀ ପଟ୍ଟନାୟକ
ସ୍ୱାମୀ: ଦିବଂଗତ ଗୋପୀନାଥ ପଟ୍ଟନାୟକ
ନୟାଗଡ଼- କରଣସାହି
ତିରୋଧାନ: ଅଧରପଣା ଦିବସ ୨୦୦୧
ଯେତେକଷ୍ଟ ତୋତେ ଦେଇଛି ସୀମା ତାହାର ନାହିଁ, ଅକଳ୍ପିତ ଆଶୀର୍ବାଦ ତୋ କିବା ବର୍ଣ୍ଣିବି ମୁହିଁ
ତୋ ଚରଣେ ମାତ ବନ୍ଦଇ ସ୍ମରି ପ୍ରାତଃ କାଳରେ, ଆଶୀର୍ବାଦ ଭିକ୍ଷା ମାଗଇ ମଥା ଥାପି ପୟରେ ।
-:ଶୋକସନ୍ତପ୍ତ:-
ଦିବାକର, ବ୍ରଜକିଶୋର ଓ ଅରୁଣା ବାଳା
ଧ-୧୧୮୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ପ୍ରକାଶ ଚନ୍ଦ୍ର ଦାସ (ଗୁନା)
ବୟସ-୮୫
ଗ୍ରାମ-ଗୁଆଳିଗୋରଡ଼ା, ଜି- ପୁରୀ
ଆବିର୍ଭାବ: ୨୦।୦୬।୧୯୪୦
ତିରୋଧାନ: ୨୭।୦୬।୨୦୨୫
ପୁରୀ ଜିଲ୍ଲାର ବ୍ଲକ ସ୍ତରୀୟ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ବାହାମଙ୍ଗପାଟଣା, ବଳଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ ।
ଶୋକସନ୍ତପ୍ତ: ପୁତ୍ର- ଦିଲ୍ଲୁ, ନିଲୁ, ବୁଲୁ, ଟୁଲୁ, ଜଗା, ବୋହୂ- ଦୀପା, ମିତା, ଟୁପା, ନାତି/ନାତୁଣୀ- ପିପି, ଗୁଡ୍ଡୁଲି, ଦିସା, ଗୁଡୁ, କୁବୁଲି, ଆକାଶ ସ୍ନେହର- ଜମ୍ପୀ, ନିତୁ, ଗୀତୁ, ବସନ୍ତ, ଶଶିପ୍ରଭା, ବିଜୟ, ଜଳା
ଧ-୧୧୮୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ
ଧ-୭୬୮୩୭

**ଅଷ୍ଟାଦଶତମ ଶ୍ରାଦ୍ଧବାର୍ଷିକୀ**



୰ଶ୍ରୀମତୀ ବିମଳିନୀ ଦାଶ୍ (କୁନି)
C/o- ନବକିଶୋର ଦାଶ୍
ପ୍ଲଟ୍- ୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ:- ଆଷାଢ଼ ଶୁକ୍ଲପକ୍ଷ ଦ୍ୱାଦଶୀତିଥି ତା: ୨୭।୦୭।୨୦୦୭
ଓଁ ମାତ୍ରାଦିଭ୍ୟୋ ନମଃ
ଓଁ ମାତ୍ରାଦୟଃ କ୍ଷମଧ୍ୱମ୍
ଓଁ ସାକ୍ଷିଣଃ ସନ୍ତୁମେ ଦେବା ବ୍ରହ୍ମା ବିଷ୍ଣୁ ମହେଶ୍ୱରାଃ ମୟା ଗୟାଂ ସମାଗତ୍ୟ ମାତୃଣାଂ ନିଷ୍କୃତିଃ କୃତା।
-:ଆପଣଙ୍କର ଚିରଋଣୀ:-
ରଜନୀ, ରାନୁ, ଯାମିନୀ, ଜ୍ୟୋସ୍ନା, ଲିନା, ରିନା, ନିନା, ବାଦଲ୍, ଯୁରି
ଧ-୧୧୬୯

# ହାର୍ଟ ବାଇପାସ୍ ସର୍ଜରି



ଡା. ବିଶ୍ୱଜିତ ମହାପାତ୍ର

''ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପରିବର୍ତ୍ତିତ ଜୀବନଶୈଳୀ, ଶାରୀରିକ ପରିଶ୍ରମର ଅଭାବ ସହ ଅସନ୍ତୁଳିତ ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ତେବେ ଏସବୁକୁ ବ୍ୟବସ୍ଥିତ କରିବା ସହ ହୃଦ୍‌ରୋଗର କୌଣସି ଲକ୍ଷଣ ଦେଖା ଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଏବଂ ଆବଶ୍ୟକ ସ୍ଥଳେ ହାର୍ଟ ବାଇପାସ୍ ସର୍ଜରି ଦ୍ୱାରା ରୋଗୀର ଜୀବନ ରକ୍ଷା କରାଯାଇପାରିବ...''





ହାର୍ଟ ହେଉଛି ମାଂସପେଶୀ ଦ୍ୱାରା ଗଠିତ ଏକ ପମ୍ପ, ଯାହାକି ପ୍ରତି ମୁହୂର୍ତ୍ତରେ ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ କରିଥାଏ। ହାର୍ଟର ମାଂସପେଶୀଗୁଡ଼ିକୁ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ, ଗ୍ଲୁକୋଜ ଏବଂ ଅନ୍ୟାନ୍ୟ ଖାଦ୍ୟସାର ଆବଶ୍ୟକ ହୋଇଥାଏ। ହାର୍ଟର ରକ୍ତନଳୀଗୁଡ଼ିକ ଏହିସବୁ ସାମଗ୍ରୀ ହାର୍ଟର ମାଂସପେଶୀଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚାଇଥାଆନ୍ତି। ଡାକ୍ତରୀ ଭାଷାରେ ଏହି ରକ୍ତନଳୀଗୁଡ଼ିକୁ କରୋନାରି ଅର୍ଟେରି ବୋଲି କୁହାଯାଏ। ହେଲେ ଡାଇବେଟିସ୍, ଧୂମପାନ ଏବଂ ରକ୍ତରେ ଚର୍ବି ମାତ୍ରା ବଢ଼ିବା ଭଳି ବିଭିନ୍ନ କାରଣରୁ ଏହି ରକ୍ତନଳୀ ଭିତରେ କୋଲେଷ୍ଟରଲ ଜମା ହେବା ଦ୍ୱାରା ବ୍ଲକେଜ ଦେଖାଦେଇଥାଏ। ଯାହାକୁ ଆଥେରୋସ୍କେଲରୋସିସ ବୋଲି କୁହାଯାଏ। ପ୍ରାରମ୍ଭରୁ ଏହାର ଚିକିତ୍ସା କରା ନ ଯାଇ ପାରିଲେ ହୃଦ୍‌ଘାତ ଆଶଙ୍କା ବୃଦ୍ଧିପାଇଥାଏ। ତେବେ ଏଭଳି କ୍ଷେତ୍ରରେ ରୋଗୀର ଜୀବନ ରକ୍ଷା ପାଇଁ ହାର୍ଟ ବାଇପାସ୍ ସର୍ଜରି ବେଶ୍ ଉପକାରୀ ହୋଇଥାଏ।

### ବ୍ଲକେଜ୍‌ର ଲକ୍ଷଣ

ହାର୍ଟର ରକ୍ତନଳୀଗୁଡ଼ିକରେ ବ୍ଲକେଜ ହେଲେ ମୁଖ୍ୟତଃ ଛାତିର ସାମ୍ନା ଭାଗରେ ଅଥବା ପେଟର ଉପରିଭାଗରେ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏହାକୁ ଆଞ୍ଜାଇନା ପେକ୍ଟୋରିସ ବୋଲି କୁହାଯାଏ। ଅନେକ ସମୟରେ ଲୋକେ ଏହି ପ୍ରକାରର ଯନ୍ତ୍ରଣାକୁ ପେଟର ଗ୍ୟାସ ବୋଲି ମନେକରି ଅଣଦେଖା କରିଥାଆନ୍ତି ଏବଂ ଡାକ୍ତରୀ ପରାମର୍ଶ ଲୋଡ଼ି ନ ଥାନ୍ତି। ହାର୍ଟର ରକ୍ତନଳୀରେ ବ୍ଲକେଜ୍ ମାତ୍ରା ଅଧିକ ହେଲେ ରୋଗୀଙ୍କୁ ବିଶ୍ରାମ କରିବା ଅବସ୍ଥାରେ ମଧ୍ୟ ଛାତିରେ ଯନ୍ତ୍ରଣା ହୋଇଥାଏ। ଏହାକୁ ଅନ୍‌ଷ୍ଟେବଲ ଆଞ୍ଜାଇନା ବୋଲି କୁହାଯାଏ। ପ୍ରାୟତଃ ଏହାକୁ ହାର୍ଟ ଆଟାକ୍‌ର ପୂର୍ବଲକ୍ଷଣ ବୋଲି ଧରାଯାଏ। ଯଦି କୌଣସି କାରଣରୁ ହାର୍ଟର ଗୋଟିଏ କିମ୍ବା ଅଧିକ ରକ୍ତନଳୀ ହଠାତ୍ ସମ୍ପୂର୍ଣ୍ଣ ଭାବରେ ବ୍ଲକ ହୋଇଥାଏ ତା' ହେଲେ ହାର୍ଟର ମାଂସପେଶୀଗୁଡ଼ିକୁ ରକ୍ତ ସଞ୍ଚାଳନ ସମ୍ପୂର୍ଣ୍ଣ ବନ୍ଦହୋଇଯାଇଥାଏ। ଏହି ପରିସ୍ଥିତିରେ ଛାତିରେ ଅତ୍ୟଧିକ ଯନ୍ତ୍ରଣା ହୁଏ। ଦେହରୁ ଝାଳ ବୋହିଯାଏ ଏବଂ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହୁଏ। ଏହାକୁ ହାର୍ଟ ଆଟାକ କୁହାଯାଏ।

### ବ୍ଲକେଜ ଯନ୍ତ୍ରଣା ଏବଂ ଏସିଡିଟି ବା ଗ୍ୟାସ୍ ଜନିତ ଯନ୍ତ୍ରଣା ମଧ୍ୟରେ ପାର୍ଥକ୍ୟ

ହାର୍ଟର ବ୍ଲକେଜ ଯନ୍ତ୍ରଣା ସାଧାରଣତଃ ପରିଶ୍ରମ କରିବାରେ କିମ୍ବା ପେଟଭରା ଖାଇବା ପରେ ହୋଇଥାଏ। ଏହା ସହିତ ଝାଳ ବୋହିଯାଇଥାଏ ଏବଂ ସମୟ ସମୟରେ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ମଧ୍ୟ ଅନୁଭବ ହୋଇଥାଏ। କିନ୍ତୁ ଏସିଡିଟି ବା ଗ୍ୟାସ୍ ଜନିତ ଛାତି ଯନ୍ତ୍ରଣାରେ ଏହି ସବୁ ଆନୁଷଙ୍ଗିକ ଲକ୍ଷଣଗୁଡ଼ିକ ଅନୁଭବ ହୋଇ ନ ଥାଏ। ହାର୍ଟବ୍ଲକେଜ ଜନିତ ଯନ୍ତ୍ରଣା ଛାତିରୁ ଗଳା, ବାମହାତକୁ ମଧ୍ୟ ଯାଇଥାଏ କିନ୍ତୁ ଗ୍ୟାସ୍ ଜନିତ ଯନ୍ତ୍ରଣା ପ୍ରାୟତଃ ପେଟର ଉପରିଭାଗ କିମ୍ବା ଛାତିର ମଧ୍ୟଭାଗରେ ସ୍ଥିର ରହିଥାଏ।

### ଛାତି ଯନ୍ତ୍ରଣା ନ ହୋଇ ହାର୍ଟ ଆଟାକ୍

ଯେଉଁ ରୋଗୀମାନଙ୍କର ଅତ୍ୟଧିକ ଡାଇବେଟିସ୍ ରହୁଥାଏ ସେହି ରୋଗୀମାନଙ୍କ କ୍ଷେତ୍ରରେ ଅନେକ ସମୟରେ ହାର୍ଟଆଟାକ୍ ଜନିତ ଛାତି ଯନ୍ତ୍ରଣା ଅନୁଭୂତ ହୋଇ ନ ଥାଏ। ଏହାକୁ ସାଇଲେଣ୍ଟ ହାର୍ଟ ଆଟାକ୍ ମଧ୍ୟ କୁହାଯାଏ।

### କିଭଳି କରାଯାଏ ପରୀକ୍ଷା

ହାର୍ଟ ଯନ୍ତ୍ରଣା ହେଲେ ସାଧାରଣତଃ ଡାକ୍ତର ଇସିଜି ପରୀକ୍ଷା କରାଇବାକୁ କହିଥାଆନ୍ତି। ଏଥିରୁ ଅନେକ ପ୍ରକାରର ହୃଦ୍‌ରୋଗର ନିରୂପଣ କରାଯାଇଥାଏ। ଏହା ବ୍ୟତୀତ କରୋନାରି ଆଞ୍ଜିଓଗ୍ରାଫି ପରୀକ୍ଷା ଦ୍ୱାରା ହାର୍ଟର କେଉଁ କେଉଁ ରକ୍ତନଳୀରେ ଏବଂ କେତେ ମାତ୍ରାରେ ବ୍ଲକେଜ ରହିଛି ତାହା ଠିକ୍ ଭାବରେ ନିରୂପଣ କରାଯାଇଥାଏ। ଏହି ପରୀକ୍ଷା ଆମ ରାଜ୍ୟର ପ୍ରାୟ ପ୍ରତ୍ୟେକ ବଡ଼ ଡାକ୍ତରଖାନାରେ ଉପଲବ୍ଧ।

### କ'ଣ ରହିଛି ଚିକିତ୍ସା

ହାର୍ଟର ରକ୍ତନଳୀରେ ବ୍ଲକେଜ ନିରୂପଣ ହେଲେ ଏହାର ଦୁଇ ପ୍ରକାର ଚିକିତ୍ସା ରହିଛି। ପ୍ରଥମତଃ ଷ୍ଟେଣ୍ଟିଂ ଏବଂ ଦ୍ୱିତୀୟତଃ ବାଇପାସ୍ ଅପରେଶନ। ସରଳ ଭାଷାରେ ବୁଝିବାକୁ ହେଲେ ଷ୍ଟେଣ୍ଟ ଏକ ଅତିକ୍ଷୁଦ୍ର ସ୍ପ୍ରିଙ୍ଗ ପରି ଯାହାକୁ କି ହାର୍ଟର ବ୍ଲକେଜ ରକ୍ତନଳୀ ମଧ୍ୟରେ ବସାଇ ଦିଆଯିବା ଦ୍ୱାରା ବନ୍ଦ ହୋଇଥିବା ରକ୍ତନଳୀଟି ଖୋଲିଯାଇଥାଏ ଏବଂ ଏଥିରେ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଯାଇଥାଏ କିନ୍ତୁ କେତେକ କ୍ଷେତ୍ରରେ ରକ୍ତନଳୀର ବ୍ଲକେଜ୍ ମାତ୍ରା ଅତ୍ୟଧିକ ଥିଲେ ରୋଗୀଙ୍କୁ ବାଇପାସ୍ ଅପରେଶନ ପାଇଁ ପରାମର୍ଶ ଦିଆଯାଇଥାଏ।

### ହାର୍ଟ ବାଇପାସ୍ ଅପରେଶନ କ'ଣ

ହାର୍ଟ ବାଇପାସ୍ ବା କରୋନାରି ଅର୍ଟେରି ବାଇପାସ୍ ଗ୍ରାଫ୍ଟିଙ୍ଗ (CABG) ଅପରେଶନ ଦ୍ୱାରା ହାର୍ଟରେ ବନ୍ଦ ହୋଇଯାଇଥିବା ରକ୍ତନଳୀଗୁଡ଼ିକର ପୁନର୍ବାର ରକ୍ତ ସଞ୍ଚାଳନ କରାଯାଇଥାଏ। ହାର୍ଟର ଅନ୍ୟାନ୍ୟ ଅପରେଶନ ପରି ବାଇପାସ୍ ଅପରେଶନ ମଧ୍ୟ ଏକ ଓପନ ହାର୍ଟ ଅପରେଶନ। ଏଥିରେ ରୋଗୀଙ୍କର ଛାତି ମଧ୍ୟରୁ କିମ୍ବା ହାତ ଅଥବା ଗୋଡ଼ରୁ କେତେକ ରକ୍ତନଳୀ ନିଆଯାଇ ତାକୁ ହାର୍ଟର ରକ୍ତନଳୀ ସହିତ ଯୋଡ଼ି ଦିଆଯାଇଥାଏ। ଯାହାଦ୍ୱାରା ହାର୍ଟର ରକ୍ତନଳୀରେ ରକ୍ତପ୍ରବାହ ସ୍ୱାଭାବିକ ହୋଇଯାଇଥାଏ। ବାଇପାସ୍ ଅପରେଶନ ପରେ ପ୍ରାୟତଃ ରୋଗୀ ଚାରିରୁ ପାଞ୍ଚଦିନ ମଧ୍ୟରେ ହସ୍ପିଟାଲରୁ ଘରକୁ ଫେରିଥାଆନ୍ତି। ଏହି ସମୟରେ ରୋଗୀ ନିଜେ ନିଜର ନିତ୍ୟକର୍ମ ସୁରୁଖୁରୁରେ କରିପାରିଥାନ୍ତି। ତେବେ ସଂପୂର୍ଣ୍ଣ ସୁସ୍ଥ ହୋଇ ନିଜର କର୍ମ କ୍ଷେତ୍ରରେ ଯୋଗ ଦେବା ପାଇଁ ପ୍ରାୟ ଦେଢ଼ମାସ ସମୟ ଲାଗିଥାଏ।

### ବାଇପାସ୍ ସର୍ଜରି ପରେ ଯତ୍ନ

ବାଇପାସ୍ ଅପରେଶନ ପରେ ରୋଗୀ ନିଜର ଯତ୍ନ ଠିକ୍ ଭାବେ ନେବା ଆବଶ୍ୟକ। ଏଥିପାଇଁ ଦିଆଯାଇଥିବା ଔଷଧଗୁଡ଼ିକ ନିୟମିତ ସେବନ କରିବା ଜରୁରୀ। ବ୍ଲଡ୍‌ପ୍ରେସର ଏବଂ ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ସୁଷମ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ସହିତ ମାନସିକ ଭାବରେ ମଧ୍ୟ ସକାରାତ୍ମକ ରହିବା ଆବଶ୍ୟକ। ଏହାଦ୍ୱାରା ବାଇପାସ୍ ଅପରେଶନ ପରେ ମଧ୍ୟ ରୋଗୀ ଏକ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିପାରିବେ।

ବିଜ୍ଞାନର ଅଗ୍ରଗତି ସହିତ ବର୍ତ୍ତମାନ ବାଇପାସ୍ ଅପରେଶନରେ ସଫଳତା ହାର ପ୍ରାୟ ୧୦୦%। ଏପରିକି ୭୫ ବା ୮୦ ବର୍ଷ ବୟସରେ ମଧ୍ୟ ରୋଗୀମାନେ ସଂପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିବା ସହିତ ପରବର୍ତ୍ତୀ କାଳରେ ସୁରୁଖୁରୁରେ ଜୀବନଯାପନ କରିପାରୁଛନ୍ତି। ଆମ ରାଜ୍ୟରେ ଅନେକ ବଡ଼ ବଡ଼ ହସ୍ପିଟାଲରେ ବାଇପାସ୍ ଅପରେଶନ କରାଯାଉଛି। ଏମିତିକି କେତେକ ରୋଗୀଙ୍କ କ୍ଷେତ୍ରରେ ବାଇପାସ୍ ଅପରେଶନ କି ହୋଲ ପଦ୍ଧତିରେ ବା ମିନିମାଲ ଇନ୍‌ଭାସିଭ ପଦ୍ଧତିରେ ମଧ୍ୟ ସଫଳତାର ସହିତ କରାଯାଇପାରୁଛି। ପ୍ରତିମାସରେ ଆମ ରାଜ୍ୟରେ ପ୍ରାୟ ଦୁଇଶହରୁ ଅଧିକ ରୋଗୀ ବାଇପାସ୍ ଅପରେଶନ ଦ୍ୱାରା ସୁସ୍ଥ ହୋଇପାରୁଥିବା ଏକ ଖୁସିର ବିଷୟ।

-ବରିଷ୍ଠ ହୃଦ୍ ଶଲ୍ୟ ବିଶେଷଜ୍ଞ
ଭୁବନେଶ୍ୱର
ମୋ: ୮୦୯୬୭୮୮୬୦୩

# ଛୋଟ କଥା, ହେଲେ...



ଆମ ଶରୀର ପାଇଁ ଜଳ କେତେ ଉପକାରୀ, ତାହା ପ୍ରାୟ ଅନେକ ଜାଣନ୍ତି। ଜୀବନ ଧାରଣ ପାଇଁ ଅମ୍ଳଜାନ ପରେ ଯେଉଁ ଜିନିଷର ଅଧିକ ଆବଶ୍ୟକତା ରହିଛି ତାହା ହେଉଛି ଜଳ ବା ପାଣି। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଥାଏ। ତେଣୁ ଆମକୁ ଆବଶ୍ୟକ ମୁତାବକ ଜଳ ପିଇବା ଦରକାର। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ଏହା ହେଉଛି ମୂଳ ଉପାଦାନ। ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ମଧ୍ୟ ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଅଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନହେଲେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେସନ୍ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥାଏ।

# ପୃଥୁଳତା ଓ ଡାଇବେଟିସ

ଡାଇବେଟିସ ବା ମଧୁମେହ ଏପରି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହା ଦ୍ୱାରା କବଳିତ ହେବା ପରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ବିଶେଷଭାବରେ ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ନଜର ଦେବାକୁ ହୁଏ। ଏହାବ୍ୟତୀତ ନିୟମିତ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ ମାପିବା ଏବଂ ବିଭିନ୍ନ ଶାରୀରିକ ପରୀକ୍ଷା କରାଇବା ବ୍ୟତୀତ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ। ଡାଇବେଟିସ୍ ଏଭଳି ଏକ ରୋଗ ଯାହା ପରୋକ୍ଷରେ ଆଉ କେତେକ ରୋଗର କାରଣ ସାଜିଥାଏ। ପୃଥୁଳତା ବା ଓଜନ ବୃଦ୍ଧିର ଡାଇବେଟିସ ସହ ସିଧାସଳଖ ସମ୍ପର୍କ ରହିଛି। କାରଣ ଓଜନ ଯଦି ଆବଶ୍ୟକତାଠାରୁ ବଢ଼ି ଚାଲେ ତାହେଲେ ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ବଢ଼ିବାର ଆଶଙ୍କା ରହିଛି। ଏହାବ୍ୟତୀତ ରକ୍ତରେ ଚର୍ବି ପରିମାଣ ମଧ୍ୟ ବଢ଼ିଯାଇଥାଏ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଲାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ ତେବେ ନିଜର ଓଜନକୁ ସନ୍ତୁଳିତ ରଖନ୍ତୁ। ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ବ୍ୟାୟାମ କଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।



# ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

# ଜାଣିରଖନ୍ତୁ...



- ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ଏହା ଆମ ଶରୀରରେ ଏକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କରେ, ଯେଉଁଥିରୁ ଖାଦ୍ୟରୁ ଶକ୍ତି ଉତ୍ପନ୍ନ ହୁଏ ଓ ଆମ ଶରୀରକୁ ସନ୍ତୁଳିତ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର କୋଷ ମଧ୍ୟକୁ ପ୍ରବେଶ କରେ ଓ ସମସ୍ତ ମାଂସପେଶୀକୁ ଶକ୍ତ ରଖେ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।
- ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

# ସୁସ୍ଥ ରହିବାର ସହଜ ଉପାୟ



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ସୁସ୍ଥ ରହିବା ନିହାତି ଦରକାର। ଏହାର କେତୋଟି ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଶାନ୍ତ ମନରେ ଖାଉଥିବା ଖାଦ୍ୟକୁ ଭଗବାନଙ୍କୁ ଅର୍ପଣ କରନ୍ତୁ। ଖାଇବା ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଭଲ। ଭୋଜନ ଗ୍ରହଣ ସମୟରେ କଥାବାର୍ତ୍ତା ଯେତେ କମ୍ ହେବେ ତାହା ସେତେ ଭଲ। ଏହି ସମୟରେ ଟିଭି ଦେଖିବାଠାରୁ ନିଜକୁ ଦୂରେଇ ରଖିଲେ ଆହୁରି ଭଲ। ଖାଦ୍ୟ ଖାଇବା ସମୟରେ ଏଣୁତେଣୁ ନ ଭାବି କିମ୍ବା ନିଜକୁ ଟେନସନ ବଶବର୍ତ୍ତୀ ନ କରି ଖାଆନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖାଇବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ପାଣି ପିଅନ୍ତୁ। ଠିକ୍ ଖାଦ୍ୟ ଖାଇବା ପରେ ପରେ ଆଇସକ୍ରିମ କିମ୍ବା ଥଣ୍ଡା ପାନୀୟ ପିଅନ୍ତୁ ନାହିଁ। ଏହାଦ୍ୱାରା ପାଚନକ୍ରିୟାରେ ବ୍ୟତିକ୍ରମ ଦେଖାଦେଇଥାଏ। ସବୁବେଳେ ଗରିଷ୍ଠଜାତୀୟ ଖାଦ୍ୟ ଖାଇବା ଅଭ୍ୟାସ ପରିବର୍ତ୍ତନ କରନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। କାରଣ ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଏସିଡିଟି (ଅମ୍ଳ) ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

## ସ୍ୱାସ୍ଥ୍ୟ ସୂଚନା

- କଲରାରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତା'ସହ ଶରୀରକୁ ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ।
- ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ରହିଥାଏ। ଏହାକୁ ସନ୍ତୁଳିତ ରଖିବାରେ ଦହିର ଭୂମିକା ମଧ୍ୟ ରହିଛି। ତା'ସହ ଏହାକୁ ଖାଇଲେ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ ରହେ।
- ରକ୍ତଚାପକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଏଥିପାଇଁ ନିୟମିତ ଔଷଧ ଖାଇବା ବ୍ୟତୀତ ସଜନା ଶାଗ ଖାଆନ୍ତୁ। ଏହା ମଧ୍ୟ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି କରିଥାଏ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।
- ଆଖୁ ରସରେ ଭିଟାମିନ୍-ସି ଭରି ରହିଛି। ଏହା ଶରୀରକୁ ବାହ୍ୟ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ।
- ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।



# ଅଧିକ ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଉଥିଲେ...

ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର। ଯଦି ଏଣୁତେଣୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର। କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ। ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ। ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୭/୨୦୨୫ Bhubaneswar, Monday, July 7/ 2025

# ବିଦେଶରେ ଭାରତର ସର୍ବବୃହତ୍ ବିଜୟ

**ବର୍ମିଂହାମ, ୬।୭**

ଉଭୟ ଇନିଂସରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଶତକ ଏବଂ ଦ୍ୱିତୀୟ ଇନିଂସ୍‌ରେ ଆକାଶ ଦୀପ୍‌ଙ୍କ ୬ ଉଇକେଟ ସଫଳତା ବଳରେ ଭାରତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୩୩୬ ରନରେ ପରାସ୍ତ କରିଛି। ଫଳରେ ପ୍ରଥମ ଟେଷ୍ଟ ପରାଜୟର ମଧୁର ପ୍ରତିଶୋଧ ନେଇଛି ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ୬୦୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୭୧ ରନରେ ଅଲ୍‌ଆଉଟ ହୋଇଛି। ଶେଷ ଭାଗରେ ଉଇକେଟ କିପର ଜେମି ସ୍ମିଥ ୮୮ ଓ ବ୍ରାଇଡନ କାର୍ସ ୩୮ ରନ କରିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ରନ ଦୃଷ୍ଟିରୁ ବିଦେଶ ମାଟିରେ ଭାରତର ଏହା ସବବୃହତ୍ ବିଜୟ।

**ଦ୍ୱିତୀୟ ଟେଷ୍ଟ**

- ଆକାଶ ଦୀପଙ୍କୁ ୬ ଉଇକେଟ ସଫଳତା
- ସିରିଜ ୧-୧ ସ୍ଥିତିରେ



ଉଇକେଟ ହାସଲ ପରେ ଉଲ୍ଲସିତ ଆକାଶ ଦୀପ୍।

ପୂର୍ବରୁ ୨୦୧୯ରେ ଆଣ୍ଟିଗୁଆଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୮ ରନରେ ବିଜୟୀ ହୋଇଥିଲା। ଭାରତର ଏହି ବିଜୟ ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ଭାରତ ୫୮୭ ଓ ଇଂଲଣ୍ଡ ୪୦୭ ରନ କରିଥିଲା। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୨୭/୬ରେ ଘୋଷଣା କରିଥିଲା। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏହା ପ୍ରଥମ ଟେଷ୍ଟ ବିଜୟ। ଆକାଶ ଦୀପ୍ ଏହି ଟେଷ୍ଟରେ ୧୦ ଉଇକେଟ ସଫଳତା ଲାଭକରି ଭାରତ ବିଜୟରେ ପ୍ରମୁଖ ବିଜୟ ଗ୍ରହଣ କରିଛନ୍ତି। ଭାରତ ପ୍ରଥମ ଏସୀୟ ଦଳ ଭାବେ ବର୍ମିଂହାମ୍‌ରେ ଟେଷ୍ଟ ମ୍ୟାଚ୍ ଜିତିଛି। ସିରିଜ୍‌ର ତୃତୀୟ ଟେଷ୍ଟ ଆସନ୍ତା ୧୦ ତାରିଖରେ ଲର୍ଡ୍ସରେ ଖେଳାଯିବ।

ବର୍ଷା ଯୋଗୁ ପଞ୍ଚମ ଦିବସ ଖେଳ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ୯୦ ଓଭର ପରିବର୍ତ୍ତେ ୮୦ ଓଭର ଖେଳାଯିବା ସ୍ପଷ୍ଟ ହୋଇଥିଲା। ପୂର୍ବ ଦିନର ଅସମାପ୍ତ ସ୍କୋର ୭୨/୩ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ମାତ୍ର ୮ ରନ ଯୋଗକରି ଓଲି ପୋପ୍‌ଙ୍କ ଉଇକେଟ ହରାଇଥିଲା। ୨୪ ରନ କରିଥିବା ପୋପ୍‌ଙ୍କୁ କ୍ଲିନ୍ ବୋଲ୍ଡ କରି ଆକାଶ ଦୀପ ଭାରତୀୟ ଶିବିରରେ ଖୁସି ଆଣି ଦେଇଥିଲେ। କେବଳ ସେତିକି ନୁହେଁ ଆକାଶ ନିଜ ପରବର୍ତ୍ତୀ ଓଭରରେ ସେଟ୍ ବ୍ୟାଟର ହ୍ୟାରୀ ବ୍ରୁକ୍‌ଙ୍କ ଉଇକେଟ ନେଇ ଭାରତକୁ ବିଜୟ ଦିଗରେ ଅଗ୍ରସର କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ବ୍ରୁକ୍ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ୮୩ ରନ ମଧ୍ୟରେ ୫ ଉଇକେଟ ହରାଇବାରୁ ବାଜ୍‌ବଲ୍ କ୍ରିକେଟ ଖେଳିବାରେ ବିଶେଷ ଜଣାଶୁଣା ଇଂଲଣ୍ଡ ବାଧ୍ୟ ହୋଇ ରକ୍ଷଣାତ୍ମକ ନୀତି ଅବଲମ୍ବନ କରି ମ୍ୟାଚ ବଞ୍ଚାଇବାକୁ ଉଦ୍ୟମ କରିଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜେମି ସ୍ମିଥ ସତର୍କତାର ସହ ବ୍ୟାଟିଂ କରି ଇନିଂସ ଆଗେଇ ନେଇଥିଲେ। ତେବେ ୬ଷ୍ଠ ଉଇକେଟରେ ୧୧୫ ବଲ୍‌ରୁ ୭୦ ରନ ଯୋଗ ହେବାପରେ ଷ୍ଟୋକ୍ସ (୩୩ ରନ)ଙ୍କୁ ୱାଶିଂଟନ ସୁନ୍ଦର ଆଉଟ କରିବାରୁ ଇଂଲଣ୍ଡ ପରାଜୟ ମୁହାଁ ହୋଇଥିଲା। ଲୋକାଲ ବୟ କ୍ରିସ୍ ୱୋକ୍ସ ଘରୋଇ ପରିବେଶରୁ ବିଶେଷ ଫାଇଦା ନେଇପାରି ନ ଥିଲେ। ସେ ମାତ୍ର ୭ ରନକରି ପ୍ୟାଭିଲିୟନ ଫେରିଥିଲେ। ସେତେବେଳକୁ ଭାରତ ପକ୍ଷରୁ ଆକାଶ ଦୀପ ୬ଟି ଏବଂ ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

କୌଣସି ସିରିଜର ପ୍ରଥମ ୨ଟି ଟେଷ୍ଟରେ ମୋଟ ସର୍ବାଧିକ ସ୍କୋରରେ ରେକର୍ଡ ହୋଇଛି। ପୂର୍ବରୁ ୧୯୨୪-୨୫ରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ଆଶେସ ସିରିଜର ପ୍ରଥମ ୨ ଟେଷ୍ଟରେ ୩୨୩୦ ରନ ହୋଇଥିଲା। ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇ ରହିଥିଲା। ସେହିପରି ଇଂଲଣ୍ଡରେ ଅନୁଷ୍ଠିତ କୌଣସି ଟେଷ୍ଟ ସିରିଜରେ ଦୁଇ ଦଳର ଉଇକେଟ କିପରଙ୍କ ମୋଟ ରନରେ ରେକର୍ଡ ହୋଇଛି। ପୂର୍ବରୁ ୧୯୯୩ ଆଶେସରେ ଇଂଲଣ୍ଡର ଆଲେକ ଷ୍ଟିୱାର୍ଟ (୩୭୮) ଓ ଅଷ୍ଟ୍ରେଲିଆର ଇଆନ ହିଲି (୨୯୬) ମୋଟ ୬୭୪ ରନକରି ରେକର୍ଡର ଅଧିକାରୀ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭। ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭। ଭାରତ ଦ୍ୱିତୀୟ ଇନିଂସ: ୪୨୭/୬ (ଘୋଷଣା)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧/ଅଲ୍‌ଆଉଟ (ଜେମି ସ୍ମିଥ-୮୮, ବ୍ରାଇଡନ କାର୍ସ-୩୮, ବେନ୍ ଷ୍ଟୋକ୍ସ-୩୩, ଆକାଶ ଦୀପ୍-୬/୯୯, ମହମ୍ମଦ ସିରାଜ-୧/୫୭, ପ୍ରସିଦ୍ଧ କ୍ରିଷ୍ଣା-୧/୩୯, ରବୀନ୍ଦ୍ର ଜାଡେଜା-୧/୪୦, ୱାଶିଂଟନ ସୁନ୍ଦର-୧/୨୮)।

# ସେପ୍ଟେମ୍ବରରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍

**କଟକ,୬।୭(କାର୍ତ୍ତିକ ସାହୁ)**

**ଭାଗନେବେ ଫ୍ରାଞ୍ଚାଇଜ୍ ଭିତ୍ତିକ ୬ ଦଳ**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ର ପ୍ରଥମ ସଂସ୍କରଣ ଆସନ୍ତା ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌ରେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଲିଗ୍ ରାଜ୍ୟ କ୍ରିକେଟକୁ ଏକ ନୂଆ ଦିଗ ଦେବ ବୋଲି ଓସିଏ ଆଶା ରଖିଥିବା ଏହାର ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ସମ୍ପାଦକ କହିଛନ୍ତି, ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଓଡ଼ିଶାର କ୍ରିକେଟ ଯାତ୍ରାରେ ଏକ ବୈପ୍ଳବିକ ପଦକ୍ଷେପ। ଉତ୍ତମ ପ୍ରତିଭା ଏବଂ ପ୍ରଗତିଶୀଳ ପ୍ରବନ୍ଧନ ସହିତ ଏହି ଲିଗ୍ ଭାରତୀୟ ଘରୋଇ କ୍ରିକେଟରେ ଏକ ଦୃଢ଼ ପରିଚୟ ଗଠନ କରିବ ବୋଲି ଆମେ ଆଶା ରଖୁଛୁ। ଓଡ଼ିଶା ଏଭଳି ଏକ ରାଜ୍ୟ ବିଭିନ୍ନ ଖେଳର ଉନ୍ନତି ପାଇଁ ଦାୟିତ୍ୱ ଗ୍ରହଣ କରିଆସିଛି, ଆଉ ଏବେ ସମୟ ହେଉଛି କ୍ରିକେଟର। ଓପିଟିଏଲ୍ ଏପରି ଏକ ପ୍ରତିଯୋଗିତା, ଯେଉଁଥିରେ ଉଦୀୟମାନ ପ୍ରତିଭାମାନେ ଶ୍ରେଷ୍ଠ ଖେଳାଳିମାନଙ୍କ ସହ ଖେଳିବାର ସୁଯୋଗ ପାଇବେ। ଯୋଜନା ଏବଂ ରୂପାନ୍ତରଣର ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ଓସିଏ ଏହି ଲିଗ୍ ଲାଗି ଅରିଭା ସ୍ପୋର୍ଟ୍ସ ସହିତ ସ୍ୱତନ୍ତ୍ର ପରିଚାଳନା ସହଯୋଗୀ ଭାବେ ଯୋଡ଼ି ହେଉଛି । ପଶ୍ଚିମ ବଙ୍ଗ, ବିଦର୍ଭ ଓ ସୌରାଷ୍ଟ୍ରରେ ଏହି ଅନୁଷ୍ଠାନ ସମାନ ପ୍ରକାର ଲିଗ୍‌କୁ ସଫଳତାର ସହ ରୂପାନ୍ତରଣ କରିଛି। ଅରିଭା ସ୍ପୋର୍ଟସ୍‌ର ସହଯୋଗୀ ପ୍ରତିଷ୍ଠାତା ରଜନୀଶ ଚୋପ୍ରା କହିଛନ୍ତି, ଓସିଏ ସହିତ ମିଶି ଏହି ଲିଗ୍ ପରିଚାଳନା କରିବାରେ ଆମେ ଅତ୍ୟନ୍ତ ଉତ୍ସାହିତ। ଏହା କେବଳ ମନୋରଞ୍ଜନ ନୁହେଁ, ବରଂ ତୃଣମୂଳ ସ୍ତରରୁ କ୍ରିକେଟର ଉନ୍ନତି ପ୍ରତି ଏକ ପଦକ୍ଷେପ। ଓଡ଼ିଶା ପ୍ରୋ ଟି୨୦ ଲିଗ ଲୁଚି ରହିଥିବା ପ୍ରତିଭାକୁ ସାମ୍ନାକୁ ଆଣିବାରେ ଓ ଭବିଷ୍ୟତରେ ରାଜ୍ୟର କ୍ରିକେଟ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ। ଲିଗ୍ ଆରମ୍ଭ ହେବା ସହିତ ଓସିଏ ବିଭିନ୍ନ ସଂସ୍ଥାଙ୍କୁ ଫ୍ରାଞ୍ଚାଇଜ୍ ଓନରଶିପ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ ଜଣାଉଛି। ଫ୍ରାଞ୍ଚାଇଜ୍ ରାଇଟ୍ସ ସୁନିଶ୍ଚିତ କରିବା ପାଇଁ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଡକ୍ୟୁମେଣ୍ଟ ଜୁଲାଇ ୭ ରୁ ୧୩ ତାରିଖ ପର୍ଯ୍ୟନ୍ତ ଓସିଏ ୱେବ୍‌ସାଇଟ (www.odishacricket.in-)ରୁ ଡାଉନଲୋଡ କରାଯାଇପାରିବ। ଆଗ୍ରହୀ ସଂସ୍ଥାମାନେ ଇଓଆଇରେ ଦିଆଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଆବେଦନ କରିପାରିବେ। ଫ୍ରାଞ୍ଚାଇଜ ଆବଣ୍ଟନ ଏକ ମେରିଟ-ଆଧାରିତ ପ୍ରକ୍ରିୟା ମାଧ୍ୟମରେ ହେବ। ଲିଗ୍‌ର ସୂଚୀ, ଦଳ ସଂଖ୍ୟା, ଖେଳାଳିଙ୍କ ଡ୍ରାଫ୍ଟ ଓ ବ୍ୟବସାୟିକ ଭାଗୀଦାରି ସମ୍ପର୍କରେ ଶୀଘ୍ର ଘୋଷଣା କରାଯିବ। ଏହି ଲିଗ୍ ଆୟୋଜନ ନିମନ୍ତେ ଓସିଏ ଆପେକ୍ସ କାଉନ୍‌ସିଲ ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।



ଓସିଏ ଆପେକ୍ସ କାଉନ୍ସିଲ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ୧,୫୦୦ ମିଟରରେ କିପ୍‌ୟେଗନ୍‌ଙ୍କ ବିଶ୍ୱ ରେକର୍ଡ

**ୟୁଜିନି, ୬।୭ (ଏପି):** ପ୍ରିଫଣ୍ଟେନ କ୍ଲାସିକ୍‌ରେ ମହିଳା ୧୫୦୦ ମିଟର ଦୌଡ଼ରେ ଭାଗନେଇ ଏକ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି କେନିଆର ଫେଥ୍ କିପ୍‌ୟେଗନ୍। ସେ ୩ ମିନିଟ ୪୮.୬୮ ସେକେଣ୍ଡ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଇଭେଣ୍ଟରେ ୩ଥର ଅଲିମ୍ପିକ ଚାମ୍ପିୟନ କିପ୍‌ୟେଗନ୍ ତାଙ୍କ ନିଜ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଗତବର୍ଷ ଜୁଲାଇରେ ପ୍ୟାରିସ ଗେମ୍ସରେ ୩:୪୯.୦୪ ସେକେଣ୍ଡ ଟାଇମିଂରେ ସେ ବିଶ୍ୱରେକର୍ଡ କରିଥିଲେ। ହେୱାର୍ଡ ଫିଲ୍ଡରେ ୩୧ବର୍ଷୀୟା କିପ୍‌ୟେଗନ୍‌ଙ୍କୁ ଦର୍ଶକମାନେ ଖୁବ୍ ଉତ୍ସାହିତ କରିଥିଲେ। ଫିନିଶ ଲାଇନ ଅତିକ୍ରମ କରିବାପରେ ସେ କେନିଆର ଜାତୀୟ ପତାକାରେ ତାଙ୍କ ଶରୀରକୁ ଢାଙ୍କି ଦେଇଥିଲେ। ଇଥିଓପିଆର ଡିର୍ବି ୱେଲଟେଜି ୩:୫୧.୪୪ ଟାଇମିଂରେ ରନରଅପ୍ ହୋଇଥିଲେ।

# ଅଶୋକ, ସୁସ୍ମିତାଙ୍କୁ ସ୍ୱର୍ଣ୍ଣ, ସବିତାଙ୍କୁ ବ୍ରୋଞ୍ଜ







ପଦକ ସହ ଅଶୋକ ଦଣ୍ଡସେନା, ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

**ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)**

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶା ପ୍ରତିଯୋଗୀମାନେ ରବିବାର ଅନ୍ତିମ ଦିବସରେ ମଧ୍ୟ ଚମକ ଦେଖାଇଛନ୍ତି। ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସବିତା ଟପ୍ପୋ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଣ୍ଡସେନା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ତାଙ୍କ ବ୍ୟକ୍ତିଗତ ପଦକ ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ୮୦୦, ୧୫୦୦ ଓ ୫୦୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଦଣ୍ଡସେନା ଶନିବାର ୧୦୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିଲେ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ସୁସ୍ମିତା । ସେ ପୂର୍ବରୁ ୧୫୦୦ ମିଟରରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଓ ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟଜଣେ ମହିଳା ଆଥଲେଟ୍ ସବିତା ଟପ୍ପୋ ୪x୧୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି।

କରାଟେର ପୁରୁଷ ୮୪ କେଜି ବର୍ଗରେ ରିତେଶ ରାୟ ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କ୍ୱାର୍ଟରରେ ଫ୍ରିଜ, ଖାଚାନୋଭ

**ଲଣ୍ଡନ,୬।୭:**

**ୱିମ୍ବଲଡନ ଚାମ୍ପିୟନଶିପ୍**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ପଞ୍ଚମ ସିଡ୍ ଟେଲର ଫ୍ରିଜ ଓ ୧୭ତମ ସିଡ୍ କାରେନ ଖାଚାନୋଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖାଚାନୋଭ ୬-୪, ୬-୨, ୬-୩ ସିଧାସଳଖ ସେଟ୍‌ରେ କମିଲ ମାଜଚର୍ଜଙ୍କୁ ହରାଇଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରିଜ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ ଭେଟିଥିଲେ। ପ୍ରଥମ ସେଟ୍‌କୁ ୬-୧ରେ ଜିତିଥିବା ଫ୍ରିଜ ଦ୍ୱିତୀୟ ସେଟ୍‌ରେ ୩-୦ରେ ଆଗରେ ଥିବା ବେଳେ ଥମ୍ପସନ ଇଞ୍ଜୁରୀ କାରଣରୁ ଓହରି ଯାଇଥିଲେ। ମହିଳା ସିଙ୍ଗଲ୍ସରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେ ପ୍ରି-କ୍ୱାର୍ଟର ଫାଇନାଲରେ ୭-୬(୭/୩), ୬-୪ ସେଟ୍‌ରେ ବ୍ରିଟେନର ସୋନେ କାର୍ତ୍ତାଲଙ୍କୁ ପରାସ୍ତ କରିଛନ୍ତି।

# ଇଣ୍ଡିଆ ହାଉସ୍‌ରେ ମହିଳା କ୍ରିକେଟ୍ ଦଳକୁ ସମ୍ବର୍ଦ୍ଧନା

**ଲଣ୍ଡନ, ୬।୭(ପି.ଟି.)**

ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍ ପାଇଁ ଇଂଲଣ୍ଡରେ ଥିବା ଭାରତୀୟ ମହିଳା କ୍ରିକେଟ ଦଳକୁ ଇଣ୍ଡିଆ ହାଉସ୍‌ରେ ଏକ ସମାବେଶରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ କୋଚ୍ ଅମୋଲ ମଜୁମଦାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଓ ସପୋର୍ଟ ଷ୍ଟାଫ ଭାରତର ହାଇ କମିଶନ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରେ ଭାରତୀୟ ହାଇ କମିଶନର ବିକ୍ରମ ଦୋରାଇସ୍ୱାମୀ ଭାରତୀୟ ଦଳର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

ଏମାନେ କ୍ରୀଡ଼ାରେ ବିପ୍ଳବ ଆଣିବା ସହ ଭାରତରେ ପ୍ରତ୍ୟେକ ବିଭାଗରେ ଅଂଶଗ୍ରହଣ କରିବାର ଚିନ୍ତାଧାରାରେ ପରିବର୍ତ୍ତନ କରିଛନ୍ତି। ତୁମେ ଓ ପୂର୍ବ ପିଢ଼ିର କ୍ରିକେଟ ଖେଳାଳିଙ୍କ ଯୋଗୁ ଆଜି ଏମିତି କିଛି ନାହିଁ ଯେ, ଯାହାକୁ ଭାରତୀୟ ମହିଳା କରିପାରିବେ ନାହିଁ ବୋଲି ଚିନ୍ତା କରିବେ। ତୁମ ପାଖରେ ଯାଦୁ ରହିଛି, ଯାହାକୁ ତୁମେ ଫିଲ୍ଡରେ ନିଜ ପ୍ରଦର୍ଶନ ଜରିଆରେ ଆମ ସଭିଙ୍କ ସହ ବାଣ୍ଟୁଛ। ସେଥିଲାଗି ଆମେ କୃତଜ୍ଞ। ଆମର କ୍ରିକେଟ, ହେଉ କି ହକି କିମ୍ବା ଅନ୍ୟ ଯେକୌଣସି ଖେଳରେ ଭାରତର ପ୍ରତିନିଧିତ୍ୱ କରୁଥିବା ଦଳ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେଉଛନ୍ତି ବୋଲି ଦୋରାଇସ୍ୱାମୀ କହିଥିଲେ। ଏହି ଅବସରରେ ଶିବାନୀ ଉବେରୋଇ, ୟୁକେ ଇମିଗ୍ରେଶନ ମନ୍ତ୍ରୀ ସୀମା ମଲହୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଇଂଲଣ୍ଡ ବିପକ୍ଷରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୧ରେ ଆଗରେ ଥିବା ବେଳେ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବୁଧବାର ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବ।



ଲଣ୍ଡନ ସ୍ଥିତ ଇଣ୍ଡିଆ ହାଉସରେ ସମ୍ବର୍ଦ୍ଧିତ ହେବା ଅବସରରେ ହାଇ କମିଶନର ବିକ୍ରମ ଦୋରାଇସ୍ୱାମୀଙ୍କ ସହ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା।

# ୱାର୍ଲ୍ଡ କ୍ଲବ୍ସ ଚାମ୍ପିୟନଶିପ୍‌ରୁ ପାକିସ୍ତାନକୁ ବାଦ୍ ଦିଆଯାଇପାରେ

**କରାଚୀ, ୬।୭(ପି.ଟି.)**

ଆସନ୍ତା ବର୍ଷ ଲାଗି ପ୍ରସ୍ତାବିତ ଥିବା ୱାର୍ଲ୍ଡ କ୍ଲବ ଚାମ୍ପିୟନଶିପ୍‌ରୁ ପାକିସ୍ତାନକୁ ବାଦ୍ ଦିଆଯାଇପାରେ। ସୂତ୍ରରୁ ଜଣାପଡ଼ିଛି ଯେ, ଜୟ ଶାହାଙ୍କ ନେତୃତ୍ୱାଧୀନ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ୱାର୍ଲ୍ଡ କ୍ଲବ୍ସ ଚାମ୍ପିୟନଶିପ୍‌କୁ ଫାଷ୍ଟଟ୍ରାକ କରାଯାଉଛି। ଏଥିରେ ଅଂଶଗ୍ରହଣ କରିବା ଲାଗି ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଚାମ୍ପିୟନ ଦଳକୁ ଆମନ୍ତ୍ରଣ କରା ନ ଯାଇପାରେ।

ଗତ ମାସରେ ଲଣ୍ଡନରେ ବସିଥିବା କ୍ରିକେଟ୍ କନେକ୍ଟ ମିଟିଂ ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ପିଏସ୍‌ଏଲ୍‌ର ସିଇଓଙ୍କୁ ପଠାଇବାକୁ କୁହାଯାଇଥିଲା। ଆଇସିସି ସମର୍ଥନରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ନିଆଯାଇଥିବା ପଦକ୍ଷେପରେ ଏମିରେଟ୍ସ ଲିଗ୍, ବିଗ୍ ବାଶ ଲିଗ୍, ଦି ହଣ୍ଡ୍ରେଡ୍, ସା୨୦, ଏମ୍‌ଏଲ୍‌ସି, କାରିବିଆନ ପ୍ରିମିୟର ଲିଗ୍ ଆଦି ବିଶ୍ୱର ଅଗ୍ରଣୀ ଫ୍ରାଞ୍ଚାଇଜଭିତ୍ତିକ ଲିଗ୍‌ର ସିଇଓ ଯୋଗ ଦେଇଥିଲେ। ହେଲେ ପିସିବି ପକ୍ଷରୁ କୌଣସି ପ୍ରତିନିଧି ଯୋଗଦେଇ ନ ଥିଲେ। ଉଲ୍ଲେଖଯୋଗ୍ୟ, ପିସିବି ମହସିନ ନକ୍‌ଭି ନିୟମିତ ଭାବେ ଆଇସିସି ବୈଠକରେ ଯୋଗଦିଅନ୍ତି ନାହିଁ। ଏଥିରେ ପ୍ରସ୍ତାବିତ ୱାର୍ଲ୍ଡ କ୍ଲବ୍ସ ଚାମ୍ପିୟନଶିପ୍, ଏହାର ୱିଣ୍ଡୋ, ଫର୍ମାଟ, କାର୍ଯ୍ୟସୂଚୀ ଆଦି ବିଷୟରେ ଆଲୋଚନା ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମର୍ଥନ ଥିଲେ ମଧ୍ୟ ଆଇପିଏଲ୍‌ର କୌଣସି ଦଳ ପ୍ରାରମ୍ଭିକ ୱାର୍ଲ୍ଡ କ୍ଲବ୍ସ ଇଭେଣ୍ଟରେ ଖେଳିବେ ନାହିଁ। ତେବେ ସୂତ୍ରରୁ କୁହାଯାଇଛି ଯେ, ସୌଦି କ୍ରିକେଟ ଲିଗ୍ ଯୋଜନାକୁ ବିଫଳ କରିବା ପାଇଁ ୱାର୍ଲ୍ଡ କ୍ଲବ୍ସ ଚାମ୍ପିୟନଶିପ୍‌କୁ ଫାଷ୍ଟ ଟ୍ରାକ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ